

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-59 ◆SUNDAY ◆23 AUGUST 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୫୯ ◆ରବିବାର ◆୨୩ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦


# ଅନ୍ଧାରରେ ଦେଶର ଶିକ୍ଷା ଓ ଶିକ୍ଷିତଙ୍କ ଭବିଷ୍ୟତ

## 'ନିଟ୍' ଯୁବପିଢ଼ିଙ୍କୁ ଚାକିରି ନାହିଁ କି ତାଲିମ ନାହିଁ

### 'ନିତି' ଆୟୋଗର ରିପୋର୍ଟ
### ଶିକ୍ଷା-ନିଯୁକ୍ତିଠାରୁ ଦୂରରେ ଦେଶର ୮.୭ କୋଟି ଯୁବକ
### ଚାକିରି ପାଇଁ ଯୋଗ୍ୟ ନୁହନ୍ତି ଭାରତୀୟ ଗ୍ରାଜୁଏଟ୍



■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତ ଏବେ ପୂର୍ବାପେକ୍ଷା ଅଧିକ ସ୍ନାତକ ସୃଷ୍ଟି କରୁଛି। ଏହା ସଫଳତା ବଦଳରେ ସଙ୍କଟର ଉତ୍ସ ପାଲଟିଛି। ସ୍ନାତକ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାକିରି ବଜାର ପାଇଁ ପ୍ରସ୍ତୁତ କରିବାରେ ବିଫଳ ହେଉଛି। ଅର୍ଥାତ୍, ସେମାନେ ଚାକିରି ପାଇବାରେ ଅସମର୍ଥ। ଏହି ଯୁବବର୍ଗ ହାସଲ କରିଥିବା ଡିଗ୍ରୀ ବେକାର। ନୀତି ଆୟୋଗର ଏକ ସଦ୍ୟତମ ନୂତନ ଗବେଷଣାତ୍ମକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟରେ ଡିଗ୍ରୀ ମାଧ୍ୟମରେ ଅର୍ଜନ କରାଯାଇଥିବା ଦକ୍ଷତା ଏବଂ ଚାକିରି ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ ପ୍ରକାଶ ପାଇଛି। ଏହାର ଅର୍ଥ ହେଉଛି ଦେଶରେ ଯୁବବର୍ଗଙ୍କୁ ପ୍ରଦାନ କରାଯାଉଥିବା ସ୍ନାତକ ଡିଗ୍ରୀ ସେମାନଙ୍କୁ ଚାକିରିଟିଏ ପ୍ରଦାନ କରିବାରେ ଅସମର୍ଥ। ରିପୋର୍ଟ ଅନୁଯାୟୀ, ଦେଶର ୮.୭ କୋଟି ଯୁବକ ନା ପାଠପଢୁଛନ୍ତି, କି ଚାକିରି କରୁଛନ୍ତି। ଏମାନେ ଶିକ୍ଷା କିମ୍ବା ନିଯୁକ୍ତିଠାରୁ ବାହାରେ ରହିଥିବା ▶ପୃଷ୍ଠା-୭

## ପୁଣି ବିବାଦରେ ଏନ୍‌ଟିଏ
## କପି ପାଇଁ ବିଜୁଳି କାଟ୍ !

### ସେପ୍ଟେମ୍ବର ୧ରେ ସାନି ଆୟୁଷ ପରୀକ୍ଷା

■ ଜୟପୁର, ୨୨।୮ (ଏଜେନ୍ସି): ପ୍ରଥମେ ନିଟ୍ ଏବଂ ପରେ ନେଟ୍ ପରୀକ୍ଷାରେ ବିଭ୍ରାଟ ଯୋଗୁଁ ବିବାଦରେ ଥିବା ଏନ୍‌ଟିଏ (ନେସନାଲ ଟେଷ୍ଟିଂ ଏଜେନ୍ସି) ଆଜି ପୁଣି ଫେଲ୍ ମାରିଛି। ଏହି ସଂସ୍ଥା ଦ୍ୱାରା ପରିଚାଳିତ ଆୟୁଷ ପରୀକ୍ଷାରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି। ଫଳରେ ପରୀକ୍ଷା ବାତିଲ କରାଯାଇ ପୁନଃପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରାଯାଇଛି। ଆଜି ସାରାଦେଶରେ ଅଲ୍ ଇଣ୍ଡିଆ ଆୟୁଷ ପୋଷ୍ଟ ଗ୍ରାଜୁଏଟ୍ ପ୍ରବେଶିକା ପରୀକ୍ଷା (ଏଆଇଏପିଜିଇଟି) ଅନୁଷ୍ଠିତ ହୋଇଥିଲା। ▶ପୃଷ୍ଠା-୭

### ସଫାସଫା ମନା କରିଦେଲେ ଗଣଶିକ୍ଷା ମନ୍ତ୍ରୀ
## ଏବେ କୌଣସି ନିଯୁକ୍ତି ନାହିଁ

### ମନ୍ତ୍ରୀଙ୍କ ନାସ୍ତିବାଣୀ ବଦଳାଇଲା ଆନ୍ଦୋଳନ ମୋଡ଼
### ଅନଶନ ଆରମ୍ଭ କଲେ ଶିକ୍ଷକ ନିଯୁକ୍ତି ଆଶାୟୀ

■ ଭୁବନେଶ୍ୱର, ୨୨।୮ (ସମିସ): ଏବେ କୌଣସି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ନାହିଁ। ପ୍ରକ୍ରିୟା ଜାରି ରହିଛି; ଠିକଣା ସମୟରେ ନିଯୁକ୍ତି ବାହାରିବ। କେବେ ନିଯୁକ୍ତି ହେବ ସେନେଇ ସରକାର କିଛି କହିପାରିବେ ନାହିଁ। ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ଧାରଣାରତ ଶିକ୍ଷକ ଆଶାୟୀ ସଂଘର ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଆଲୋଚନା କରିବା ସମୟରେ ମନ୍ତ୍ରୀ ଏପରି ନାସ୍ତିବାଣୀ ଶୁଣାଇଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏପରିକି ଅଲଗା ଚାକିରି କରୁ ନାହାନ୍ତି; କେବଳ ଶିକ୍ଷକ ଚାକିରି ପାଇଁ କାହିଁକି ଅପେକ୍ଷା କରିଛନ୍ତି ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଛି।

ଆଶାୟୀଙ୍କ ୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ସ୍ୱାଗତ ଦାସ, ରିତେଶ ବେହେରା, ବାଦଲ ବିଶ୍ୱାଳ, ଉତ୍ତମ ମେହେର୍ ପ୍ରମୁଖ ଲୋକସେବା ଭବନରେ ଗଣଶିକ୍ଷା ▶ପୃଷ୍ଠା-୭


ନନ୍ଦିଘୋଷ | ସକାଳ THE SAKALA

Presenting Sponsor
SIKSHA 'O' ANUSANDHAN

ଓଡ଼ିଶା ଅଭ୍ୟୁଦୟ
Looking back, moving forward
Odisha Abhyudaya Conclave

Supported by
vedanta aluminium
MCL
SAI INTERNATIONAL SCHOOL
SAI International Residential School
STALWART



Chief Guest
Dr. Hari Babu Kambhampati
Hon'ble Governor
Odisha

25th (Tuesday) & 26th (Wednesday)
August 2026

Conclave Starts : 10.30 AM

Venue : Railway Auditorium,
Rail Vihar, Chandrasekharpur, Bhubaneswar

25th August 2026

SESSION-1
Topic - Odisha's Road to Prosperity – Years of Transformation
Sj. Jaydev Jena, Former Minister & Sr. Congress Leader
Sj. Suresh Pujari, Minister, Revenue and Disaster Management
Sj. Bhrugu Baxipatra, Sr. General Secretary, BJD

SESSION-2
Topic - Naveen Patnaik – A Statesman Beyond Politics
Sj. Prafulla Ch. Ghadai, Former Minister & Sr. Politician
Sj. Suresh Kumar Routray, Former Minister & Sr. Congress leader
Sj. Prahalad Singh, Columnist
Sj. Kedar Mishra, Editor, Writer & Sr. Journalist

SESSION-3
Topic - Odisha – Emerging Education Hub
Prof. Ajay Pattanaik, Former Dean SIS JNU & Educationist
Dr. Sanjeeb Rout, Founder Chairperson, C.V. Raman Global University
Sj. Satyabrata Minaketan, Chairman, ODM Educational Group

SESSION-4
Topic - Empowering Women
Smt. Sulochana Das, Mayor, BMC
Smt. Sofia Firdous, MLA, Cuttack Barabati
Smt. Sruti Mohapatra, Founder CEO Swabhiman

26th August 2026

SESSION-1
Topic - Multi-Party vs. Bi-Party System
Prof. Manoj Kumar Jha, MP, Rajya Sabha, RJD
Sj. Sandosh Kumar P., MP, Rajya Sabha, CPI
Smt. Aparajita Sarangi, MP, Bhubaneswar, BJP
Sj. Arun Kumar Sahoo, Former Minister & MLA, BJD

SESSION-2
Topic - Odisha: Sports Powerhouse
Sj. Ranjeeb Biswal, Cricket Administrator & Former MP
Sj. Sambit Mohapatra, Sr. Journalist
Smt. Anuradha Biswal, Olympian
Smt. Minati Mohapatra, Cyclist & Arjuna Awardee

SESSION-3
Topic - Odisha's Disaster Shield – Disaster Management Model
Dr. Mrutyunjay Mohapatra, Director General of Meteorology, India Meteorological Department
Sj. Pradipta Kumar Mohapatra, Retd. IAS, Ex-Additional Chief Secretary, Govt. of Odisha
Sj. Bibhuti Bhusan Gadanayak, Disaster Risk Management Expert & UN Consultant

SESSION-4
Topic - Odisha's Roadmap for 2036
Sj. Bhakta Charan Das, President, Odisha Pradesh Congress Comittee
Sj. Debi Prasad Mishra, Former Minister & Sr. Vice President, BJD
Sj. Pradeep Kumar Purohit, MP, Bargarh, BJP

# ଜାତିସଂଘର ପ୍ରଥମ ମହିଳା ମୁଖ୍ୟ ହେବା ସମ୍ଭାବନା

ନ୍ୟୁୟର୍କ, ୨୨।୮(ଏଜେନ୍ସି): ଜାତିସଂଘର ପରବର୍ତ୍ତୀ ମହାସଚିବ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଚାଲିଥିବା ଅନୌପଚାରିକ ଭୋଟ୍ ଦୌଡ଼ରେ ଗୁଏନାର କାରୋଲିନ୍ ରୋଡ୍ରିଗେଜ୍-ବର୍କେଟ୍ ପ୍ରଥମ ସ୍ଥାନରେ ଥିବାବେଳେ କୋଷ୍ଟାରିକାର ରେବେକା ଗ୍ରାଇନ୍ସପାନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜାତିସଂଘର ୮୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଜଣେ ମହିଳା ମହାସଚିବ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବର୍ତ୍ତମାନର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ଙ୍କ କାର୍ଯ୍ୟକାଳ ୨୦୨୬ ମସିହା ଡିସେମ୍ବର ୩୧ ତାରିଖରେ ଶେଷ ହେଉଛି। ବର୍ତ୍ତମାନ ମୋଟ ୮ ଜଣ ପ୍ରାର୍ଥୀ ଦୌଡ଼ରେ ଥିବାବେଳେ ସେଥିମଧ୍ୟରୁ ୫ ଜଣ ମହିଳା ଅଛନ୍ତି। ନିରାପତ୍ତା ପରିଷଦର ୧୫ ଜଣ ସଦସ୍ୟ ଏବଂ ପାଞ୍ଚଟି ସ୍ଥାୟୀ ରାଷ୍ଟ୍ରଙ୍କ ସମର୍ଥନ ଏହି ପଦବୀ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଜାତିସଂଘ ମହାସଚିବ ସିଧାସଳଖ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ପ୍ରଥମେ ନିରାପତ୍ତା ପରିଷଦରେ ଗୁପ୍ତ ମତଦାନ କରାଯାଇ ପ୍ରାର୍ଥୀମାନଙ୍କୁ ସମର୍ଥନ ଅଣାଯାଏ ଏବଂ ଶେଷରେ ସାଧାରଣ ସଭା ଏହାକୁ ଅନୁମୋଦନ କରେ। ଆମେରିକା, ରୁଷ, ଚୀନ୍, ବ୍ରିଟେନ୍ ଏବଂ ଫ୍ରାନ୍ସ ଭଳି ସ୍ଥାୟୀ ରାଷ୍ଟ୍ରମାନଙ୍କର ଭିଟୋ କ୍ଷମତା ଥିବାରୁ ସେମାନଙ୍କର ବିରୋଧ ନକରିବା ନିହାତି ଆବଶ୍ୟକ। ୨୦୦୬ ମସିହାରେ ଭାରତୀୟ ସାଂସଦ ଶଶୀ ଥରୁର ମଧ୍ୟ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ବିକାଶଶୀଳ ଦେଶଗୁଡ଼ିକର ପ୍ରଭାବ ଏବଂ ଆଞ୍ଚଳିକ ଭାରସାମ୍ୟ ରକ୍ଷା କରିବା ପାଇଁ ଏଥର ଜାତିସଂଘକୁ ଜଣେ ମହିଳା ମୁଖ୍ୟ ମିଳିବାର ପ୍ରବଳ ସମ୍ଭାବନା ରହିଛି।


# ପାକିସ୍ତାନର ଆତଙ୍କବାଦୀ ତାଲିକାରେ ସାମ୍ବାଦିକ

ଇସ୍ଲାମାବାଦ, ୨୨।୮(ଏଜେନ୍ସି): ପିଓକେରେ ଚାଲିଥିବା ଆନ୍ଦୋଳନ ଏବଂ ସେନା ଦମନଲୀଳାକୁ କଭର୍ କରିଥିବା ଜଣାଶୁଣା ସାମ୍ବାଦିକ ଦାନିଶ ଇର୍ଶାଦଙ୍କୁ ପାକିସ୍ତାନ ସରକାର ଆତଙ୍କବାଦୀ ତାଲିକାରେ ସାମିଲ କରିଛନ୍ତି। ବିନା କୌଣସି କୋର୍ଟ ନିର୍ଦ୍ଦେଶ କିମ୍ବା ଆଇନଗତ ମାମଲାରେ ତାଙ୍କୁ ‘ଚତୁର୍ଥ କ୍ରମସୂଚୀ’ ଆତଙ୍କବାଦୀ ତାଲିକାରେ ରଖାଯାଇଥିବା ବେଳେ ଏହାଦ୍ୱାରା ତାଙ୍କର



ବ୍ୟାଙ୍କଖାତା ଏବଂ ଗସ୍ତ ଉପରେ କଟକଣା ଲାଗିଛି। ଦାନିଶ ଇର୍ଶାଦ ଗତ ୧୦ ବର୍ଷ ହେବ ଅଧିକୃତ କାଶ୍ମୀର ଏବଂ ଗିଲଗିଟ୍-ବାଲ୍ଟିସ୍ତାନର ରାଜନୈତିକ ସ୍ଥିତି ଓ ଆନ୍ଦୋଳନ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଆସୁଛନ୍ତି। ସରକାରୀ ଆଦେଶରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ କିମ୍ବା ଆତଙ୍କବାଦ ସହ ସମ୍ପୃକ୍ତିର ପ୍ରମାଣ ଦିଆଯାଇ ନାହିଁ। ସୋସିଆଲ ମିଡିଆ ମାଧ୍ୟମରେ ସେ ନିଜ ନାମ ଏହି କଳା ତାଲିକାରେ ଥିବା ଜାଣିବାକୁ ପାଇଥିଲେ। ପାକିସ୍ତାନର ଏପରି ପଦକ୍ଷେପକୁ ସାମ୍ବାଦିକ ସଂଘ ଏବଂ ମାନବିକତାବାଦୀ କର୍ମକର୍ତ୍ତାମାନେ ଗଣମାଧ୍ୟମର ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ ବୋଲି କହିଛନ୍ତି। ଏହି ଆତଙ୍କବାଦୀ ତାଲିକାରେ ସାମିଲ ହେବା କାରଣରୁ ଦାନିଶ ଇର୍ଶାଦଙ୍କୁ ବିଦେଶ ଗସ୍ତ, ପାସପୋର୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ। ଜଣେ ନିରପେକ୍ଷ ସାମ୍ବାଦିକଙ୍କ ବିନା ବିଚାରରେ ଆତଙ୍କବାଦୀ ତାଲିକାରେ ନାମ ଯୋଡ଼ିବା ପାକିସ୍ତାନରେ ସାମ୍ବାଦିକତା ଏବଂ ମୁକ୍ତ ଚିନ୍ତାଧାରା କେତେ ଅସୁରକ୍ଷିତ ତାହା ସ୍ପଷ୍ଟ କରୁଛି।

# ପରିବାର ବିବାଦ: ଶ୍ୱଶୁରଘର ଲୋକଙ୍କ ଆକ୍ରମଣରେ ଇଞ୍ଜିନିୟର ନିହତ




ନୂଆଦିଲ୍ଲୀ, ୨୨।୮(ଏଜେନ୍ସି): ଦିଲ୍ଲୀର ନିହାଲ ବିହାର ଅଞ୍ଚଳରେ ଏକ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ୩୧ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ତାଙ୍କ ଶ୍ୱଶୁରଘର ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ଆଡୋବ କମ୍ପାନୀରେ କାର୍ଯ୍ୟ କରୁଥିବା ବିନୟ ଗୁପ୍ତା ବୋଲି ଜଣାପଡ଼ିଛି। ପିଲାକୁ ଔଷଧ ଦେବାକୁ ନେଇ ବିନୟ ଏବଂ ତାଙ୍କ ପତ୍ନୀ ରେଖାଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ରେଖା ଫୋନ୍ କରି ନିଜ ପରିବାର ଲୋକଙ୍କୁ ଡକାଇବା ପରେ ତାଙ୍କ ଭାଇ, ପିତା ଏବଂ ଅନ୍ୟ ସମ୍ପର୍କୀୟମାନେ ଆସି ବିନୟଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ। ଆକ୍ରମଣ ପୂର୍ବରୁ ଘରର ସମସ୍ତ ସିସିଟିଭି କ୍ୟାମେରା ବନ୍ଦ କରାଯାଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୁଲିସ ଏହି ମାମଲାରେ ପତ୍ନୀ ରେଖା, ତାଙ୍କର ଦୁଇ ଭାଇ ଏବଂ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି। ବିନୟଙ୍କ ମାଆଙ୍କ କହିବାନୁଯାୟୀ, ଯେତେବେଳେ ସେ ପାଣି ଆଣିବାକୁ ଯାଇଥିଲେ, ସେହି ସମୟରେ ଏହି ଆକ୍ରମଣ ଘଟିଥିଲା। ଗୁରୁତର ଅବସ୍ଥାରେ ବିନୟଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପାରିବାରିକ କଳହ କିପରି ଏକ ବଡ଼ ଦୁର୍ଘଟଣାର ରୂପ ନେଇପାରେ, ଏହି ଘଟଣା ତାହା ପୁଣିଥରେ ପ୍ରମାଣିତ କରିଛି।

# ୧୫ ବର୍ଷ ପରେ ଧରାପଡ଼ିଲେ ୭୨ ବର୍ଷୀୟ ଫେରାର ଅଭିଯୁକ୍ତ

ନୂଆଦିଲ୍ଲୀ, ୨୨।୮(ଏଜେନ୍ସି): ପ୍ରାୟ ୧୫ ବର୍ଷ ଧରି ପୁଲିସକୁ ଚକମା ଦେଇ ଫେରାର ଥିବା ୭୨ ବର୍ଷୀୟ ହରି ସିଂହ ଶେଖାୱତଙ୍କୁ ଦିଲ୍ଲୀ ପୁଲିସର ବିଶେଷ ଶାଖା ଜୟପୁରରୁ ଗିରଫ କରିଛି। ୨୦୦୮ ମସିହାରେ ଏକ ପ୍ରମୁଖ ପୋଷାକ ନିର୍ମାଣ କମ୍ପାନୀରୁ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଶେଖାୱତଙ୍କ ବିରୋଧରେ ମାମଲା ହୋଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ହାଜର ନହେବାରୁ ୨୦୧୬ରେ ତାଙ୍କୁ ପଳାତକ ଅପରାଧୀ ଘୋଷଣା କରାଯାଇଥିଲା। ଗିରଫରୁ ବର୍ତ୍ତିବା ପାଇଁ ସେ ପ୍ରଥମେ ଗୁଜରାଟ ଓ ପରେ ରାଜସ୍ଥାନରେ ରହୁଥିଲେ। ଦୀର୍ଘବର୍ଷ ଧରି ନଜର ରଖିବା ପରେ ପୁଲିସ ଜୟପୁରର ଏକ ଆବାସିକ ଅଞ୍ଚଳରୁ ତାଙ୍କୁ ଧରିଥିଲା। ଶେଖାୱତ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦରେ କାମ କରିଥିବା ପୁଲିସ କହିଛି। ପ୍ରାୟ ଦେଢ଼ ଦଶନ୍ଧିର ସନ୍ଧାନ ପରେ ଖୋଜାଖୋଜି ପରେ ଶେଖାୱତଙ୍କୁ ଗିରଫ କରାଯାଇପାରିଛି।

# ଅରୁଣାଚଳରେ ୫୦ କିମି ଭିତରକୁ ପଶିଆସିଛି ଚୀନ!

ଇଟାନଗର, ୨୨।୮(ଏଜେନ୍ସି): ଅରୁଣାଚଳ ପ୍ରଦେଶରେ ଏବେ ପରିସ୍ଥିତି ଗୁରୁତର ହେବାରେ ଲାଗିଛି। ରାଜ୍ୟକୁ ନିଜର ଅଞ୍ଚଳ ବୋଲି ଦାବି କରୁଥିବା ଚୀନ ଭାରତୀୟ କାର୍ଯ୍ୟକ୍ରମକୁ ବିରୋଧ କରିଆସୁଛି। କେବଳ ଏତିକି ନୁହେଁ, ଭାରତୀୟ ଅଞ୍ଚଳକୁ ମଧ୍ୟ ମାଡ଼ି ଆସିଛି। ଗତ କିଛି ମାସ ମଧ୍ୟ ଚୀନ ଅରୁଣାଚଳ ପ୍ରଦେଶରେ



୫୦ରୁ ୬୦ କିଲୋମିଟର ପର୍ଯ୍ୟନ୍ତ ପଶି ଆସିଲାଣି। ଏଭଳି ସୂଚନା ଦେଇଛନ୍ତି ଅରୁଣାଚଳର ବିଜେପି ସାଂସଦ ତାପିର

- ଉଦ୍‌ବେଗ ଜଣାଇଲେ ବିଜେପି ସାଂସଦ
- ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ଲୋକେ
- ଆଉ ଏକ ଡୋକଲାମ ଅସମ୍ଭବ ନୁହେଁ

ଗାଓ। ସେ ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠାଇଛନ୍ତି। ଚୀନ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭାରତ ସରକାର ଏବେ ଠାରୁ କୌଣସି ପଦକ୍ଷେପ ନନେଲେ ଏଠାରେ ଡୋକଲାମ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେ ସତର୍କ କରାଇଛନ୍ତି।

ବିଜେପିସାଂସଦକହିଛନ୍ତିଯେବାସ୍ତବନିୟନ୍ତ୍ରଣରେଖା(ଏଲ୍ଏସି) ନିକଟରେ ଚୀନ୍ ସେନା (ପିଏଲ୍ଏ) ର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତାକୁ କେବେ ମଧ୍ୟ ଅଣଦେଖା କରାଯିବା ଉଚିତ୍ ନୁହେଁ। ଉପର ସୁବନଶିରି ଜିଲ୍ଲାର ତାକ୍ସିଂ ଅଞ୍ଚଳରେ ଚୀନ୍ ସେନାର କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ସେ କହିଛନ୍ତି ଯେ ସେ ୨୦୧୯ ମସିହାରେ ମଧ୍ୟ ସଂସଦରେ ଏହି ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ



ସେତେବେଳେ ଏହାକୁ ଗୁରୁତ୍ୱ ଦିଆଯାଇନଥିଲା। ସଂସଦର ଗତ ମୌସୁମୀ ଅଧିବେଶନ ବେଳେ ମଧ୍ୟ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଲେଖିଛନ୍ତି, ‘ଅରୁଣାଚଳ ପ୍ରଦେଶ ଭାରତର ଏକ ଅଭିନ୍ନ ଅଙ୍ଗ। ଏହାର ସାର୍ବଭୌମତ୍ୱ ଆଲୋଚନାଯୋଗ୍ୟ ନୁହେଁ।’ ଭାରତ ସର୍ବଦା ଶାନ୍ତି ଓ ବନ୍ଧୁତା ଚାହେଁ, କିନ୍ତୁ ଦେଶର ଅଖଣ୍ଡତା ଏବଂ ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ।

ତେବେ ଭାରତୀୟ ସେନା ପକ୍ଷରୁ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଅସତ୍ୟ ବୋଲି କୁହାଯାଇଛି। ଚୀନ୍ ସେନା ଭାରତୀୟ ଅଞ୍ଚଳ ଦଖଲ କରିଥିବା କିମ୍ବା ଶିବିର ସ୍ଥାପନ କରିଥିବା ଖବରର କୌଣସି ସତ୍ୟତା ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ ସ୍ଥାନୀୟ ଲୋକ ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଭାରତ ସୀମାସମ୍ବନ୍ଧୀୟ ସମସ୍ତ ବିଷୟକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରେ ଏବଂ ଏଲ୍ଏସିରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ, ଚୀନ୍ କହିଛି ଯେ ବର୍ତ୍ତମାନ ସୀମା ପରିସ୍ଥିତି ସାଧାରଣତଃ ସ୍ଥିର ରହିଛି।

# ଦିଲ୍ଲୀରେ ଉଗ୍ର ହେଉଛି ସ୍ୱାଇନ୍ ଫ୍ଲୁ

## ୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ



ନୂଆଦିଲ୍ଲୀ, ୨୨।୮(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏବେ ସ୍ୱାଇନ୍ ଫ୍ଲୁ ବା ଏଚ୍୧ଏନ୍୧ ଜ୍ୱରର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପରିବର୍ତ୍ତନଶୀଳ ପାଣିପାଗ ଓ ଆର୍ଦ୍ରତା କାରଣରୁ ଏହି ଭୂତାଣୁ ସଂକ୍ରମଣ ଅଧିକ ହେବାରେ ଲାଗିଛି। ସବୁଠାରୁ ଚିନ୍ତାର ବିଷୟ ଏହିକି ଯେ, ଆକ୍ରାନ୍ତଙ୍କ ଅମ୍ଳଜାନ ସ୍ତର ହ୍ରାସ ପାଉଥିବା ଓ ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେଉଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ଦିଲ୍ଲୀରେ ଏଚ୍୧ଏନ୍୧ ସଂକ୍ରମଣ ମାମଲା ଗତ ବର୍ଷ ତୁଳନାରେ ପ୍ରାୟ ଆଠ ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ ହୋଇସାରିଲାଣି, ଯେଉଁଠାରେ ଗତ ବର୍ଷ ଏହି ସମୟ ମଧ୍ୟରେ ମାତ୍ର ୨୨୯ଟି ମାମଲା ରେକର୍ଡ ହୋଇଥିଲା। ଅନେକ ଡାକ୍ତର ଓ ଏକ ସରକାରୀ ହସ୍ପିଟାଲର ମୁଖ୍ୟ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥିତି ଉପରେ ନଜର ରଖିବା ପାଇଁ ସର୍ଭିଲାନ୍ସ ବା ତଦାରଖ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ଏହି

- ଶ୍ୱାସକ୍ରିୟାରେ ସମସ୍ୟା
- ହ୍ରାସପାଉଛି ଅମ୍ଳଜାନ ସ୍ତର

ବିଷୟରେ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାଇନ୍ ଫ୍ଲୁର ଲକ୍ଷଣଗୁଡ଼ିକ ମଧ୍ୟରେ ଅଚାନକ ଜ୍ୱର, ଶୁଖିଲା କାଶ, ଗଳାରେ ଯନ୍ତ୍ରଣା, ଶରୀର ପୀଡ଼ା, ମୁଣ୍ଡବିନ୍ଧା ଓ ଅତ୍ୟଧିକ କ୍ଳାନ୍ତି ଅନ୍ତର୍ଭୁକ୍ତ। ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ, ଯଦି କାହାକୁ ନିଃଶ୍ୱାସ ନେବାରେ କଷ୍ଟ, ଛାତିରେ ଯନ୍ତ୍ରଣା କିମ୍ବା ଓଠ ନୀଳ ପଡ଼ିଯିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ବିଶେଷକରି ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଅନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ସତର୍କ ରହିବା ଜରୁରୀ। ପରିଶେଷରେ, ସରକାରୀ ସ୍ତରରେ ପରିସ୍ଥିତିକୁ ନେଇ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି। ହାତ ସଫା ରଖିବା, କାଶିବା ବେଳେ ସତର୍କତା ଅବଲମ୍ବନ କରିବା ଓ ସଂକ୍ରମିତ ଥିଲେ ଘରେ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସମୟୋଚିତ ଚିକିତ୍ସା ଓ ସତର୍କତା ହିଁ ଏହି ସଂକ୍ରମଣକୁ ରୋକିବାରେ ସହାୟକ ହେବ।

# କଂଗ୍ରେସ ବିରୋଧରେ ବିଜେପିର ‘ବନ୍ଦେ ମାତରମ୍’ ପ୍ରସ୍ତାବ

ନୂଆଦିଲ୍ଲୀ, ୨୨।୮(ଏଜେନ୍ସି): ଜାତୀୟ ଗାନ ‘ବନ୍ଦେ ମାତରମ୍’କୁ ନେଇ ବିଜେପି ଆଜି କଂଗ୍ରେସ ବିରୋଧରେ ଏକ ପ୍ରସ୍ତାବ ପାରିତ କରିଛି। ଜାତୀୟ ଗାନର ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି। ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଦଳୀୟ ପଦାଧିକାରୀଙ୍କ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୧୯ରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ‘ବନ୍ଦେ ମାତରମ୍’ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବା ନେଇ ୧୯୩୭ର ନିଷ୍ପତ୍ତିକୁ ପୁନଃ ସମର୍ଥନ




କରିଥିଲା। ବିଜେପି ଏହାକୁ ଦୃଢ଼ ଭାବେ ବିରୋଧ କରିଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି ଯେ, ରାଜନୈତିକ ସ୍ୱାର୍ଥ, ତୁଷ୍ଟୀକରଣ କିମ୍ବା ସାମ୍ପ୍ରଦାୟିକ ଚାପ ଯୋଗୁଁ ଜାତୀୟ ଗାନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବାର କୌଣସି ପ୍ରୟାସକୁ ଦଳ ଗ୍ରହଣ କରିବ ନାହିଁ। ‘ବନ୍ଦେ ମାତରମ୍’ର ଇତିହାସ, ଅର୍ଥ, ଜାତୀୟ ଗୁରୁତ୍ୱ ଓ ଐତିହ୍ୟକୁ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ବିଜେପି ଏକ ସଚେତନତା ଅଭିଯାନ ଆରମ୍ଭ କରିବ ବୋଲି ପ୍ରସ୍ତାବରେ କୁହାଯାଇଛି। ବିଶେଷକରି ଯୁବପିଢ଼ି ମଧ୍ୟରେ ‘ବନ୍ଦେ ମାତରମ୍’ର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ‘ବନ୍ଦେ ମାତରମ୍’ ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କ ମତାମତକୁ ମଧ୍ୟ ଦେଶବ୍ୟାପୀ ଅଭିଯାନରେ ସାମିଲ କରାଯିବ ବୋଲି ବିଜେପି କହିଛି। ଗାନ୍ଧୀ ‘ବନ୍ଦେ ମାତରମ୍’କୁ ସାମ୍ରାଜ୍ୟବାଦ ବିରୋଧୀ ସ୍ଲୋଗାନ ଏବଂ ଶୁଦ୍ଧ ଜାତୀୟ ଭାବନା ସହ ଜଡ଼ିତ ବୋଲି ବର୍ଣ୍ଣନା କରିଥିବା ଦଳ ପକ୍ଷରୁ କୁହାଯାଇଛି। ନିତିନ ନବୀନ କହିଛନ୍ତି ଯେ, ବିଜେପି ‘ପୂର୍ଣ୍ଣ ବନ୍ଦେ ମାତରମ୍’ର ସମ୍ମାନ, ମର୍ଯ୍ୟାଦା, ଐତିହ୍ୟ ଓ ଜାତୀୟ ଚରିତ୍ରର ସୁରକ୍ଷା କରିବ। ବିଜେପି ଦେଶବ୍ୟାପୀ ସଚେତନତା ଅଭିଯାନ କରିବା ସହ ଯୁବପିଢ଼ିଙ୍କୁ ଏହାର ଇତିହାସ ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଛି।

# ବାର୍ କାଉନସିଲ ଅଧ୍ୟକ୍ଷଙ୍କ ଅଡୁଆ ବଢ଼ିଲା: ଇସ୍ତଫା ଦାବିକଲେ ସହ-ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୨।୮(ଏଜେନ୍ସି): ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କୁ ୧୫ ଦିନ ମଧ୍ୟରେ ଇସ୍ତଫା ଦେବାକୁ ଦାବି କରିଛନ୍ତି ବିସିଆଇର ସହ-ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ୱାଇ.ଆର୍. ସଦାଶିବ ରେଡ୍ଡୀ। ଆର୍ଥିକ ଅନିୟମିତତା ସମେତ ୮ଟି ଗୁରୁତର ଅଭିଯୋଗ ଆଣି ସେ ମିଶ୍ରଙ୍କୁ ଏକ ଚିଠି ଲେଖିଛନ୍ତି। ରେଡ୍ଡୀ କହିଛନ୍ତି ଯେ, ଦେଶର ଆଇନଜୀବୀମାନେ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି, ସେହି ବିଶ୍ୱାସ ପ୍ରତି ଦାୟିତ୍ୱବୋଧରୁ ସେ ଏହି ଚିଠି ଲେଖିଛନ୍ତି। ମିଶ୍ର ବିସିଆଇକୁ ଏକ ସାର୍ବଜନୀନ ସଂସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ସମ୍ପତ୍ତି ଭଳି ପରିଚାଳନା କରୁଥିବା ସେ ଅଭିଯୋଗ କରିଛନ୍ତି। ରେଡ୍ଡୀଙ୍କ ଅଭିଯୋଗ ଅନୁସାରେ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଟ୍ରଷ୍ଟକୁ ନିଷ୍କ୍ରିୟ ହେବାକୁ ଦିଆଯାଇ ନୂଆ ଏକ ଟ୍ରଷ୍ଟ- ‘ବିସିଆଇ ଟ୍ରଷ୍ଟ ପିଆର୍ଏଏଲ୍ ଫର୍ଷ୍ଟ’-୨୦୨୦ ସେପ୍ଟେମ୍ବରରେ ପଞ୍ଜିକୃତ କରାଯାଇଥିଲା। ଏହି ଟ୍ରଷ୍ଟର ଟ୍ରଷ୍ଟିମାନଙ୍କୁ ମିଶ୍ର ଚୟନ କରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହାପରେ ବିସିଆଇର ପ୍ରାୟ ୧୫୦ କୋଟି ଟଙ୍କା ନୂଆ ଟ୍ରଷ୍ଟକୁ ହସ୍ତାନ୍ତର ପାଇଁ ପରିଷଦରେ ପ୍ରସ୍ତାବ ଅଣାଯାଇଥିବା ରେଡ୍ଡୀ ଚିଠିରେ ଦର୍ଶାଇଛନ୍ତି। ଏହାକୁ ନେଇ ନିଜ ସମେତ ଅନ୍ୟ ସଦସ୍ୟମାନଙ୍କ ଆପତ୍ତିକୁ ଅଣଦେଖା କରାଯାଇଥିବା ମଧ୍ୟ ସେ କହିଛନ୍ତି। ଆଇନ ମହାବିଦ୍ୟାଳୟଗୁଡ଼ିକୁ ବିସିଆଇର ଅନୁମୋଦନ କିମ୍ବା ଅନୁମୋଦନ ନବୀକରଣ ପାଇଁ ବହୁ ପରିମାଣର ଟଙ୍କା ଦେବାକୁ ବାଧ୍ୟ କରାଯାଉଥିବା ରେଡ୍ଡୀ ଅଭିଯୋଗ କରିଛନ୍ତି। ବିସିଆଇ ଓ ଏହା ସହ ଜଡ଼ିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସମୟରେ ବ୍ୟାପକ ପରିବାରବାଦ ଓ ପକ୍ଷପାତ ହେଉଥିବା ମଧ୍ୟ ରେଡ୍ଡୀ ଅଭିଯୋଗ କରିଛନ୍ତି। ତାଙ୍କ ଦାବି ଅନୁସାରେ, କାର୍ଯ୍ୟରତ କର୍ମଚାରୀଙ୍କ ଏକ ବଡ଼ ଅଂଶ ମିଶ୍ରଙ୍କ ବ୍ୟକ୍ତିଗତ ପରିଚିତ କିମ୍ବା ପରିବାର ସହ ସମ୍ପର୍କିତ। ଏହି ନିଯୁକ୍ତିଗୁଡ଼ିକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ପରିଷଦ ସମ୍ମୁଖରେ କୌଣସି ବିଜ୍ଞପ୍ତି କିମ୍ବା ମେଧା ତାଲିକା ରଖାଯାଇନଥିବା ସେ କହିଛନ୍ତି।

# ‘ଅନ୍ନପୂର୍ଣ୍ଣା ଭଣ୍ଡାର’ ଟଙ୍କା ପାଇଁ ପଶ୍ଚିମବଙ୍ଗରେ ମହିଳାଙ୍କ ରେଳପଥ ଓ ରାଜପଥ ଅବରୋଧ

କୋଲକାତା, ୨୨।୮(ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କ ‘ଅନ୍ନପୂର୍ଣ୍ଣା ଭଣ୍ଡାର’ ଯୋଜନାର ଟଙ୍କା ପ୍ରଦାନରେ ବିଳମ୍ବ ଓ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ବିକ୍ଷୋଭ ତୀବ୍ର ହୋଇଛି। ଶୁକ୍ରବାର ଦକ୍ଷିଣରୁ ଉତ୍ତର ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ମହିଳାମାନେ ରାସ୍ତା, ରେଳପଥ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ତାରକେଶ୍ୱର, ବିରାଟି, ଧୂପଗୁଡ଼ି, ମାଥାଭଙ୍ଗା, ବିଷ୍ଣୁପୁର, ବରଜୋରା, ପୁରୁଲିଆ, ହରିଶ୍ଚନ୍ଦ୍ରପୁର ଓ କୋଲକାତାର ବିଭିନ୍ନ ଅଞ୍ଚଳରେ ଏହି ବିକ୍ଷୋଭ ଦେଖିବାକୁ ମିଳିଛି। ତାରକେଶ୍ୱରରେ ଶତାଧିକ ମହିଳା ପୌର କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଯୋଜନାର ଟଙ୍କା ନ ମିଳିବା ନେଇ ଅଭିଯୋଗ କରିଥିଲେ। ଜୁଲାଇ ୧୦ ତାରିଖ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ଅଗଷ୍ଟ ୧୭ରୁ ୨୦ ମଧ୍ୟରେ ଟଙ୍କା ମିଳିବାର ଥିଲା ବୋଲି ସେମାନେ କହିଛନ୍ତି। ତେବେ ଧାର୍ଯ୍ୟ ସମୟ ଶେଷ ହୋଇଥିଲେ ମଧ୍ୟ ତାଙ୍କ ଖାତାକୁ ଟଙ୍କା ଆସିନଥିବା ଅଭିଯୋଗ କରିଥିଲେ। ପୁଲିସ ଓ ପୌର କର୍ତ୍ତୃପକ୍ଷଙ୍କ ଆଶ୍ୱାସନା ପରେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ବିକ୍ଷୋଭ ହଟିଥିଲା। ଉତ୍ତର ୨୪ ପରଗଣାର ବିରାଟି ଷ୍ଟେସନରେ ମଧ୍ୟ ମହିଳାମାନେ ରେଳପଥ ଅବରୋଧ କରିଥିଲେ। ଶତାଧିକ ମହିଳା ରେଳଧାରଣା



ଉପରେ ବସି ପଡ଼ିବାରୁ ଟ୍ରେନ୍ ଚଳାଚଳ ଏକ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ଧୂପଗୁଡ଼ିରେ ମହିଳାମାନେ ବିଡିଓ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ଅଧିକାରୀଙ୍କ ସହ ଆଲୋଚନା ହୋଇନଥିବା ଅଭିଯୋଗ କରି ସେମାନେ ପରେ ମସଜିଦ ମୋଡ଼ ନିକଟରେ ଧୂପଗୁଡ଼ି-ଫାଲାକାଟା ଜାତୀୟ ରାଜପଥ-୩୧ ଅବରୋଧ କରିଥିଲେ।

**ଯୁଦ୍ଧକୁ ନେଇ ଇରାନରେ ମତଭେଦ**

# ଆମେ ଶାନ୍ତି ଚାହୁଁ: ରାଷ୍ଟ୍ରପତି; ଆକ୍ରମଣ ପାଇଁ ପ୍ରସ୍ତୁତ: ସେନାମୁଖ୍ୟ

ତେହରାନ/ୱାସିଂଟନ, ୨୨।୮(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘମିଆଦୀ ସଂଘର୍ଷ ପ୍ରାୟ ୬ ମାସରେ ପହଞ୍ଚିଥିବା ବେଳେ ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ଯୁଦ୍ଧର ଅନ୍ତ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। ତେହରାନ ଏବେ ମଧ୍ୟ ‘ଶକ୍ତି ଓ ସମ୍ମାନର ସ୍ଥିତିରେ’ ଥିବାରୁ ଏହି ସମୟରେ ଯୁଦ୍ଧ ଶେଷ କରିବା ଉଚିତ ବୋଲି ସେ କହିଛନ୍ତି। ଶୁକ୍ରବାର ଡାକ୍ତରମାନଙ୍କ ସହ ଏକ ବୈଠକରେ ପେଜେସ୍କିଆନ୍ କହିଛନ୍ତି, ତେହରାନ ଓ ୱାସିଂଟନ ମଧ୍ୟରେ କୂଟନୈତିକ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏବେ ସଂଘର୍ଷର ଅନ୍ତ ଘଟାଇବାର ସମୟ ଆସିଛି। ଅନ୍ତର୍ଜାତୀୟ ସମୁଦାୟ ଇରାନର ସ୍ଥିତିକୁ ବୁଝିପାରୁଥିବା ଦାବି କରି ସେ ଆମେରିକା ଇରାନର ସ୍କୁଲ, ହସ୍ପିଟାଲ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି। ଜୁନ୍‌ରେ ତେହରାନ ଓ ୱାସିଂଟନ ମଧ୍ୟରେ ହୋଇଥିବା ବୁଝାମଣା ସମ୍ପର୍କରେ ମଧ୍ୟ ପେଜେସ୍କିଆନ୍ ନିଜ ସରକାରର ପକ୍ଷ ରକ୍ଷା କରିଛନ୍ତି। ଇରାନର କଟ୍ଟରପନ୍ଥୀ ସାଂସଦମାନେ ଆମେରିକାକୁ ଅତ୍ୟଧିକ ରିହାତି ଦିଆଯାଇଥିବା ଅଭିଯୋଗ କରିଥିଲେ। ତେବେ ଏହି ବୁଝାମଣାରେ ଇରାନର ଆତ୍ମସମର୍ପଣ କିମ୍ବା ପରାଜୟ ସୂଚାଉଥିବା କୌଣସି ବ୍ୟବସ୍ଥା ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତି ଶାନ୍ତିର ଆହ୍ୱାନ ଦେଇଥିବା ବେଳେ ଇରାନୀ ସେନା ନିଜର ପ୍ରତିରକ୍ଷା ପ୍ରସ୍ତୁତି ଜାରି ରଖିଛି। ଇରାନୀ ସଶସ୍ତ୍ର ବାହିନୀର ମୁଖ୍ୟ ଅଲି



ଅବଦୋଲ୍ଲାହି କହିଛନ୍ତି, ଭୂମି, ସମୁଦ୍ର, ଆକାଶ, ବାୟୁ ପ୍ରତିରକ୍ଷା ଓ ସାଇବର କ୍ଷେତ୍ରରେ ଇରାନ ପ୍ରସ୍ତୁତ ଅଛି। ଇରାନ ଉପରେ ପୁଣି ଆକ୍ରମଣ ହେଲେ ତାହାର ‘ଭୟଙ୍କର ଓ ବିନାଶକାରୀ’ ପ୍ରତିଜବାବ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ତିକ୍ତ ପରିସ୍ଥିତି ମଧ୍ୟରେ ଓମାନ ଓ ଇରାନର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ଫୋନ୍‌ରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ପୁନର୍ବାର ସଂଳାପ ଓ ଆଲୋଚନା ଆରମ୍ଭ ପାଇଁ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଏଥିସହ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ସମ୍ପର୍କିତ ପରିସ୍ଥିତି ନେଇ ମଧ୍ୟ ଆଲୋଚନା ହୋଇଛି। ଏହି ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ନେଇ ଆହୁରି କଠୋର ମନ୍ତବ୍ୟ ଦେଇଛନ୍ତି। ଦକ୍ଷିଣ କାରୋଲିନାରେ ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି ଯେ ଏବେ ସେ ହର୍ମୁଜ୍ ପ୍ରଣାଳୀକୁ ‘ଆମେରିକାର ଅଞ୍ଚଳ’ ଭାବେ ଦେଖୁଛନ୍ତି। ଆମେରିକାର ନୌସେନା ଅବରୋଧ ଯୋଗୁଁ ଏହି ରଣନୈତିକ ଜଳପଥ ଉପରେ ଆମେରିକାର ପ୍ରଭାବ ରହିଛି ବୋଲି ସେ ଦାବି କରିଛନ୍ତି। ଇରାନକୁ ଯେକୌଣସି ପ୍ରକାରର ସହାୟତା ଯୋଗାଇଦେଉଥିବା ଦେଶ ଆମେରିକାର ଆର୍ଥିକ କଟକଣାର ସମ୍ମୁଖୀନ ହୋଇପାରନ୍ତି ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ ମଧ୍ୟ ଇରାନ ସରକାର ଉପରେ ଭୟଙ୍କର ଆର୍ଥିକ ଚାପ ସୃଷ୍ଟି ପାଇଁ ନୂଆ କଟକଣା ଅଭିଯାନ ଚାଲାଇବାର ସଙ୍କେତ ଦେଇଛନ୍ତି। ଇରାନ ଏହି ପଦକ୍ଷେପକୁ ‘ଆର୍ଥିକ ଆତଙ୍କବାଦ’ ବୋଲି ଅଭିହିତ କରିଛି। ଅନ୍ୟପଟେ ଚୀନ୍ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଆମେରିକା ଓ ଇରାନକୁ ସାମରିକ ପଥ ଛାଡ଼ି ରାଜନୈତିକ ଓ କୂଟନୈତିକ ଉପାୟରେ ସଂଘର୍ଷର ସମାଧାନ କରିବାକୁ ଆହ୍ୱାନ ଦେଇଛି।

## ଏମ୍ଏମ୍ଡିଆର୍ ସଂଶୋଧନ ଆଇନ: ରାଜ୍ୟରେ ତୀବ୍ର ହେଉଛି ବିରୋଧ

# ରାଜ୍ୟପାଳ, ବାଚସ୍ପତିଙ୍କୁ ଭେଟିଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୨୨।୮ (ସମିସ): ଗତ ୨୨ ତାରିଖରେ ସଂସଦରେ ନବପ୍ରଣୀତ ଏମଏମଡିଆର ସଂଶୋଧନ ଆଇନ–୨୦୨୬କୁ ନେଇ ରାଜ୍ୟରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି ସଂଶୋଧନ ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଆଦିବାସୀଙ୍କ ସାମ୍ବିଧାନିକ ସୁରକ୍ଷା ଏବଂ ଡିଏମଏଫ ପାଣ୍ଠି ଉପରେ ଗୁରୁତର ପ୍ରଭାବ ପକାଇବାର ଆଶଙ୍କା ରହିଛି। ତେଣୁ ଏହି ଗୁରୁତର ପ୍ରସଙ୍ଗରେ ବିଧାନସଭାରେ ବିସ୍ତୃତ ଆଲୋଚନା ପାଇଁ ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଦାବି କରିଛନ୍ତି।

କଂଗ୍ରେସର ବିଧାୟକମାନେ ଦାବି ପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ ସଂସଦରେ ପ୍ରଣୀତ ନୂଆ ଆଇନ ରାଜ୍ୟର ସାମ୍ବିଧାନିକ ଅଧିକାର ଓ ଆର୍ଥିକ ସ୍ୱାୟତ୍ତତା ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି କରିଛି। ଏହାକୁ ସେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ପ୍ରଭାବିତ କରୁଥିବା ବେଳେ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ସଂକୁଚିତ କରୁଛି। ଖଣିଜ ବଣ୍ଟନ, ରାଜସ୍ୱ ନିୟନ୍ତ୍ରଣ ଏବଂ ରୟାଲ୍ଟି ଆଦାୟକୁ କେନ୍ଦ୍ରୀୟ ନିୟନ୍ତ୍ରଣକୁ ନେବା ଦ୍ୱାରା ଖଣିଜ ସମ୍ପଦରେ ଭରପୂର ଓଡ଼ିଶାର ଅଧିକାର କ୍ଷୁଣ୍ଣ ହେବ। ଏହା ରାଜ୍ୟ ସରକାରଙ୍କ ଭୂମିକାକୁ ମଧ୍ୟ ସୀମିତ କରିଦେବ। ବିଶେଷକରି ଓଡ଼ିଶାର ଅଧିକାଂଶ ଖଣି ଅଞ୍ଚଳ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅଧୀନରେ ଆସୁଥିବାରୁ ଏହି ଆଇନକୁ ନେଇ ଆଦିବାସୀ ଅଧିକାର ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଥିବା ସେ କହିଛନ୍ତି। ଗ୍ରାମସଭା ଓ ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ୍ର ପୂର୍ବ ଅନୁମତି ଓ ସୂଚିତ ସମ୍ମତି ଭଳି ସାମ୍ବିଧାନିକ ବ୍ୟବସ୍ଥାକୁ ଏହି ଆଇନ ଏଡ଼ାଇ ଯାଉଥିବା ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ପରିସ୍ଥିତିରେ ପ୍ରସଙ୍ଗଟି ଉପରେ ବିଧାନସଭାରେ ବିସ୍ତୃତ ଆଲୋଚନା ଓ ସର୍ବଦଳୀୟ ମତ ବିନିମୟ ପାଇଁ ତୁରନ୍ତ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି କଂଗ୍ରେସ ପକ୍ଷରରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।



- ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
- ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ

# ପ୍ରତିବର୍ଷ ଅଗଷ୍ଟ ଚତୁର୍ଥ ଶନିବାର ଗରିମା ଦିବସ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୨।୮ (ସମିସ): ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି। ଶନିବାର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଗରିମା ଦିବସ ଅବସରରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ। କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି। ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦିଜୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି । ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ'। ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢ଼ୁଛି । ତେବେ ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦ୍‌ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ ଆଜି ସମୟ ଆସିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର'ର ନିର୍ଦ୍ଦେଶିକା ମନ୍ୱିତା ବରାଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଏନ୍‌ଟିପିସି ପ୍ଲାଣ୍ଟରେ ବିସ୍ଫୋରଣ; ୫ ଗୁରୁତର

ଅନୁଗୋଳ/ତାଳଚେର ସହର/କଣିହାଁ,୨୨।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ରର ୟୁନିଟ୍ ୧ ବଙ୍କର-ବିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟି ୫ ଠିକା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରଙ୍ଗବେଡ଼ାର ଖଗେଶ୍ୱର ସାହୁ, ତେଣ୍ଟେଇବେରେଣିର ଶୁକଦେବ ଭୁତିଆ, ତେଲିସିଂହାର ସୁଶାନ୍ତ ସାହୁ, କମରେଇର କିଶୋରି ପ୍ରଧାନ ଓ ନାଲମ ଗ୍ରାମର ବଳରାମ ନାଏକ। ଖଗେଶ୍ୱର ଓ ଶୁକଦେବଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସମ୍ ଅଲଟିମେଟ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସୁଶାନ୍ତ, କିଶୋରି ଓ ବଳରାମ ଏନଟିପିସି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ଏନଟିପିସି ବହନ କରିବ ବୋଲି କୁହାଯାଇଛି। ବିସ୍ଫୋରଣ କାରଣ ଜଣାପଡ଼ି ନ ଥିବା ବେଳେ ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ଖବର ପାଇ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏନଟିପିସି ମେଡିକାଲରେ ପହଞ୍ଚି ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖଗେଶ୍ୱର ଓ ଶୁକଦେବଙ୍କୁ ମଧ୍ୟ ଉଚ୍ଚମାନର ଚିକିତ୍ସା ଯୋଗାଇଦେବାକୁ ସେ ଦାବି କରିଛନ୍ତି।

ଏନଟିପିସିରେ ବାରମ୍ବାର (୫ରୁ ଊର୍ଦ୍ଧ୍ୱ) ଦୁର୍ଘଟଣା ଘଟୁଥିଲେ ବି କର୍ତ୍ତୃପକ୍ଷ ସଠିକ୍ ତଦନ୍ତ ନ କରିବା ଏବଂ ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ପାଲଟିଛି।



- ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ଭୁବନେଶ୍ୱର ସ୍ଥାନାନ୍ତର
- ଅବହେଳା କାରଣରୁ ବାରମ୍ବାର ଘଟୁଛି ଦୁର୍ଘଟଣା
- ଏନଟିପିସି ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ପ୍ରୀତି

ବିଧାୟକ ପ୍ରଧାନ ଏହାକୁ ଦୃଢ଼ ବିରୋଧ କରିବା ସହ ଏନଟିପିସିର ଏଚଆର ନବନୀତ କୁମାର ଓ ପଙ୍କଜ କୁମାରଙ୍କୁ ତାଗିଦ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ବିସ୍ଫୋରଣର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଆଗାମୀ ଦିନରେ ଯେପରି ଏପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି କଠୋର ପଦକ୍ଷେପ ନେବାକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ତେବେ ବାରମ୍ବାର ଏନଟିପିସି ପ୍ଲାଣ୍ଟରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନିରବଦ୍ରଷ୍ଟା ପାଲଟିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ତଳେ ଗୋଟିଏ ମାସ ଭିତରେ ତିନି ଥର ପାଉଁଶ ପାଇପ୍ ଫାଟିବା, ପ୍ଲାଣ୍ଟରେ ବାରମ୍ବାର ଅଗ୍ନିକାଣ୍ଡ, ବିସ୍ଫୋରଣ ଘଟିବା ସ୍ପଷ୍ଟ କରୁଛି ଯେ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଛି। କର୍ତ୍ତୃପକ୍ଷ କେବଳ ବାହାରକୁ ଚାକଚକ୍ୟ ଦେଖାଇ ଭିତର ବ୍ୟବସ୍ଥା ଉପରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।

## ବଲଧା-ଖାତିମୁଣ୍ଡା ବ୍ରିଜ ଅସ୍ଥାୟୀ କ୍ୟାମ୍ପରେ ଅଘଟଣ

# ସାପ କାମୁଡ଼ାରେ କାକା-ପୁତୁରାଙ୍କ ମୃତ୍ୟୁ

କଣ୍ଟାବାଞ୍ଜି/ଖଡ଼ିଆଳ/ସିନାପାଲି, ୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ବଲଧା-ଖାତିମୁଣ୍ଡା ଗାଁ ମୁଖ୍ୟ ରାସ୍ତାର ବ୍ରିଜ କାର୍ଯ୍ୟର ଅସ୍ଥାୟୀ କ୍ୟାମ୍ପରେ ଅଘଟଣ ଘଟିଛି। ରାତିରେ ଶୋଇଥିବା ବେଳେ ୩ ଜଣ ଶ୍ରମିକଙ୍କୁ ସାପ କାମୁଡ଼ି ଦେଇଛି। ଏଥିରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ନୂଆପଡା ଜିଲ୍ଲା ସିନାପାଲି ଥାନା ଚଚରାଭଟା ଗାଁର ଦଇତାରି ତାଣ୍ଡି (୪୦) ଓ ତାଙ୍କ ପୁତୁରା ଭରତ ତାଣ୍ଡ (୩୦)। ତୁଳସୀ ବଗର୍ତ୍ତୀ (୪୫) ନାମକ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ବଙ୍ଗୋମୁଣ୍ଡା ବ୍ଲକ୍ ବଲଧା-ଖାତିମୁଣ୍ଡା ମୁଖ୍ୟ ରାସ୍ତାରେ ଏକ ବ୍ରିଜ୍ ନିର୍ମାଣ କାମ ଚାଲିଛି। ସେଠାରେ ଶ୍ରମିକମାନେ କ୍ୟାମ୍ପ କରି ରହୁଛନ୍ତି। ଶୁକ୍ରବାର ରାତିରେ ଶ୍ରମିକମାନେ ସବୁଦିନ ପରି ଖାଇ ପିଇ ସାରି ଶୋଇଥିଲେ। ଦୁର୍ଭାଗ୍ୟକୁ ୩ ଜଣଙ୍କୁ ସାପ କାମୁଡ଼ିଥିଲା। ଅନ୍ୟ ଶ୍ରମିକମାନେ ଏହା ଜାଣିବା ପରେ ସମସ୍ତଙ୍କୁ ପ୍ରଥମେ ନୂଆପଡା ଜିଲ୍ଲା ଖଡ଼ିଆଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ପରେ ସମସ୍ତଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ତୁଳସୀ ରାୟପୁର ସ୍ଥାନାନ୍ତର ହୋଇଛନ୍ତି। ନୂଆପଡ଼ା ପୁଲିସ ଏକ ମାମଲା ରୁଜୁ କରିଛି ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

**ଅନ୍ୟ ଜଣେ ଶ୍ରମିକ ଗୁରୁତର**

## ଆୟ ବହିର୍ଭୂତ ଓ ଦୁର୍ନୀତି ମାମଲା

# ଦିନକରେ ୩ ସରକାରୀ କର୍ମଚାରୀ, ଠିକାଦାର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର/ଖଡ଼ିଆଳ,୨୨।୮ (ସମିସ): ଆୟ ବହିର୍ଭୂତ ଓ ଦୁର୍ନୀତି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଅସୀମ କୁମାର ଦଳବେହେରା ଓ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ବଦ୍ରିନାରାୟଣ ନନ୍ଦ ଏହି ଦୁଇଟି ମାମଲାର ବିଚାରକରି ରାୟ ଶୁଣାଇଛନ୍ତି। ଦୁଇଟି ମାମଲାରେ ୩ ଜଣ ସରକାରୀ କର୍ମଚାରୀ ଓ ଜଣେ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ସୂଚନା ଅନୁସାରେ, ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ପ୍ରିନ୍ସିପାଲ ପ୍ରଭାକର ବେହେରାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା। ତାଙ୍କ ଠାରୁ ବିପୁଳ ପରିମାଣର ସମ୍ପତ୍ତି ଜବତ କରାଯାଇଥିଲା। ପ୍ରଭାକରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ୍ ୧୯୮୮ର ଧାରା ୧୩(୨) ଓ ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ବିଭୁଦେନ୍ଦୁ ସାହୁ ଘଟଣାର ତଦନ୍ତ କରି ଆୟ ଠାରୁ ଅଧିକ ସମ୍ପତ୍ତି ରଖିଥିବା ପ୍ରଭାକରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀ ଦଳବେହେରା ମାମଲାର ବିଚାରକରି ପ୍ରଭାକରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ପ୍ରଭାକରଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ପଦକ୍ଷେପ ନିଆଯିବ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ଗିରିଜା ପଟ୍ଟନାୟକ ଓ ପବ୍ଲିକ୍ ପ୍ରୋସିକ୍ୟୁଟର ଚନ୍ଦ୍ରକାନ୍ତ ଦାସ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

**ପେନ୍‌ସନ୍ ବନ୍ଦ ପାଇଁ ପଦକ୍ଷେପ ନେବ ଭିଜିଲାନ୍ସ**

ସେହିପରି ନୂଆପଡ଼ା ଜିଲ୍ଲା ଖରିଆର ଏନ୍‌ଏସି ଅଞ୍ଚଳରେ ରାସ୍ତା ଉନ୍ନତୀକରଣ ଓ ସିସି କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରିଥିଲା ଭିଜିଲାନ୍ସ। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ସୁରେନ୍ଦ୍ରନାଥ ରାଇଗୁରୁ ମାମଲାର ତଦନ୍ତ କରି ଖରିଆର ଏନ୍‌ଏସିର ପୂର୍ବତନ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ କନିଷ୍ଠ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡା ଓ ଠିକାଦାର ପ୍ରସନ୍ନ କୁମାର ମହାଣାଙ୍କୁ ଗିରଫ କରିଥିଲା। ଶ୍ରୀ ରାଇଗୁରୁ ମାମଲାର ତଦନ୍ତ କରି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଭବାନୀପାଟଣା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀ ନନ୍ଦ ମାମଲାର ଏହି ଦୁର୍ନୀତି ମାମଲାର ବିଚାରକରି ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏଁ କାରାଦଣ୍ଡ ସହ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ତ୍ରିପାଠୀ ଓ ପୂର୍ବତନ କନିଷ୍ଠ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାନ ମିଳିତ ଭାବେ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାରୁ ଦୁଇ ମନୋନୀତ

ଭୁବନେଶ୍ୱର, ୨୨।୮ (ସମିସ): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଚଳିତ ବର୍ଷ ୪୮ ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସରକାରୀ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା କ୍ଷେତ୍ରରେ ଅବଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କ ନାମ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ଓଡ଼ିଶାରୁ ଜଗତସିଂହପୁର ଜିଲ୍ଲା ଅଲିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ଏବଂ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମହମ୍ମଦ ଜଫର୍ ଆଲାମ୍ ସ୍ଥାନ ପାଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ତାଙ୍କୁ ପୁରସ୍କୃତ କରିବେ। ସମ୍ମାନ ସ୍ୱରୂପ ସେମାନଙ୍କୁ ନଗଦ ୫୦ ହଜାର ଟଙ୍କାର ଅର୍ଥରାଶି ସହ ରୌପ୍ୟ ତାରକସୀର ସ୍ମାରକୀ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଦେଶର କିଛି ଉତ୍କୃଷ୍ଟ ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଏବଂ ସମ୍ମାନିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ମନ୍ତ୍ରାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ନିଜର ପ୍ରତିବଦ୍ଧତା ଏବଂ ସମର୍ପଣ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବଢ଼ାଇବା ସହ ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତ୍ତନ କରିପାରିଥିବା ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଚୟନ କରାଯାଇଛି। ଚୟନ ହୋଇଥିବା ଶିକ୍ଷକଙ୍କ ମଧ୍ୟରେ ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୬ଟି କେନ୍ଦ୍ର ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରି ରହିଛନ୍ତି। ତାଲିକାରେ ୨୬ ଜଣ ଶିକ୍ଷକ ଓ ୨୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି।

# ଇନ୍ସପେକ୍ଟରଙ୍କୁ ଧମକ ଦେଇ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଶିଶୁ ଶ୍ରମିକ ଉଦ୍ଧାର ପାଇଁ ପୁଲିସର ଚଢ଼ଉ ବେଳେ ପୁଲିସ ଟିମ୍‌କୁ ବିରୋଧ କରିବା ସହ ଉଦ୍ଧାର ଦୁଇ ନାବାଳକଙ୍କୁ ପୁଲିସ ନିକଟରୁ ଛଡ଼ାଇ ନେବାକୁ ଉଦ୍ୟମ। ଏପରିକି ଡ୍ୟୁଟିରେ ଥିବା ପୁଲିସ ଇନ୍ସପେକ୍ଟରଙ୍କୁ ମଧ୍ୟ ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ଗୋପାଳପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପାତ୍ର(୩୫)।

**ଖଣିମନ୍ତ୍ରୀଙ୍କ ଛାୟା ମନ୍ତ୍ରୀମଣ୍ଡଳରେ କ୍ରୀଡ଼ା, ଯୁବ ବ୍ୟାପାର ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିଲେ ସୋମନାଥ**

ପୁଲିସ ସୂତ୍ରରୁ ପ୍ରକାଶ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଏଥି ସମ୍ପର୍କିତ ଅପରାଧ ଚିହ୍ନଟ କରିବା ପାଇଁ ବ୍ରହ୍ମପୁର ଆଇଏଚ୍‌ଟିୟୁର ଇନ୍ସପେକ୍ଟର ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶୁକ୍ରବାର ଗୋପାଳପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ଦିନ ପ୍ରାୟ ୧ଟା ୧୦ମିନିଟରେ ଟିମ୍ ଗୋପାଳପୁର ଥାନା ଅଧୀନ ରଙ୍ଗେଇଲୁଣ୍ଡା ବଜାରସ୍ଥିତ "ପଣ୍ଡା ହୋଟେଲ'ରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ହୋଟେଲରେ ଦୁଇଜଣ ନାବାଳକ କାମ କରୁଥିବା ପୁଲିସ ଦେଖିବାକୁ ପାଇଥିଲା। ସେମାନେ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରିବା ସହ ହୋଟେଲର ଅନ୍ୟାନ୍ୟ କାମ କରୁଥିଲେ। ପୁଲିସ ଦୁଇ ନାବାଳକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦୁଇ ନାବାଳକଙ୍କ ମଧ୍ୟରୁ ଜଣଙ୍କ ବୟସ ପ୍ରାୟ ୧୫ ବର୍ଷ ଓ ଅନ୍ୟଜଣଙ୍କ ବୟସ ପ୍ରାୟ ୧୭ ବର୍ଷ ବୋଲି ଜଣାପଡିଛି।

## ଖାକିରେ କଳଙ୍କ

# ସ୍ତ୍ରୀକୁ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗ

## ପୁଲିସ ସବ୍‌ଇନ୍ସପେକ୍ଟରର କୋର୍ଟ ଚାଲାଣ, ନାରୀନେତ୍ରୀ, ଓକିଲ ସମେତ ୭ ଜଣଙ୍କ ନାମରେ ମାମଲା

ବାରିପଦା,୨୨।୮ (ସମିସ): ଫେସବୁକ୍‌ରୁ ପ୍ରେମ, ପରେ ବିବାହ ଓ ପ୍ରତାରଣା। କେବଳ ସେତିକି ନୁହେଁ; ପତ୍ନୀଙ୍କୁ ନିର୍ଯାତନା ସହିତ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ପୁଲିସ ସବଇନ୍ସପେକ୍ଟରଙ୍କୁ ଗିରଫ କରି ବାରିପଦା ଟାଉନ ପୁଲିସ ଶନିବାର କୋର୍ଟ ଚାଲାଣ କରିଛି। ସେ ବାରିପଦା ଟାଉନ ଥାନାର କାର୍ଯ୍ୟରତ ସବଇନ୍ସପେକ୍ଟର ତଥା କେନ୍ଦୁଝର ଜିଲ୍ଲା ବଣିଆପାଟ ଅଞ୍ଚଳର ପ୍ରଭାତ କୁମାର ନାୟକ। ଏଥିସହ ନାରୀନେତ୍ରୀ, ଓକିଲଙ୍କ ସମେତ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପୁରୀ ଜିଲ୍ଲା ବ୍ରହ୍ମଗିରିର କାଳିକାବାଡି ଅଞ୍ଚଳର ସଜନୀ ବିଶ୍ୱାଳଙ୍କ ସହ ପ୍ରଭାତଙ୍କ ଫେସବୁକରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଧୀରେ ଧୀରେ ଏହି ସମ୍ପର୍କ ନିବିଡ଼ ହେବା ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ପରେ ଯୁବତୀ ଜଣକ ବିବାହ କରିବାକୁ ଜିଦ ଧରିବାରୁ ପ୍ରଭାତ ଏଥିରେ ରାଜି ହୋଇ ନ ଥିଲେ। ଅର୍ଥାଭାବ ଯୋଗୁଁ ବିବାହ କରିବା ସମ୍ଭବ ହେଉ ନ ଥିବାରୁ ପ୍ରଭାତ ୧୦ ଲକ୍ଷ ଟଙ୍କା ଓ ୨୦ ଭରି ସୁନା ଗହଣା ଯୌତୁକ ଆକାରରେ ଦାବି କରିଥିଲେ। ଏହାକୁ ନେଇ ସଜନୀ ବିଭିନ୍ନ ସମୟରେ ୧ ଲକ୍ଷ ୭୯ ହଜାର ୮୫୭ ଟଙ୍କା ପ୍ରଭାତକୁ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ୭ ଲକ୍ଷ ଟଙ୍କାର ସୁନାଗହଣା କିଣିଥିବା ରସିଦ ଦେଖାଇବା ପରେ ପ୍ରଭାତ ଯୋଗାଯୋଗ ବନ୍ଦ କରିଥିଲେ। ଯାହାକୁ ନେଇ ୨୦୨୬ ଏପ୍ରିଲ ୧ ତାରିଖରେ ସଜନୀ ବାରିପଦା ଟାଉନ ଥନାରେ ପହଞ୍ଚି ପ୍ରଭାତଙ୍କୁ ଦେଖା କରିବା ପରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଆରକ୍ଷୀ ଅଧୀକ୍ଷକ, ଏସଡିପିଓ, ରିଜର୍ଭ ଇନ୍ସପେକ୍ଟର ଓ ଥାନା ଆଇଆଇସିଙ୍କ ନିକଟରେ ଜଣାଇବାକୁ କହିବାରୁ ପ୍ରଭାତ ୨୦୨୬ ଜୁନ୍ ୧୨ ତାରିଖରେ କୁଳିଅଣାସ୍ଥ ରାଧାକୃଷ୍ଣ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହ ପରେ ପ୍ରଭାତ ନିଜ ଘରକୁ ନ ନେଇ ସ୍ତ୍ରୀକୁ ଏକାକୀ ଛାଡି ଦେଇଥିଲେ। ସ୍ତ୍ରୀ ସଜନୀ ଏକ ହୋଟେଲରେ ରହିବା ପରେ ଅର୍ଥାଭାବରୁ ରଣା ମେସରେ ରହିଥିଲେ। ତେବେ ସଜନୀ ସ୍ୱାମୀ ପ୍ରଭାତ ସହିତ ରହିବା ପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଅବହେଳା କରୁଥିଲେ। ଏଥିରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବାରିପଦାର ଜଣେ ନାରୀନେତ୍ରୀଙ୍କ କଥାରେ ପଡି ଆତ୍ମାହୁତି ଉଦ୍ୟମ କରିଥିଲେ । ଏଥିରେ ସେ ଗୁରୁତର ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଭାତ ଉତ୍ୟକ୍ତ ହୋଇ ସ୍ତ୍ରୀକୁ ସର୍ଭିସ ବନ୍ଧୁକରେ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏପରିକି ବାପ ଘରୁ ୧୦ ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ। ଏଥିରେ ଅସମର୍ଥ ହୋଇ ସଜନୀ ଶଶୁର ଘରକୁ ଯିବାରୁ ପରିବାର ଲୋକେ ପାଗଳ କହି ମାରପିଟ କରିବା ସହ ଘରୁ ତଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଉଭୟଙ୍କୁ ଡାକି ଘଟଣାର ସମାଧାନ କରିବା ସହିତ ସ୍ତ୍ରୀ ବୋଲି ଲିଖିତ ଭାବେ ପ୍ରଭାତ ସ୍ୱୀକାର କରିଥିଲେ। ଜୁଲାଇ ୨ ତାରିଖରେ ଉଭୟ ବାରିପଦା ଆସିବା ପରେ ସଜନୀ କୋର୍ଟ ବିବାହ କରିବାକୁ କହିଥିଲେ। ମାତ୍ର ପ୍ରଭାତ କୋର୍ଟ ବିବାହ କରିବାକୁ ରୋକଠୋକ ମନା କରିବା ସହ ଭଦ୍ରକର ଜଣେ ଯୁବତୀକୁ ବିବାହ କରିବେ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହେବା ପରେ ପ୍ରଭାତ ସ୍ତ୍ରୀ ସଜନୀର ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। କୌଶଳକ୍ରମେ ସଜନୀ ସେଠାରୁ ଜୀବନ ବଞ୍ଚାଇ ବାରିପଦା ଟାଉନ ଥାନାରେ ଉପରୋକ୍ତ ସମସ୍ତ ଘଟଣା ଲିଖିତ ଅଭିଯୋଗ କରିବା ସହିତ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ଚପାଇବା ପାଇଁ ବାରିପଦାର ଜଣେ ମହିଳା ପାୟଲ ରାୟ ଓ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ରାୟ, ଆଇନଜୀବୀ ମୋତି ପ୍ରକାଶ ଦାସ, ଶଶୁର, ଶାଶୂ, ଦେଢ ଶଶୁର, ଯାଆ ୭ ଜଣ ମିଳିତ ଭାବେ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଯାହାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ପ୍ରଭାତ କହିଛନ୍ତି, ପ୍ରେମ, ବିବାହ, ପ୍ରତାରଣା, ନିର୍ଯ୍ୟାତନା ଓ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସ୍ୱାମୀସ୍ତ୍ରୀ ମଧ୍ୟରେ ମତାନ୍ତର ଓ ମନାନ୍ତର ରହିଛି। ଅର୍ଥାଭାବ ଯୋଗୁଁ ମୁଁ ସ୍ତ୍ରୀକୁ ଭଡ଼ା ଘରେ ରଖିପାରୁ ନ ଥିଲି। ବାରମ୍ବାର ସ୍ତ୍ରୀ ସଜନୀ ଆତ୍ମହତ୍ୟା ଧମକ ଦେଉଥିଲେ। ତେବେ ଘଟଣାର ତଦନ୍ତ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି କହିଛନ୍ତି। ଏସଡିପିଓ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ଅନୁଯାୟୀ ବିଭିନ୍ନ ଦଫାରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ପରେ ସମସ୍ତ ଘଟଣା ଜଣାପଡିବ ବୋଲି କହିଛନ୍ତି।



ADMISSION OPEN ADMISSION OPEN
NIGHTINGALE SCHOOL & COLLEGE OF NURSING
GROUP OF INSTITUTIONS
B.SC.(N)/ GNM
Kataka, Bhubaneswar
B.SC. NURSING (4 Years)
Elligibility: 10+2 PCB with OJEE Entrance
General : 50%
SC/ST/SCBC - 40%
GNM (3 Years)
Elligibility: 10th, +2
(Any stream)
Free Admission for SC/ST Candidates
• Innovative Learning Programme
• Sale & Supportive Community
• Holistic Character Development
• Modern Facilities & Technology
9078970907
9437480907
9937646464
Adhalia, DPS Road, Phulnakhara, Cuttack, Pin-754001

■ ରାଉରକେଲା ସର୍କିଟ ହାଉସ୍‌ରୁ ଅସ୍ତ୍ରଶସ୍ତ୍ର ଜବତ ମାମଲା

# ଜୋର୍ ଧରିଲା ପ୍ରକାଶ ପାଶୱାନ୍‌ଙ୍କ ଗିରଫ ଦାବି

**ରାଉରକେଲା, ୨୨।୮ (ସମିସ)**

ଉଗ୍ର ହେବାରେ ଲାଗିଛି ରାଉରକେଲା ସର୍କିଟ ହାଉସ୍‌ରୁ ପିସ୍ତଲ୍, ଗୁଳି ଜବତ ସହ କୁଖ୍ୟାତ ଅପରାଧୀ ଗିରଫ ମାମଲା। ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବିଜେପିରୁ ନିଲମ୍ବିତ ଯୁବନେତା ତଥା ସାଂସଦ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମର ରାଜନୈତିକ ପ୍ରତିନିଧି ପ୍ରକାଶ ପାଶୱାନଙ୍କ ଗିରଫ ପାଇଁ ବିଭିନ୍ନ ରାଜନୈତିକ ଦଳ

## ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଓ ସଂଗଠନ ପକ୍ଷରୁ ଦାବି ଜୋର ଧରିଛି। ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଗିରଫ କରିବାକୁ ଏସ୍‌ପିଙ୍କ ଠାରେ ଦାବି କରାଯାଇଥିଲା ବେଳେ ଆଜି ରାଉରକେଲା କଂଗ୍ରେସ ପକ୍ଷରୁ ଡିସିସି ସଭାପତି ସବିର ହୁସେନଙ୍କ ନେତୃତ୍ୱରେ କଂଗ୍ରେସର ନେତୃବୃନ୍ଦ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସର୍କିଟ ହାଉସରୁ ମାରଣାସ୍ତ୍ର ସହ ଅପରାଧୀମାନେ ଗିରଫ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏହି ବିକ୍ଷୋଭରେ



କଂଗ୍ରେସ ନେତା ଇଜାଜ୍ ଅଖତର, ଦେବବ୍ରତ ବିହାରୀ, ପ୍ରବୋଧ ଦାସଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଏହାପରେ ସେମାନେ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରି ଘଟଣାରେ ଜଡ଼ିତ ସମସ୍ତଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ଅନ୍ୟପକ୍ଷରେ ପ୍ରକାଶ ପାଶୱାନଙ୍କୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦଳରୁ ନିଲମ୍ବିତ କରି ପ୍ରମାଣିତ କରି ଦେଇଛନ୍ତି ଯେ, ତାଙ୍କର କେଉଁଠି ନା କେଉଁଠି ରାଉରକେଲା ସ୍ଥିତ ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ୨ ଜଣ କୁଖ୍ୟାତ ଅପରାଧୀ ଗୁଳି ଭର୍ତ୍ତି ରିଭଲଭର ସହ ଗିରଫ ଘଟଣା ଏବଂ ସର୍କିଟ ହାଉସ ରୁମ ବୁକିଂ କରିବା ତଥା ପରବର୍ତ୍ତୀ ସମୟରେ ଏହି ଘଟଣାରେ ୪ ବନ୍ଧୁକ ଜବତ ସହ ୭ ଅପରାଧୀଙ୍କ ଗିରଫ ଘଟଣା ପଛରେ ହାତ ରହିଛି ବୋଲି।

ବିଜେପି ପ୍ରକାଶଙ୍କୁ ନିଲମ୍ବନ କରିବା ପରେ ରାଉରକେଲା ପୁଲିସ ପ୍ରକାଶଙ୍କୁ ନୋଟିସ ଜାରି କରିବା ସହ ତାଙ୍କ ପରିବାର ଲୋକଙ୍କୁ ଜେରା ଆରମ୍ଭ କରିଛି। ପୁଲିସ୍ ଗତକାଲି ପ୍ରକାଶ ବ୍ୟବହାର କରୁଥିବା ମହିନ୍ଦ୍ରା ଏସୟୁଭି ଗାଡିକୁ ଜବତ୍ କରି ଘଟଣାରେ ତାଙ୍କ ସମ୍ପୃକ୍ତି ବାବଦରେ ଖୋଳତାଡ଼ କରୁଛି। ପ୍ରକାଶଙ୍କ ଅନ୍ୟଦୁଇ ସହଯୋଗୀଙ୍କୁ ଥାନାରେ ରଖି ପଚରାଉଚୁରା ଚାଲିଛି। ସେପଟେ ନିଲମ୍ବନ ପରେ ପ୍ରକାଶଙ୍କୁ ଗିରଫ ପାଇଁ ଏସ୍‌ପି ନିତେଶ



ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ସ୍ୱତନ୍ତ୍ର ୩ଟି ଟିମ୍ ଗଠନ କରାଯାଇ ରାଜ୍ୟ ତଥା ରାଜ୍ୟ ବାହାରେ ଡେରା ପକାଇଥିବା କୁହାଯାଉଛି। ଅନ୍ୟ ପକ୍ଷରେ ଗିରଫ ଭୟରେ ପ୍ରକାଶ କଟକ କିମ୍ବା ନୂଆଦିଲ୍ଲୀ ଚାଲି ଯାଇଥିବା ସମ୍ଭାବନାରେ ପୁଲିସର ଭିନ୍ନ ଭିନ୍ନ ଟିମ୍ କଟକ ଓ ଦିଲ୍ଲୀରେ ଡେରା ପକାଇଥିବା ସୂଚନା ମିଳିଛି।

## ଶେଷରେ ମୁହଁ ଖୋଲିଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍

# ପ୍ରକାଶ ମୋର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ଆର୍‌ଏମ୍‌ସିର ପ୍ରତିନିଧି

**ରାଉରକେଲା, ୨୨।୮ (ସମିସ):** ରାଉରକେଲା ସର୍କିଟ ହାଉସରୁ ରିଭଲଭର ସହ ଅପରାଧୀ ଗିରଫ ଘଟଣାରେ ଯୁବନେତା ପ୍ରକାଶ ପାଶୱାନଙ୍କୁ ଦଳରୁ ନିଲମ୍ବନ ଏବଂ ତାଙ୍କ ନାମକୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଯୋଡା ଯାଇ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବାର ୯ ଦିନ ପରେ ମୁହଁ ଖୋଲିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍। ଶ୍ରୀ ଓରାମ ଆଜି ତାଙ୍କ ଫେସ୍‌ବୁକରେ ପୋଷ୍ଟ କରି ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ପ୍ରକାଶ ପାଶୱାନ ମୋର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସେ ଆର୍‌ଏମ୍‌ସିର ପ୍ରତିନିଧି। ଆଇନ ସମସ୍ତଙ୍କ ପାଇଁ ସମାନ। ସେଥିପାଇଁ ସର୍କିଟ୍ ହାଉସ୍ ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ନିଷ୍ପକ୍ଷ ତଦନ୍ତକୁ ମୁଁ ସ୍ୱାଗତ କରୁଛି। ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ହେଉ। ଏଥିରେ ମୋର କୌଣସି ଆପତ୍ତି ନାହିଁ।'

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଜାଣିଶୁଣି ମୋ ବିରୋଧରେ ଅପପ୍ରଚାର କରୁଥାଏ, ତେବେ ମୁଁ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ରାଜନୀତିରେ ବିରୋଧ ରହିବ, ସମାଲୋଚନା ମଧ୍ୟ ହେବ। କିନ୍ତୁ ମିଥ୍ୟା, ଅପପ୍ରଚାର ଓ ଷଡ଼ଯନ୍ତ୍ରକୁ ସହନ କରାଯିବ ନାହିଁ।

ପ୍ରକାଶ ଯେ, ଗତ ୧୪ ତାରିଖ ଦିନ ରାତିରେ ରାଉରକେଲା ସର୍କିଟ ହାଉସର ୧୦୭ ନମ୍ବର ରୁମରେ ପୁଲିସ ଚଢଉ କରି ଗୁଳି ଭର୍ତ୍ତି ୨ଟି ରିଭଲଭର ସହ ୨ ଜଣଙ୍କୁ ଗିରଫ କରିଥିଲା। ଯେଉଁମାନେ ଜୁଏଲ ଓରାମଙ୍କ ଆରଏମସି ପ୍ରତିନିଧି ଯୁବ ନେତା ପ୍ରକାଶ ପାଶୱାନଙ୍କ ଅନ୍ତରଙ୍ଗ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଉକ୍ତ ଚଢଉକୁ ଆଧାର କରି ପୁଲିସ ସହରର ଅନ୍ୟାନ୍ୟ ସ୍ଥାନରେ ଚଢଉ କରି ଆଉ ୫ ଜଣ ଅପରାଧୀଙ୍କୁ ରିଭଲଭର ସହ ଗିରଫ କରିବା ଏବଂ ସେମାନଙ୍କୁ ପଚରାଉଚରା କରିବା

### ଯଦି କେହି ଦୋଷୀ, କାର୍ଯ୍ୟାନୁଷ୍ଠାନ ହେଉ

### ମିଥ୍ୟା ଅପପ୍ରଚାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବି

ପରେ କେଉଁଠି ନା କେଉଁଠି ପ୍ରକାଶଙ୍କ ସମ୍ପୃକ୍ତି ନେଇ ପୁଲିସକୁ ସୂଚନା ମିଳି ସାରିଥିଲା। ଏହାପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ପ୍ରକାଶଙ୍କୁ ବିଜେପି ଦଳ ତତ୍‌କ୍ଷଣାତ୍ ନିଲମ୍ବନ କରି ପିଠି ଝାଡି ଦେଇଥିଲା ବିଜେପି। ମାତ୍ର ସେତେବେଳେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ କୌଣସି ପ୍ରତିକ୍ରିୟା ନରଖିବା ଏପରି କି ଏହି ପ୍ରସଙ୍ଗରେ ସାମ୍ବାଦିକଙ୍କ ପ୍ରଶ୍ନରେ ନିଆଁବାଣ ହୋଇ ଚାଲିଯିବା ଘଟଣା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଥିଲା।

# ହନୁମାନ ବାଟିକା ଘଡ଼ିଛକ ନିକଟରେ ଦୁର୍ଘଟଣା; ୨ ଗୁରୁତର



**ରାଉରକେଲା, ୨୨।୮ (ସମିସ):** ହନୁମାନ ବାଟିକା ଛକ ନିକଟରେ ଶନିବାର ଅପରାହ୍ନରେ ଏକ କାର୍ ଓ ଟ୍ରେଲର ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ଲୁହା ଆଙ୍ଗେଲ୍ ବୋଝେଇ ଏକ ଟ୍ରେଲର ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ କାର୍ ପଛପଟୁ ଜୋର୍‌ରେ ଧକ୍କା ଦେଇଥିଲା। କାର୍‌ରେ ଥିବା ୨ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଉ ଜଣେ ବ୍ୟକ୍ତିଙ୍କୁ ପୁଲିସ ହେପାଜତରେ ନେଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ କାର୍ ଚାଳକ ଓ ଅନ୍ୟ କେତେକ ଯାତ୍ରୀ ମଦ୍ୟପାନ କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଅତ୍ୟଧିକ ବେଗ ଓ ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଉଦିତନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆଇଜିଏଚ୍ ଡାକ୍ତରଙ୍କ ସଫଳତା

# ସୁସ୍ଥ ହେଲେ ମୁଣ୍ଡରେ ଗୁରୁତର ଆଘାତ ପାଇଥିବା ବ୍ୟକ୍ତି

**ରାଉରକେଲା, ୨୨।୮ (ସମିସ):** ଆର୍‌ଏସପି ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ର ଡାକ୍ତରମାନେ ସଡ଼କ ଦୁର୍ଘଟଣାରେ ଗୁରୁତର ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କ ଚିକିତ୍ସା କରି ସୁସ୍ଥ କରିଛନ୍ତି। ୨୩ ଦିନ ଆଇସିୟୁରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି।

### ଆଇସିୟୁରେ ୨୩ ଦିନ ରହିବା ପରେ ହେଲେ ଆରୋଗ୍ୟ

ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଆଇସିୟୁ ଏବଂ ପୁନରୁଦ୍ଧାର ଚିକିତ୍ସା ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଛି ଏବଂ ୨୩ ଦିନର ହସ୍ପିଟାଲ ରହଣି ପରେ ଏବେ ତାଙ୍କୁ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି।

ପ୍ରକାଶ ଯେ, ବିରଞ୍ଚି ନାରାୟଣ ସାହୁ ଜୁଲାଇ ୧୯ରେ ରାଉରକେଲାର ସିଭିଲ୍ ଟାଉନସିପ୍ ଠାରେ ଏକ ଗାଡ଼ି ଧକ୍କାରେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ନିଆଯାଇଥିଲା, ସିଟି ସ୍କାନ୍‌ରୁ ଜଣାପଡ଼ିଥିଲା ଯେ, ମସ୍ତିଷ୍କ



ଉପରେ ପ୍ରଚୁର ରକ୍ତ ଜମାଟ ବାନ୍ଧିବା ସହ ଗୁରୁତର ଆଘାତ ଲାଗିଛି। ପରବର୍ତ୍ତୀ ସମୟରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆଇଜିଏଚ୍‌କୁ ରେଫର୍ କରାଯାଇଥିଲା। ଭେଣ୍ଟିଲେଟରରେ ରଖାଯାଇ ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ସିନିୟର କନ୍‌ସଲଟାଣ୍ଟ ନିଉରୋସର୍ଜନ ଡାକ୍ତର ମନୋଜ କୁମାର ଦେଓ ଏହି ଅସ୍ତ୍ରୋପଚାର କରିଥିଲେ, ଯେଉଁଥିରେ ଆନେସ୍ଥେସିଆର ଅତିରିକ୍ତ ସିଏମଓ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ସହଯୋଗ କରିଥିଲେ। ନର୍ସିଂ ଅଫିସର ଲିପିକା ଅସ୍ତ୍ରୋପଚାର ସମୟରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। ୨୩ ଦିନର ହସ୍ପିଟାଲ ରହଣି ପରେ ଶ୍ରୀ ସାହୁ ସମ୍ପୂର୍ଣ୍ଣ ଚେତା ଫେରି ପାଇବା ସହ ଆରୋଗ୍ୟ ଲାଭ କରିଛନ୍ତି।

# ଆର୍‌ଏସ୍‌ପିର ୩ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

**ରାଉରକେଲା, ୨୨।୮ (ସମିସ):** ଏମ୍‌ଏନ୍‌ସି ପରି ସେଲରେ ବି ଲାଗୁ ହେଲା ବାଧ୍ୟତାମୂଳକ ଅବସର ଯୋଜନା। ସେଲ ପରିଚାଳିତ ରାଉରକେଲା ଇସ୍ପାତ କାରଖାନାର ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ଗତକାଲି ବାଧ୍ୟତାମୂଳକ ଅବସର ଦିଆଯାଇଥିବା ସୂଚନା ମିଳିଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ଯେ, ସେଲ ପରିଚାଳିତ ଭିଲାଇ, ବୋକାରୋ, ଆରଏମଡି ସମେତ ରାଉରକେଲା ଇସ୍ପାତ କାରଖାନାର ୩ଜଣ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ନିକୃଷ୍ଟ ପ୍ରଦର୍ଶନ ଆଧାରରେ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ସୂଚନା ମୁତାବକ ଆରଏସପିର ବୈଷୟିକ ଉନ୍ନତି ପ୍ରକୋଷ୍ଠ(ଟେକ୍ନିକାଲ ଇମ୍ପ୍ରୁଭମେଣ୍ଟ ସେଲ)ର ମହା ପ୍ରବନ୍ଧକ ସ୍ମୃତିରଞ୍ଜନ ରାୟଙ୍କ ସମେତ ଏମଏମଏସର ମହା ପ୍ରବନ୍ଧକ ମନୋଜ ଅଗ୍ରୱାଲ ଓ ଅର୍ଥ ବିଭାଗର ଉପ ମହାପ୍ରବନ୍ଧକ ସନ୍ତୋଷ କୁମାର ସାହୁଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ରାୟ ବିଓଡି ପ୍ଲାଣ୍ଟ ଦୁର୍ନୀତିକୁ ସିଭିସିଙ୍କ ନଜରକୁ ଆଣି ଚର୍ଚ୍ଚାରେ ଥିବା ବେଳେ ତାଙ୍କୁ କାଲସାଇନିଙ୍ଗ ପ୍ଲାଣ୍ଟ-୨କୁ ବଦଳି କରାଯାଇଥିଲା ଏବଂ ପରବର୍ତ୍ତୀ ଅବସ୍ଥାରେ ଟେକ୍ନିକାଲ ଇମ୍ପ୍ରୁଭମେଣ୍ଟ ସେଲ୍‌କୁ ବଦଳି କରାଯାଇଥିଲା। ଅନ୍ୟଏକ ଘଟଣା କ୍ରମରେ ଏସଏମଏସ -୨ ବିଭାଗର ଛାତ ଭୁଶୁଡିବା ନେଇ ସେହି ବିଭାଗର ମହାପ୍ରବନ୍ଧକ ଶୈଳେନ୍ଦ୍ର ମିଶ୍ରଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ଅଧିକାରୀ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅଧିକାରୀଙ୍କ ପରେ ଶ୍ରମିକ ମାନଙ୍କ ପ୍ରଦର୍ଶନ ନେଇ ବାଧ୍ୟତାମୂଳକ ଅବସର ଆସିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଗତ ମାସରେ ସ୍ୱେଚ୍ଛାକୃତ ଅବସର ବହୁ ଶ୍ରମିକ ଓ ଅଧିକାରୀ ନେଇଥିବା ବେଳେ ପୁଣି ଖୁବ୍‌ଶୀଘ୍ର ଅନ୍ୟ ଏକ ସ୍ୱେଚ୍ଛାକୃତ ଅବସର ଯୋଜନା ଆସୁଥିବା ମଧ୍ୟ କୁହାଯାଉଛି। ତେବେ ଏ ନେଇ ଆରଏସପି ପକ୍ଷରୁ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ।

# ବେସମାରିକ ପ୍ରତିରକ୍ଷା ବାହିନୀର ସଦସ୍ୟ ଶୁଭେନ୍ଦୁ ପଣ୍ଡା ସମ୍ମାନିତ



**ରାଉରକେଲା, ୨୨।୮ (ସମିସ):** ସଡ଼କ ସୁରକ୍ଷା ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବେସମାରିକ ପ୍ରତିରକ୍ଷା ବାହିନୀର ବରିଷ୍ଠ ସଦସ୍ୟ ଶୁଭେନ୍ଦୁ ପଣ୍ଡାଙ୍କୁ ଚଳିତ ସ୍ୱାଧୀନତା ଦିବସରେ ସମ୍ମାନିତ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗୀର୍ ଏବଂ ଏସପି ନିତେଶ ୱାଧୱାନୀ ଉପଢୌକନ, ମାନପତ୍ର ଓ ସ୍ମାରକ ପ୍ରଦାନ କରି ଶ୍ରୀ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ଶ୍ରୀ ପଣ୍ଡା ଦୀର୍ଘଦିନ ଧରି ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଯୁବପିଢ଼ି, ଯୁବ ସଂଗଠନ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଓ ଜରୁରୀକାଳୀନ ପ୍ରତିକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିଆସୁଛନ୍ତି।

# 'ସାମ୍ପ୍ରତିକ ସମୟ ଓ ଭାଗବତରେ ଜୀବନ ଦର୍ଶନ' ଆଲୋଚନାଚକ୍ର

**ରାଉରକେଲା, ୨୨।୮ (ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମାଧବ ନଗର ଶାଖା ଓ ରାଉରକେଲା କଲେଜ, ରାଉରକେଲାର ମିଳିତ ଆନୁକୂଲ୍ୟରେ ରାଉରକେଲା କଲେଜ ଠାରେ ଆୟୋଜିତ ମାସିକ ସାରସ୍ୱତ ସମାବେଶରେ ସାମ୍ପ୍ରତିକ ସମୟ ଓ ଭାଗବତରେ ଜୀବନ ଦର୍ଶନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନଗର ଶାଖାର ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱ ଓ ସମ୍ପାଦକ ଅଳକା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲାବେଳେ ନିଟ୍ରା ରାଉରକେଲା ଚାପ୍ଟରର ସଭାପତି ଇଂ ବିମଳ କୁମାର ବିଶି ମୁଖ୍ୟଅତିଥି, ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ଉପେନ୍ଦ୍ର ନାଥ ଦାଶ ଓ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ସଭାପତିତ୍ୱ କରିଥିବା ଡ. ଜେନା ତାଙ୍କ ବକ୍ତବ୍ୟରେ ତତ୍କାଳୀନ



ସମୟରେ ଭାଗବତ ଲୋକ ସମ୍ବିଧାନ ତଥା ଭାଗବତ କିପରି ଆମ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଜୀବନକୁ ସମୃଦ୍ଧ କରିଥିଲା ସେ ସମ୍ପର୍କରେ ମତ ରଖିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ନିରୁପମା ପତିଙ୍କ ସଭାପତିତ୍ୱ ଓ କବି ତ୍ରିଲୋଚନ ସ୍ୱାଇଁ, ଆରୁଷୀ ସେନାପତିଙ୍କ ସଂଯୋଜନାରେ ବର୍ଷା ସମ୍ପର୍କିତ କବିତା ପାଠ କରାଯାଇଥିଲା। ଏହି ପାଠୋତ୍ସବରେ କୁଞ୍ଜବିହାରୀ ରାଉତ, ସୋନାଲୀ ମହାନନ୍ଦ, ପ୍ରିୟଙ୍କା ପଲେଇ, କଳ୍ପନା ମହାନ୍ତି, ଧରିତ୍ରୀ ପାଇକରାୟ, ସଞ୍ଜୀବ ଭୋଇ, ଧୋବେଇ ବେହେରା ପ୍ରଭୃତି କବିତା ପାଠ କରିଥିଲେ। ଶେଷରେ ସୁମନ୍ତ କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁ ପାଠାଗାରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା, ୨୨।୮ (ସମିସ):** ରାଉରକେଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସ୍ନେହୀ ମହିଳା ସମିତି ଏବଂ ଗୋପବନ୍ଧୁ ପାଠାଗାରର ମିଳିତ ଉଦ୍ୟମରେ ତଥା ରାଉରକେଲା ଆପୋଲୋ ହସ୍ପିଟାଲ ସହଯୋଗରେ ଗୋପବନ୍ଧୁ ପାଠାଗାର ପରିସରରେ ଏକ ମାଗଣା ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ସାହୁ ଉଦ୍‌ଘାଟନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଶୁଭାରମ୍ଭ କରିଥିଲେ। ଟେକ୍ନିସିଆନ ସବିତା ଦାସ, ସୁନୀତା କିଶାନ, ମମତା ବିଶୋଇ, ସୁମିତ୍ରା ବାଗେ, ଜ୍ୱଳିତ ଟେଟେ, ବ୍ୟାସମଣି ମୁଣ୍ଡାରୀ ତଥା ଅନ୍ୟ ସହଯୋଗୀ ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା, ଲିପିଡ୍ ପ୍ରୋଫାଇଲ୍, ୟୁରିକ୍ ଏସିଡ୍, ଇ.ସି.ଜି., ସ୍ନାୟୁ ସମ୍ବେଦନଶୀଳତା ପ୍ରମୁଖ ପରୀକ୍ଷା କରି ରିପୋର୍ଟ ଦେବାପରେ ଆପୋଲୋ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ (କାର୍ଡିଓଲୋଜିଷ୍ଟ) ଡାକ୍ତର ରବିରଞ୍ଜନ କିଣ୍ଡୋ, କିଡନୀ ରୋଗ ବିଶେଷଜ୍ଞ (ନେଫ୍ରୋଲୋଜିଷ୍ଟ) ଡାକ୍ତର ଅଂଶୁମାନ ଦାସ, ସ୍ନାୟୁ ରୋଗ ବିଶେଷଜ୍ଞ (ନ୍ୟୁରୋଲୋଜିଷ୍ଟ) ଡାକ୍ତର ଅଭିଷେକ ନନ୍ଦ ଏବଂ ଜେନେରାଲ ମେଡ଼ିସିନ ଡାକ୍ତର ଶାଳିନୀ ମିଶ୍ର ପ୍ରମୁଖ ରୋଗୀ ମାନଙ୍କୁ ପରୀକ୍ଷା କରି ଉପଯୁକ୍ତ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମ ଆୟୋଜନରେ ମହିଳା ସମିତିର ସଭାପତି ସବିତା ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ, ସଦସ୍ୟା ଇନ୍ଦିରା ମହାନ୍ତି, ସାବିତ୍ରୀ ଦାସ, ନମିତା ଆଚାର୍ଯ୍ୟ, ନନ୍ଦିତା ପାତ୍ର, ଗୀତା ସେନାପତି, ସୁପ୍ରିୟା ମହାନ୍ତି, ରାଜଶ୍ରୀ ପଣ୍ଡା, ସବିତା ନନ୍ଦ, ଅନିତା ସାହୁ, ଜ୍ୟୋତି ମହାପାତ୍ର ଏବଂ ଗୋପବନ୍ଧୁ ପାଠାଗାରର କର୍ମକର୍ତ୍ତା ନବଘନ ସାହୁ, ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ସୁବାସ ମହାପାତ୍ର, ଅଜିତ ବାରୱା ପ୍ରମୁଖ ସହାୟତା କରିଥିଲେ।

# ନିଟ୍ ରାଉରକେଲାରେ ବିଶ୍ୱ ଉଦ୍ୟୋଗୀ ଦିବସ




**ରାଉରକେଲା, ୨୨।୮ (ସମିସ):** ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ନିଟ୍) ରାଉରକେଲାର ଫାଉଣ୍ଡେସନ୍ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନ୍‌କ୍ୟୁବେସନ୍ (ଏଫ୍‌ଟିବିଆଇ) ପକ୍ଷରୁ ଶୁକ୍ରବାର ବିଶ୍ୱ ଉଦ୍ୟୋଗୀ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ସଫଳ ଉଦ୍ୟୋଗୀ, ପୁରାତନ ଛାତ୍ରଛାତ୍ରୀ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆଗ୍ରହୀ ଯୁବ ଉଦ୍ୟୋଗୀମାନେ ଏକାଠି ହୋଇ ନବସୃଜନ, ଝୁମ୍ପ ନେବାର ସାହସ ଏବଂ ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠା ସମ୍ପର୍କରେ ନିଜ ଅଭିଜ୍ଞତା ଓ ମତ ବିନିମୟ କରିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଫେସର ସୁବ୍ରତ କୁମାର ପଣ୍ଡା ଉଦ୍ୟୋଗୀ ହେବା କ୍ଷେତ୍ରରେ ଦୃଢ଼ତା, ଧୈର୍ଯ୍ୟ ଓ ଝୁମ୍ପ ନେବାର ସାହସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏଫ୍‌ଟିବିଆଇରୁ ଉଦ୍‌ଭବ ହୋଇଥିବା ବିଭିନ୍ନ ଉଦ୍ୟୋଗର ସଫଳତା ଯାତ୍ରା ମଧ୍ୟ ଉପସ୍ଥାପିତ ହୋଇଥିଲା। ଡାଟୋମ୍ବର ପ୍ରତିଷ୍ଠାତା ତଥା ସିଇଓ ଅମୀୟ କୁମାର ସାମନ୍ତରାୟ ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେଇଥିବା ବେଳେ କୋଏଲ୍ ଫ୍ରେଶ୍‌ର ପ୍ରତିଷ୍ଠାତା ତଥା ସିଇଓ ଆଶୁତୋଷ ନାୟକ, ବାୟୋଟେଜ୍ ଏଗ୍ରିନୋଭେସନ୍‌ର ପ୍ରତିଷ୍ଠାତା ଡ. ସୀତାରଶ୍ମି ସାହୁ, ଯୋଶିନୋ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଓ ତଥା ସିଏଫ୍‌ଓ ଅନୁରାଗ ମିଶ୍ର ଏବଂ ଫାଷ୍ଟେକ୍ ଓ ମାୟଅଗ୍ର୍ ୩୬୦ର ସହ-ପ୍ରତିଷ୍ଠାତା ଅଭିଜିତ ସାହୁ ଉପସ୍ଥିତ ଥିଲେ।

ଏଫ୍‌ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିରଞ୍ଜୀବୀ ସାମଲଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଅଂଶଗ୍ରହଣକାରୀ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଜାମୁଦର ଉଚ୍ଚ ବିଦ୍ୟାଳୟ

# ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ

**ବଣାଇଁ, ୨୨।୮ (ସମିସ)**

ବଣାଇଁ ଉପଖଣ୍ଡର ଜାମୁଦର ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ତିନିଜଣ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗର

### ଅଭିଯୋଗ ଆଣିଥିଲେ ପୀଡ଼ିତାଙ୍କ ଅଭିଭାବକ

### ପ୍ରଶାସନ ପକ୍ଷରୁ ତିନିଜଣିଆ ଟିମ୍‌ର ତଦନ୍ତ

ଆରମ୍ଭ ହୋଇଛି ପ୍ରାଶାସନିକ ତଦନ୍ତ। ମାସେ ହେବ ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ରଞ୍ଜନ କୁମାର ନାଏକ କିଛି ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଛାତ୍ରୀମାନେ



ଅଭିଭାବକଙ୍କୁ ଜଣାଇବା ପରେ ଗତ ଅଗଷ୍ଟ ୭ ଦିନ ଶିକ୍ଷକ-ଅଭିଭାବକ କମିଟିର ବୈଠକ ବସିଥିଲା। ନିଷ୍ପତ୍ତି କ୍ରମେ ଏଭଳି ଅଭିଯୋଗକୁ ଭିତ୍ତିକରି କମିଟି ଅଧ୍ୟକ୍ଷ ମନୋହର ଟପ୍ପୋ ବଣାଇଁ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମାତ୍ର ତଦନ୍ତରେ ବିଳମ୍ବ ହେବାରୁ ଅଭିଭାବକଙ୍କ ସହିତ ପିଟିଏ ଅଧ୍ୟକ୍ଷ ଗତ ୨୦ ତାରିଖ ଗୁରୁଣ୍ଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହାପରେ ସୁନ୍ଦରଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ବଣାଇଁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସୁଦୀପ ଟପ୍ପୋଙ୍କ ନେତୃତ୍ୱରେ ଏକ ତିନିଜଣିଆ ତଦନ୍ତ ଟିମ ଗଠନ କରି ତଦନ୍ତ ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ କରିଥିଲେ। ତଦନ୍ତ ଟିମ୍‌ରେ ବଣାଇଁ ସିଡିପିଓ ବୀଣାପାଣି ନାଏକ ଓ ଉପଖଣ୍ଡ ମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ ସାମିଲ ହୋଇ ଶୁକ୍ରବାର ସନ୍ଧ୍ୟାରେ ତଦନ୍ତ କରି ଫେରିଛନ୍ତି। ତଦନ୍ତବେଳେ ଅଭିଭାବକଙ୍କ ଆକ୍ରୋଶ ସ୍ପଷ୍ଟ ବାରି ହେଉଥିଲା। ତଦନ୍ତକାରୀ କମିଟି ରିପୋର୍ଟ ପ୍ରଦାନ କରିବେ ବୋଲି କହିବା ପରେ ସାମାନ୍ୟ ଅବହେଳା ଯୋଗୁଁ କୌଣସି ଛାତ୍ରୀଙ୍କ ଅସୁବିଧା ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ଅଭିଭାବକ ଚେତାବନୀ ଦେଇଥିଲେ।

ଏନେଇ ତଦନ୍ତକାରୀ ଟିମ୍‌କୁ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ଗଣମାଧ୍ୟମକୁ କୌଣସି ସୂଚନା ଏବେ ଦେଇହେବନାହିଁ କହି ଏଡ଼ାଇ ଯାଇଥିଲେ।

## କାମ ଶେଷ ହେବାର ମାସେ ନ ପୂରୁଣୁ ରାସ୍ତା ବେହାଲ

ସଇଁତଲା,୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ୍ ଆମପାଲିରୁ କଣ୍ଡାମୁଣ୍ଡା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୨ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି; କିନ୍ତୁ କାମ ଶେଷ ହେବାର ମାସେ ନ ପୂରୁଣୁ ରାସ୍ତାରେ ଫାଟ ଦେଖା ଦେଇଛି । ଅନେକ ସ୍ଥାନରେ ରାସ୍ତାର ଗୁଣବତ୍ତାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ରାସ୍ତା ନିର୍ମାଣ ସମୟରେ ନିର୍ଦ୍ଧାରିତ ମାନଦଣ୍ଡ ଓ ଗୁଣବତ୍ତା ଠିକ୍ ଭାବେ ପାଳନ କରାଯାଇନି । ଏତେ ଅର୍ଥରେ ନିର୍ମିତ ରାସ୍ତା ଅଳ୍ପ ସମୟ ମଧ୍ୟରେ ଫାଟିଯିବା ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ରାସ୍ତା କାମର ସୂଚନା ଫଳକରେ ଠିକାଦାର ଭାବେ ବଙ୍ଗୋମୁଣ୍ଡା ବ୍ଲକର କମଳା ଅଗ୍ରୱାଲଙ୍କ ନାମ ଉଲ୍ଲେଖ ରହିଛି । ରାସ୍ତା ନିର୍ମାଣର ଗୁଣବତ୍ତା ନେଇ ଏବେ ଠିକାଦାର ଓ ବିଭାଗୀୟ ତଦାରଖ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି ଯେ, ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ନିମ୍ନମାନର କାମ ହୋଇଥାଇପାରେ । ସ୍ଥାନୀୟ ଲୋକଙ୍କ ଦାବି ଯେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଦ୍ୱାରା ରାସ୍ତାର ମାନ ଯାଞ୍ଚ କରାଯାଉ । ଦୋଷ ଥିଲେ ଦାୟୀ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ନିୟମାନୁସାରେ ପଦକ୍ଷେପ ନିଆଯାଉ । ସେହିପରି ତ୍ରୁଟିପୂର୍ଣ୍ଣ ରାସ୍ତାକୁ ମରାମତି କରି ଦୀର୍ଘସ୍ଥାୟୀ କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି ।

## ଡୁମେରଚୁଆଁ ସ୍କୁଲ ଛାତରୁ ପ୍ଲାଷ୍ଟର ଖସୁଛି

କଣ୍ଟାବାଞ୍ଜି,୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ହିଆଲ ପଞ୍ଚାୟତର ଡୁମେରଚୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସୁଛି । ୧୯୫୮ ମସିହାରୁ ଚାଲିଆସୁଥିବା ଏହି ବିଦ୍ୟାଳୟ ଆଜି ଭଗ୍ନ ଅବସ୍ଥାରେ ପଡିଛି । ବର୍ଷା ହେଲେ କ୍ଲାସ୍ ରୁମ୍ ବୁଡୁଛି । ପିଲାମାନେ ପାଣିରେ ବସି ପାଠ ପଢୁଛନ୍ତି । ଲଗାଣ ବର୍ଷା ହେଲେ ବିଦ୍ୟାଳୟ ଭିତରକୁ ପାଣି ପଶୁଛି । ଛାତରୁ ପାଣି ଗଳୁଛି । ଛାତ୍ରଛାତ୍ରୀ ବେଞ୍ଚ୍ ଉପରେ ଠିଆ ହୋଇ କିମ୍ବା ଭିଜା ଜାଗାରେ ବସି ପାଠ ପଢିବାକୁ ବାଧ୍ୟ ହେଉଛନ୍ତି । ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଏ । ବର୍ତ୍ତମାନ ୨୨୭ ଜଣ ଛାତ୍ରଛାତ୍ରୀ ଅଛନ୍ତି; ହେଲେ ୪ଟି କୋଠରୀରେ ପିଲା ବସୁଛନ୍ତି । ଅନେକ ପିଲା ବାରଣ୍ଡା ମଧ୍ୟ ପାଠ ପଢୁଛି । ୩/୪ଟି ଶ୍ରେଣୀର ପିଲା ଏକାଠି ମଧ୍ୟ ବସୁଛନ୍ତି । ଏମିତି ଅବସ୍ଥାରେ ପାଠପଢାର ଗୁଣବତ୍ତା କେମିତି ଭଲ ହେବ ବୋଲି ପ୍ରଶ୍ନ ଉଠୁଛି । ସବୁଠୁ ବଡ ସମସ୍ୟା ହେଲା ଗାଁ ଭିତରେ ଥିବାରୁ ଏହି ବିଦ୍ୟାଳୟର ନିଜସ୍ୱ ସରକାରୀ ଜମି ନାହିଁ । ଏହାଫଳରେ ନୂଆ କୋଠା ନିର୍ମାଣ ହୋଇପାରୁନି । ଖେଳ ପଡିଆ ନାହିଁ । ପାଇଖାନା ବି ଅସ୍ଥାୟୀ । ଗତ ୬୭ ବର୍ଷରେ ବିଦ୍ୟାଳୟର ମୌଳିକ ଭିତ୍ତିଭୂମିରେ କୌଣସି ଉନ୍ନତି ହୋଇନାହିଁ ।

## ବଗଡ଼ାକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଲେ ମହିଳା



ଦେଓଗାଁ,୨୨।୮ (ସମିସ): ବଗଡାରେ ସମ୍ପୂର୍ଣ୍ଣ ରୂପେ ମଦ ବିକ୍ରି ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିଲାଗି ଗାଁର ମହିଳା ତଥା ସଚେତନ ବ୍ୟକ୍ତି ବୈଠକ କରି ଶପଥ ଗ୍ରହଣ କରିଛନ୍ତି । ୨ଦିନ ତଳେ ଗାଁରେ ନରବଳି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏହାର ମୁଖ୍ୟ କାରଣ ମଦ । ଗାଁର ହାଇସ୍କୁଲ ଛକଠୁ ଆରମ୍ଭ କରି ଗାଁରେ ମଧ୍ୟ ଖୁଲମଖୁଲା ମଦ ବିକ୍ରି ହେଉଛି । ଏହାଫଳରେ ଗାଁର ଯୁବଗୋଷ୍ଠୀ ବିପଥଗାମୀ ହେଉଛନ୍ତି । ଗାଁରେ ଅଶାନ୍ତି ପରିବେଶ ସୃଷ୍ଟି ହୋଇଛି । ଏ ନେଇ ଗାଁର ସ୍ୱୟଂ ସହାୟକ ଦଳର ମାଁମାନେ ଆଗରୁ ମଧ୍ୟ ଅନେକ ପ୍ରୟାସ କରିଛନ୍ତି । ଏହି ଘଟଣା ପରେ ଗାଁରେ ଅବାଧ ମଦ ବିକ୍ରି କରିବାକୁ ବାହାରିଛନ୍ତି । ବୈଠକରେ ଗାଁର ପ୍ରତ୍ୟେକ ଘରୁ ମାଁ ଓ ସଚେତନ ନାଗରିକମାନେ ଏକଜୁଟ ହୋଇଥିଲେ । ଗାଁରେ ମଦ ବିକ୍ରି କରାଇ ଦେବେନାହିଁ ବୋଲି ଶପଥ ଗ୍ରହଣ କରିଛନ୍ତି । ପ୍ରଶାସନ ସହଯୋଗ ନ କଲେ ଅବା ଅପ୍ରୀତିକର ପରିସ୍ଥିତି ଉପୁଜିଲେ ପ୍ରଶାସନ ହିଁ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି ।

## ରୋତ କଲେଜରେ ଏଡ୍ସ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଏକ ଏଚ୍.ଆଇ.ଭି/ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଯୁବ ରେଡକ୍ରସ ଦ୍ୱାରା ଆୟୋଜିତ ଏହି ସଚେତନ ସଭାରେ ଅଧ୍ୟକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ ସଭାପତିତ୍ୱ କରିଥିଲେ । ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଇ.ସି.ଡି.ସି. ସଂଯୋଜକ ଖଗେଶ୍ୱର ଗଡତ୍ୟା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏଚ୍.ଆଇ.ଭି/ଏଡସର କାରଣ ଓ ସଚେତନତା ହିଁ ଏହାର ଏକମାତ୍ର ନିରାକରଣ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ମାନସ କୁମାର ଓ ସୁନୟ ସାହୁ ସହଯୋଗ କରିଥିଲେ ।

ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା

# ସାମ୍ନାକୁ ଆସୁନି ସ୍ୱଷ୍ଟ କାରଣ

ବଲାଙ୍ଗିର,୨୨।୮ (ସମିସ)

ବଲାଙ୍ଗିର ବହୁ ଚର୍ଚ୍ଚିତ ଗୁଣ୍ଡା ସାହୁ ଅପହରଣ ମାମଲାକୁ ଗୋଟିଏ ସପ୍ତାହ ବିତିଛି । ଏହି ସମୟ ଭିତରେ ବଲାଙ୍ଗିର ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅନ୍ୟ ପ୍ରାୟ ୬ ଜଣ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି । ତେବେ ଏହି ସପ୍ତାହକ ଭିତରେ ପୁଲିସ ଅଧିକାରୀମାନେ ଦେଇଥିବା ପ୍ରତିକ୍ରିୟାକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି । ଅପହରଣ ପଛର କାରଣ ଏବେ ବି ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ଏହି ଅପହରଣ କେବଳ ଟଙ୍କା ପାଇଁ ନା ଯା ପଛରେ ଆଉ କିଛି କାରଣ ରହିଛି ତାହା ପ୍ରଶ୍ନରେ ରହିଛି; ଯାହାକୁ ସାମ୍ନାକୁ ଆଣିବାକୁ ହୁଏତ ପୀଡିତ କି ପୁଲିସ ଚାହୁଁନାହାନ୍ତି । ଏହାଫଳରେ ଏହି ଅପହରଣ ମାମଲାର ପଛର କାରଣ ଏବେ ବି ଅସ୍ୱଷ୍ଟ ରହିଛି । ପୁଲିସ ମଧ୍ୟ ଚୁପ୍ ରହିଛି ।

ବଲାଙ୍ଗିର ସହରର ଜଣାଶୁଣା ବ୍ୟବସାୟୀ ଗୁଣ୍ଡା ସାହୁ ଅର୍ଥାତ ନରେନ୍ଦ୍ର ସାହୁଙ୍କୁ ଗତ ୧୪ ତାରିଖ ରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା । ୧୫ ତାରିଖ ସଂଧ୍ୟାରେ ପୁଲିସ ତାଙ୍କୁ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରୁ ଉଦ୍ଧାର କରି ବଲାଙ୍ଗିର ଆଣିଥିଲା । ତେବେ ତାଙ୍କୁ ଅପହରଣ କରିଥିବା ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ସାହୁଙ୍କୁ ପୁଲିସ ସେହି ସ୍ଥାନରୁ ହିଁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ବଲାଙ୍ଗିର ସହରର ସଞ୍ଜିତ ବେହେରା, ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ସାମ୍ବାଦିକ ସଞ୍ଜୟ ଜେନା ଓ କମିଶନରେଟ ପୁଲିସରେ କାର୍ଯ୍ୟରତ ଥିବା ମହିଳା ଏସଆଇ ତଥା ଅଭିଯୁକ୍ତର ଭଉଣୀ ସ୍ନେହା ମଞ୍ଜରୀ ସାହୁଙ୍କୁ ପୁଲିସ ପର୍ଯ୍ୟାୟ କ୍ରମେ ଗିରଫ କରିଥିଲା । ତେବେ ଗିରଫ ସମୟରେ କ୍ଷିତୀଶ ଏହି ଅପହରଣ ପଛରେ ହନୁମାନ ପଇସା ଡିଲ୍ ରହିଥିବା କହିଥିଲେ । ନରେନ୍ଦ୍ର ସାହୁଙ୍କୁ ସେ ୨ କୋଟି ୭୦ ଟଙ୍କା ଦେଇଥିବା ମଧ୍ୟ କହିଥିଲା । ଏହାକୁ ନେଇ ପୁଲିସ ତଦନ୍ତ ଚଳାଇଛି । ଏହା ହିଁ କାରଣ ହୋଇଥାଇପାରେ ବୋଲି ଆଇଜି ହିମାଂଶୁ ଲାଲ ସୂଚନା ଦେଇଥିଲେ । ତେବେ ହନୁମାନ ପଇସା

### ସପ୍ତାହ ପରେ ବି ୬ ଫେରାର୍

ଭଳି ଏକ ବେଆଇନ କାରବାରକୁ ନେଇ ବିବାଦ ଦେଖାଦେଇଛି । ପରବର୍ତ୍ତୀ ସମୟରେ ଏସ୍‌ପି ଭିନ୍ନ ଏକ ପ୍ରତିକ୍ରିୟା ଦେଇଥିଲେ । ଏହି ଅପହରଣ ପଛରେ କେବଳ ଟଙ୍କା କାରବାର ରହିଥିବା ସେ କହିଥିଲେ । କେବଳ ଟଙ୍କା ପାଇଁ କ୍ଷିତୀଶ ଭଉଣୀ ଓ ସହଯୋଗୀମାନଙ୍କ ସହ ମିଶି ଏହି କାମ କରିଥିବା ଏସ୍‌ପି କହିଥିଲେ । ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା । ତେବେ ଏହି ମାମଲାରେ ପୁଲିସ ଛାନଭିନ ଚଳାଇଛି । ଏଥିରେ ଆଉ ୬ ଜଣ ସାମିଲ ରହିଥିବା ଏସ୍‌ପି କହିଛନ୍ତି । ଏମାନେ ଏବେ ବି ଫେରାର ରହିଛନ୍ତି । ସେମାନଙ୍କୁ ପୁଲିସ ଖୋଜୁଥିବା ଏସ୍‌ପି କହିଛନ୍ତି । ଏ ସବୁ ଭିତରେ କିନ୍ତୁ ଅପହରଣ ମାମଲା ପଛର କାରଣ ସ୍ୱଷ୍ଟ ହେଉନାହିଁ । ଗୋଟିଏ ପଟେ ହନୁମାନ ପଇସା କାରବାର ଅଭିଯୋଗ ସାମ୍ନାକୁ ଆସିଛି । ଏହାକୁ କିନ୍ତୁ ଅସ୍ୱୀକାର କରାଯାଇଥିଲା । ତେବେ କେବଳ ଟଙ୍କା ଅସୁଲି ପାଇଁ ଗୁଣ୍ଡା ସାହୁଙ୍କ ଭଳି ଜଣେ ବ୍ୟବସାୟୀଙ୍କୁ ଅପହରଣ କରାଯିବା ବିଷୟ ସାଧାରଣରେ ଲୋକେ ଗ୍ରହଣ କରିପାରୁ ନାହାନ୍ତି । ଏହା ପଛରେ ଅଲଗା କାରଣ ରହିଥିବା ଚର୍ଚ୍ଚା ହେଉଛି । ଗୁଣ୍ଡା ସାହୁଙ୍କ ସହ କ୍ଷିତୀଶ ସାହୁଙ୍କ ସଂପର୍କ ଥିଲା କିମ୍ବା ଉଭୟ ପୂର୍ବରୁ କେବେ ଯୋଗାଯୋଗରେ ଥିଲେ କି? ଏହିଭଳି ଅନେକ ଆଲୋଚନା ସାମ୍ନାକୁ ଆସିଛି । ସେହିପରି ଏହି ମାମଲାରେ କ୍ଷିତୀଶ ସାହୁଙ୍କ ଭଉଣୀ ସ୍ନେହା ମଞ୍ଜରୀ ସାହୁଙ୍କ ଲିଙ୍କ୍‌କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି । ସପ୍ତାହ ପରେ ବି ଗୁଣ୍ଡା ସାହୁଙ୍କ ମୋବାଇଲ ପୁଲିସ ଜବତ କରିପାରିନି । ଅନ୍ୟପକ୍ଷେ ଜବତ ହୋଇଥିବା ଏସଆଇ ସ୍ନେହା ମଞ୍ଜରୀ ସାହୁ ଓ କ୍ଷିତୀଶ ସାହୁଙ୍କ ମୋବାଇଲରୁ ପୁଲିସ କ'ଣ ସୁରାକ ପାଇଛି ତାହା ସାମ୍ନାକୁ ଅଣାଯାଉନି । ଦୁଇ ଦିନ ତଳେ ବଲାଙ୍ଗିର ପୁଲିସ କିଛି ଡିଜିଟାଲ ପ୍ରମାଣ ସାମ୍ନାକୁ ଆଣିଥିଲା; ଯାହା ଏହି ମାମଲାରେ କ୍ଷିତୀଶ ସାହୁ ଓ ଅନ୍ୟମାନଙ୍କ ସଂପୃକ୍ତି ରହିଥିବା ସ୍ୱଷ୍ଟ କରାଯାଇଥିଲା । ଏପରିକି ମହିଳା ଏସଆଇଙ୍କ ଏକ ଅଡିଓ ମଧ୍ୟ ସାମ୍ନାକୁ ଅଣାଯାଇଥିଲା । ଯେଉଁଥିରେ ଏସଆଇ ୨୦ ଲକ୍ଷ ଟଙ୍କା ଦାବି କରୁଛନ୍ତି । ଗୋଟିଏ ପଟେ ଅଡିଓ ପ୍ରମାଣିତ ହୋଇ ନ ଥିବା ପୁଲିସ କହୁଛି । ଏଣୁ ସ୍ୱଷ୍ଟ ନ ହୋଇ କିଭଳି ଅଡିଓ ସାମ୍ନାକୁ ଅଣାଗଲା ତାକୁ ନେଇ ମଧ୍ୟ ଆଲୋଚନା ହେଉଛି । ଏ ସବୁ ଭିତରେ ପୁଲିସ ଅପହରଣ ମାମଲାର ସ୍ୱଷ୍ଟ କରୁନି । ତଦନ୍ତରେ ପୁଲିସ ବାଟବଣା ହୋଇଥିବା ଲାକେ ଆଲୋଚନା କରିବା ଆରମ୍ଭ କରିଛନ୍ତି ।

## ଜରାସିଂହା ଆର୍‌ଆଇ ସର୍କଲରେ ମନମାନି

ଦେଓଗାଁ,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ଅଧୀନ ଜରାସିଂହା ଆରଆଇ ସର୍କଲ ପ୍ରତି ଲୋକଙ୍କ ଅସନ୍ତୋଷ ବଢୁଛି । ନିକଟରେ ଲଗାଣ ବର୍ଷା ଯୋଗୁ ଏହି ସର୍କଲର ବିଭିନ୍ନ ଗାଁରେ ଲୋକଙ୍କ ମାଟି ଘର ଭାଙ୍ଗିଛି । ଲୋକେ ପ୍ରଥମେ ଆରଆଇ କାର୍ଯ୍ୟାଳୟକୁ ଯାଇ ପ୍ରାଥମିକ ସହାୟତା ଭାବେ ତାରପୋଲିନ ଜରିଖଣ୍ଡେ ଦେବାକୁ ଅନୁରୋଧ କରିଥିଲେ । ହିତାଧିକାରୀଙ୍କ ଅଭିଯୋଗ ଅନୁସାରେ ୨/୩ ଥର ଅଫିସକୁ ଯିବା ପରେ ଆରଆଇ କାର୍ଯ୍ୟାଳୟକ କର୍ମଚାରୀମାନେ ଭାଙ୍ଗିଥିବା ଘର ଦେଖିବାକୁ ଯାଇଥିଲେ । ପରେ ଜରି ଦେବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଡକାଇଥିଲେ; ହେଲେ ଗୋଟିଏ ତାରପୋଲିନ ଜରିକୁ ୪ଭାଗ କରି କାଟିଲା ପରେ ଜଣ ଜଣ କରି ବାଣ୍ଟିଥିଲେ । ଏହାକୁ ନେଇ ହିତାଧିକାରୀ ତହସିଲଦାର ନର୍ମଦା ନାୟକଙ୍କୁ ଅଭିଯୋଗ କରିଥିଲେ । ଏହାପରେ ସମସ୍ତଙ୍କୁ ବଡ ତାରପୋଲିନ ଦେବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବା ସହ ଆରଆଇ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ପରେ ଅତିରିକ୍ତ ତହସିଲଦାର ଓ ଆରଆଇ କାର୍ଯ୍ୟାଳୟର କର୍ମଚାରୀମାନେ କଟା ଜରି ପାଇଥିବା ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରିଥିଲେ; ହେଲେ ବର୍ଷାରେ ଘର ଭାଙ୍ଗିନାହିଁ ବୋଲି କହି ତାରପୋଲିନ ଜରି ଦେଇ ନ ଥିବା ଜଣାପଡିଛି । ଏହାକୁ ନେଇ ସବିତା ପାତ୍ର, ବିଳାସ ରଣା, ରଶ୍ମିତା ନାଗ, ସାଧୁ ବାରିକ, ଭବାନୀ ପଧାନ, ସିତାରାମ ଛତ୍ରିଆ, କିଶୋରୀ ମହାନନ୍ଦ, ସୁଦେଷ୍ଣା ପଧାନ, ଲାଲବିହାରୀ ପଧାନ ପ୍ରମୁଖ ଘର ଭାଙ୍ଗିଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏ ନେଇ ତହସିଲଦାର ନର୍ମଦା ନାୟକଙ୍କୁ ପଚାରିବାରୁ ଅତିରିକ୍ତ ତହସିଲଦାର ଓ ଆରଆଇ ଘରକୁ ଯାଇ ତଦନ୍ତ କରିଛନ୍ତି । ସେମାନଙ୍କ ରିପୋର୍ଟ ଅନୁସାରେ ତାରପୋଲିନ ଜରି ଦିଆଯିବ ବୋଲି କହିଥିଲେ ।

## ସିଲ୍ ହେଲା ସିହିନୀର ବାପ-ପୁଅ ଯୋଡ଼ିଙ୍କ ନକଲି କ୍ଲିନିକ୍



'ସକାଳ' ପ୍ରଭାବ

ପାଟଣାଗଡ଼,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ୍ ଅଧୀନ ସିହିନୀରେ ବାପପୁଅଙ୍କ ବେଆଇନ କ୍ଲିନିକକୁ ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଲ୍ କରାଯାଇଛି । ଏହି ଚଢ଼ଉରେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେରଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ପୁଲିସ କର୍ମଚାରୀ ସାମିଲ ଥିଲେ । ଏହି ବେଆଇନ୍ କ୍ଲିନିକ ଖୋଲି ବାପପୁଅ ନକଲି ଚିକିତ୍ସା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବଲାଙ୍ଗିରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏନେଇ "ସକାଳ'ରେ ଖବର ପ୍ରକାଶ ପରେ ୨ ଦିନ ଧରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବେଆଇନ କ୍ଲିନିକରେ ଚଢ଼ାଉ ହୋଇଥିଲା । ଚଢ଼ଉରେ ଜବତ ହୋଇଥିବା ସାର୍ଟିଫିକେଟ ସବୁ ନକଲି ବୋଲି ଜଣାପଡିଥିଲା । ଏନେଇ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ କ୍ଲିନିକକୁ ସିଲ୍ କରିବା ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ତୁରନ୍ତ କ୍ଲିନିକ ସିଲ୍ କରାଯାଇ ନ ଥିଲା । ଏହାଫଳରେ ଏହାର ଫାଇଦା ନେଇ ନକଲି ଡାକ୍ତର ଜଣକ ପୁଣି ବେଆଇନ ଚିକିତ୍ସା ଜାରି ରଖିଥିଲା । ଏନେଇ ଶନିବାର "ସକାଳ'ରେ 'ଚିଠିରେ ସୀମିତ ରହିଗଲା କ୍ଲିନିକ ସିଲ' ଖବର ପ୍ରକାଶିତ ହୋଇଥିଲା । ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ଏହି କ୍ଲିନିକକୁ ସିଲ୍ କରାଯାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର,୨୨।୮ (ସମିସ): ସ୍ଥାନୀୟ ଗାନ୍ଧୀନଗର ପଡ଼ାସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନ ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱରୂପାମଞ୍ଜରୀ ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଛାତ୍ରୀମାନଙ୍କ ମଧ୍ୟରେ, ସାଇବର ସୁରକ୍ଷା, ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଶିକ୍ଷୟିତ୍ରୀ ନୂତନ ନାୟକ, ଯାଜ୍ଞସିନୀ ମହାପାତ୍ର, ଅଂଶୁ ସାହାଣୀ, ପ୍ରିୟମ୍ବଦା ଦେବ, ନମିତା କର, ସବିତା ମିଶ୍ର, ରଶ୍ମିତା ଦାଶ, ସୌମ୍ୟାଶ୍ରୀ ସାହୁ, ସୋମନାଞ୍ଜଳି ସାହୁ, ଧାରାଶ୍ରୀ ଧିମହୀ ବେହେରା, ସଂଗୀତା ସାହୁ, ବିଦ୍ୟୁରେଖା ସାହୁ, ଲିଲି ଭୋଇ, ଦୀପ୍ତି ବେହେରା ଓ ଶିକ୍ଷକ ରଞ୍ଜିତ ମିଶ୍ର, ହରି ଖେତୀ, ସୁରେଶ ବାରିକଙ୍କ ସହ ଛାତ୍ରୀମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବଲାଙ୍ଗୀର ପୁଲିସ ପକ୍ଷରୁ ଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ଓ ବିଦ୍ୟାଳୟ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା । ବିଶେଷକରି ଅନଲାଇନ୍ ଠକେଇ, ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ବ୍ୟକ୍ତିଗତ ତଥ୍ୟ ଓ ପାସୱାର୍ଡ କାହା ସହି ଅନାବଶ୍ୟକ ଭାବେ ଅଂଶୀଦାର ନ କରିବା ଏବଂ ସୋସିଆଲ୍ ମିଡିଆର ସୁରକ୍ଷିତ ବ୍ୟବହାର ନେଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା । ବଲାଙ୍ଗିର ସାଇବାର ଥାନା ଅଧିକାରୀ ଭାରତୀ ନାଏକ ଓ ଏସଆଇ ବୈଦୁର୍ଯ୍ୟ ପଧାନ ସାଇବର ସୁରକ୍ଷାର ଗୁରୁତ୍ୱ ଉପରେ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ଲିଜାରାଣୀ ସାହୁ ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ ।

## ଆଗଲପୁର ବିଜ୍ଞାନ ମହାବିଦ୍ୟାଳୟରେ ପୁରସ୍କାର ବିତରଣ




ବଲାଙ୍ଗିର,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟରେ ନବସୃଜନ କାର୍ଯ୍ୟକ୍ରମ ଓ ଷ୍ଟାର୍ଟଅପର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସନତ କୁମାର ଦଳାଇଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଞ୍ଚଳର ସଫଳ କୃଷକ ଜନ୍ମେଜୟ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ବାନ୍ଧକଳା କ୍ଷେତ୍ରରେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ସଫଳ ଉଦ୍ୟୋଗୀ ସୀମା ମେହେର ଏବଂ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସ୍ମୃତିରେଖା ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ନବସୃଜନ, ଉଦ୍ୟୋଗୀ ଚିନ୍ତାଧାରା ଓ ଆନନିର୍ଭରତା ଦିଗରେ ଅତିଥିଗଣ ପ୍ରେରଣା ଦେଇଥିଲେ । ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅଧିକାରୀ ଡ. ଉମାଶଙ୍କର ପଧାନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଶିକ୍ଷା ବିଭାଗର ଅଧ୍ୟାପକ ଅନ୍ନଦା ପ୍ରସନ୍ନ ତ୍ରିପାଠୀ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ । ଷ୍ଟାର୍ଟଅପ ପ୍ରତିଯୋଗିତାରେ ବିନୀ ପାଣ୍ଡେ ଓ ସୁବର୍ଣ୍ଣା ତାଣ୍ଡି ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ହେମଲତା ତାଣ୍ଡି ଦ୍ୱିତୀୟ ଏବଂ ଜିତୁ ଡୋରା ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ । ଛାତ୍ରଛାତ୍ରୀଙ୍କ ନୂତନ ଚିନ୍ତାଧାରା ଓ ସୃଜନଶୀଳ ପ୍ରୟାସ ପାଇଁ ଅତିଥିମାନେ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହି ଚିନ୍ତାଧାରାକୁ ସଫଳ ଷ୍ଟାର୍ଟଅପ୍‌ରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ଛତୁ ଚାଷ ସମ୍ବନ୍ଧୀୟ ତାଲିମ ଶିବିର




କଣ୍ଟାବାଞ୍ଜି,୨୨।୮ (ସମିସ): ଅର୍ଶାତୁଳା ପଞ୍ଚାୟତରେ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବଙ୍ଗୋମୁଣ୍ଡା ବ୍ଲକ୍ ଅର୍ଶାତୁଲା, କୁର୍ଡିଆମୁଣ୍ଡା, ଝଲପ, ଭାନପୁର ଓ ବାଲବେଙ୍ଗ ଗ୍ରାମର ଉତ୍ପାଦକ ଗୋଷ୍ଠୀର ଛତୁ ଚାଷ କରୁଥିବା ମହିଳା ଚାଷୀଙ୍କୁ ନେଇ ଏହି ଶିବିର କରାଯାଇଥିଲା । ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ ତରଫରୁ ଗ୍ରୀନ କଲେଜ ପ୍ରକଳ୍ପ ମାଧ୍ୟମରେ ୩ ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁବଳ ମେହେର ତାଲିମ ଦେଇଥିଲେ । ବ୍ୟବସାୟିକ ଭିତ୍ତିକ ଛତୁ (ପାଳ ଛତୁ, ଧିଙ୍ଗରି ଛତୁ) ଚାଷ କରି ବର୍ଷ ସାରା କିପରି ଆୟ କରିହେବ ସେ ଉପରେ ଆଲେରଚନା ହୋଇଥିଲା । ଛତୁମଞ୍ଜି , ପାଳ ଓ ବେସନ ଦ୍ୱାରା କିପରି ଚାଷ କରାଯିବ ତାହା ପ୍ରଦର୍ଶନ କରାଯାଇଥିଲା । ଗୁରୁଗୋବିନ୍ଦ ସିଂହ ମାଝୀ, ସୁମନ୍ତ ମହାପାତ୍ର, କୈବଲ୍ୟ ପୁଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ବହୁ ମହିଳା ତାଲିମ ଗ୍ରହଣ କରିଛନ୍ତି ।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ




ଦେଓଗାଁ,୨୨।୮ (ସମିସ): ଦେଓଗାଁ କୃଷି ସେବା ସମବାୟ ସମିତି ପରିସରରେ ବଲାଙ୍ଗିର ସ୍କୁଲ ଅଫ ନର୍ସିଂ, ସେଞ୍ଚୁରିଅନ ୟୁନିଭରସିଟିର ବଲାଙ୍ଗିର କ୍ୟାମ୍ପସ ତରଫରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ କରାଯାଇଛି । ଏଥିରେ ସଂଯୋଜକ ହିମାଂଶୁ ବାଗଙ୍କ ତତ୍ତ୍ୱାବଧାନରେ ରିଜିଓନାଲ ଡାଇରେକ୍ଟର ଡା. ପ୍ରଦୀପ ଷଡଙ୍ଗୀ, ନର୍ସିଂ ଛାତ୍ର ଶକ୍ତି ପ୍ରସାଦ ପୂଝାରୀ, ବିଦ୍ୱତ ମହନ୍ତ, ଗିରିଜା ପ୍ରସନ୍ନ ତ୍ରିପାଠୀ, ତୁଷାର ମେହେର ଓ ସାହିଲ ନାଏକ ପ୍ରମୁଖ ଯୋଗଦେଇ ୧୫୮ ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଏମାନଙ୍କ ମଧ୍ୟରୁ ୧୫୧ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ପାକ୍ସର ସଭାପତି ଶୈଳେନ୍ଦ୍ର ସାହୁ, ସମ୍ପାଦକ ହିମାଂଶୁ ସେଖର ପଟ୍ଟନାୟକ, ଡିଇଓ ଶ୍ରୀକାନ୍ତ ସାହୁ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ନିମ୍ନମାନର କଂକ୍ରିଟ ରାସ୍ତା କାମ କରି ଅନୁଦାନ ଆତ୍ମସାତ

କଣ୍ଟାବାଞ୍ଜି,୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ବଡବାଙ୍କି ପଞ୍ଚାୟତ ସାନବାଙ୍କି ଗାଁରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ତୁରେକେଲା ପଞ୍ଚାୟତ ସମିତି ପକ୍ଷରୁ ସାନବାଙ୍କି ମୁଖ୍ୟରାସ୍ତାଠାରୁ ଗଣ୍ଡାପଡା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ରାଜ୍ୟ ରାଜକୋଷକୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବାସ୍ତବରେ ନିୟମ ଅନୁସାରେ କାମ ହୋଇ ନ ଥିବା ଅଭିଯୋଗ ହେଉଛି । ନିମ୍ନମାନର କଂକ୍ରିଟ କରାଯାଇଥିବାରୁ ସିମେଣ୍ଟ ଉଡୁଛି । ନିୟମ ଅନୁସାରେ ଯେତେ କାମ ହେବା କଥା ସେହି ଅନୁସାରେ କାମ ହୋଇନି ।

# ବିଜେଡି ମହିଳା ଜନତା ଦଳର ନୂଆ ସାଂଗଠନିକ ଦାୟିତ୍ୱ ଘୋଷଣା

ବଲାଙ୍ଗିର,୨୨।୮ (ସମିସ)

ବଲାଙ୍ଗିର ସାଂଗଠନିକ ଜିଲ୍ଲାରେ ବିଜୁ ଜନତା ଦଳର ମହିଳା ସଂଗଠନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ନୂଆ କର୍ମକର୍ତ୍ତା ଓ ପଦାଧିକାରୀଙ୍କ ନିଯୁକ୍ତି ଘୋଷଣା କରାଯାଇଛି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକ୍, ଏନ୍‌ଏସି ଓ ମ୍ୟୁନିସିପାଲିଟି ପାଇଁ ମହିଳା ଜନତା ଦଳର ବ୍ଲକ୍/ନଗର ସଭାପତି ନିଯୁକ୍ତ କରାଯାଇଛି । ପଟଣାଗଡ଼ ବ୍ଲକ୍ ପାଇଁ ବାଳିକା ମାଝୀ, ବେଲପଡ଼ା ବ୍ଲକ୍ ପାଇଁ ଯମୁନା ରଣା, ଖପ୍ରାଖୋଲ ବ୍ଲକ୍ ପାଇଁ ଖୁଲଣା ଧାରୁଆ ଏବଂ ପଟଣାଗଡ଼ ଏନ୍‌ଏସି ପାଇଁ ମଞ୍ଜୁ ମୁଣ୍ଡାଙ୍କୁ ଦାୟିତ୍ୱ ମିଳିଛି । ସେହିପରି ବଙ୍ଗୋମୁଣ୍ଡା ବ୍ଲକ୍ ପାଇଁ ଅଞ୍ଜନା ମେହେର, କଣ୍ଟାବାଞ୍ଜି ଏନ୍‌ଏସି ପାଇଁ ସାଲିନୀ ଜୈନ ଓ ଚନ୍ଦ୍ରମା ବାଗ, ମୁରିବାହାଲ ବ୍ଲକ୍ ପାଇଁ ରଜନୀ ବାଗ ଓ ସୁନ୍ଦରମତୀ ବାଗ, ତୁରେକେଲା ବ୍ଲକ୍ ପାଇଁ ମଧୁରୀ ଶବର ଓ ସ୍ନିଗ୍ଧା ମେହେରଙ୍କୁ ନିଯୁକ୍ତ କରାଯାଇଛି । ଲୋଇସିଂହା ବ୍ଲକ୍ ପାଇଁ ସବିତା ବାଗ, ଲୋଇସିଂହା ଏନ୍‌ଏସି ପାଇଁ ତପିସା ପାଧାନ, ପୁଇଁତଲା ବ୍ଲକ୍ ପାଇଁ ଲିପିକା ପ୍ରଧାନ, ଅଗଲପୁର ବ୍ଲକ୍ ପାଇଁ ବୀଣାପାଣି ଦାସ, ଟିଟିଲାଗଡ଼ ବ୍ଲକ୍ ପାଇଁ ରମାକାନ୍ତି ପୁଟେଲ, ସଇଁତଲା ବ୍ଲକ୍ ପାଇଁ ଅମ୍ରିତା ଦୀପ ଏବଂ ଗୁଡ଼ଭେଲା ବ୍ଲକ୍ ପାଇଁ ସଞ୍ଜୁ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି । ଟିଟିଲାଗଡ଼ ମ୍ୟୁନିସିପାଲିଟି ପାଇଁ ପୁଷ୍ପା ମଞ୍ଜରୀ ଜାଲ, ତୁଷୁରା ଏନ୍‌ଏସି ପାଇଁ ମାମି ଦାସ, ଦେଓଗାଁ ବ୍ଲକ୍ ପାଇଁ ସତ୍ୟବତୀ ପୁଟା, ବଲାଙ୍ଗିର ବ୍ଲକ୍ ପାଇଁ ଗୀତାଞ୍ଜଳି କୁଅଁର ଏବଂ ବଲାଙ୍ଗିର ଟାଉନ୍ ପାଇଁ ଲିପିଶ୍ରୀ ସାଏଙ୍କୁ ମହିଳା ସଂଗଠନର ସଭାପତି ଦାୟିତ୍ୱ ମିଳିଛି । ଏହାସହ ବଲାଙ୍ଗିର ଜିଲ୍ଲା ମହିଳା ଜନତା ଦଳର ଜିଲ୍ଲା କମିଟି ମଧ୍ୟ ଗଠନ କରାଯାଇଛି । କମିଟିରେ ରଞ୍ଜିତା ସୁନା, ଭାରତୀ ମେହେର, ମିଥିଳା ମାଝୀ, ନିରୁପମା ଗହୀର, ରୀତା ହାତୀ, ଜ୍ୟୋତ୍ସ୍ନାମୟୀ ନାଗ ଓ ସନ୍ତୋଷିନୀ ବେହେରାଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ଲକ୍ଷ୍ମୀ ମାଝୀ, ମାନସୀ ବିଶ୍ୱାଳ, ସାବିତ୍ରୀ ନାଗ, କସ୍ତୁରୀ ସେଠ, ଅନିତା କଟା, ଚିତ୍ରରେଖା ତାଣ୍ଡି, ସୁନୀତା ମେହେର, ସସ୍ମିତା ସିଂହ, ଚାନ୍ଦୋ ବାଗ, ବିନୋଦିନୀ ମହାନ୍ତି, ମିନା ସାହୁ, ଲଳିତା ସାହୁ, ନିରୁପମା ପାଧାନ, ରଞ୍ଜିତା ଭୋଇ, ସଞ୍ଜୁକ୍ତା ବରିହା, ସୁନୀତା ବେହେରା ଓ ନନ୍ଦିନୀ ପୋଡ଼ଙ୍କ ସମେତ ବିଭିନ୍ନ ମହିଳା କର୍ମକର୍ତ୍ତାଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି । ଜିଲ୍ଲା କମିଟିରେ ସୁଜାତା ପାଣିଗ୍ରାହୀ, ବନିତା ଖମାରୀ, ବିଦ୍ୟୁମତୀ ସାହୁ, ଭୂମିସିତା ଧରୁଆ, ଶୈଳବାଳା ବାଗ, ଦେବକୀ ରଣା, ସିମ୍ରନ୍ କୌର, ଅନିତା ଦଣ୍ଡସେନା, ଯାଜ୍ଞସିନି ହାତୀ, ସୂର୍ଯ୍ୟକାନ୍ତି ପୁଟେଲ, କୁନି ଜେନା, ଗୀତାଞ୍ଜଳି ଖଣ୍ଡଗିରି, ଧୀରା ରଣା, ରଶ୍ମିତା ପ୍ରଧାନ, ଅନିତା ଭୋଇ, ମାମି ସାହୁ, ପୁରବୀ ବାଗ, ଦିବ୍ୟ ଭାରତୀ ପାଧାନ, ଗୀତାଞ୍ଜଳି ପଟେଲ, ଗୀତାଞ୍ଜଳି ଭୋଇ, ଝରଣା କୁଅଁର, ସୁମତି ସେଠ, ରିନାଭରା ସରାଗ ଓ ମମତା ଜେନାଙ୍କୁ ସମ୍ପାଦକ ଭାବେ ସାମିଲ କରାଯାଇଛି । ମମତା କୁମାରାଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ଆଦେଶକ୍ରମେ ଏହି ନିଯୁକ୍ତି ଘୋଷଣା ହୋଇଛି । ନୂଆ ଦାୟିତ୍ୱ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାରେ ମହିଳା ସଂଗଠନକୁ ଅଧିକ ସକ୍ରିୟ ଓ ତୃଣମୂଳସ୍ତରରେ ସୁଦୃଢ଼ କରିବା ଦିଗରେ ଦଳ ଗୁରୁତ୍ୱ ଦେଇଛି ।

## ଲଣ୍ଡାପଥରରେ ଚାରାରୋପଣ କାର୍ଯ୍ୟକ୍ରମ



ଦେଓଗାଁ,୨୨।୮ (ସମିସ): ଲଣ୍ଡାପଥରରେ ଗ୍ରାମ୍ୟ ଉନ୍ନୟନ କମିଟି ଓ ୟୁଥ୍ କମିଟିର ମିଳିତ ସହଯୋଗ ବଲାଙ୍ଗିର ମହାଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ଶନିବାର ଚାରାରୋପଣ କରାଯାଇଛି । କ୍ଲଷ୍ଟର ସଂଯୋଜକ ରୁଦ୍ର ନାରାୟଣ ବଗର୍ତ୍ତିଙ୍କ ପରିଚାଳନାରେ ଫାଉଣ୍ଡେସନର ଜ୍ୟୋତି ପ୍ରକାଶ ନାଏକ ଓ କ୍ଲଷ୍ଟର ସଂଯୋଜକ ବାହାଦୁର ଷାଣ୍ଢ ପ୍ରମୁଖ ଯୋଗ ଦେଇଥିଲେ । ଗାଁର ମାଗୁର ନାଳାଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ଜାମୁ, କରଞ୍ଜ, କୃଷ୍ଣଚୂଡା, ନିମ୍ବ, ଅଁଳା ଆଦି ୪୫୦ଟି ଚାରା ରୋପଣ କରାଯାଇଛି । ଏଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରାଯାଇଥିଲା ।

# ଅନୁତାପ



ମହମ୍ମଦ ହିଫ୍‌ଜୁର ରହେମାନ୍



ହାତରେ ଘଡ଼ିକୁ ଦେଖୁଛନ୍ତି, ସେପଟେ ଗେଟ୍ ଆଡ଼କୁ ଚାହୁଁଛନ୍ତି । ଭାରି ବ୍ୟସ୍ତ ଲାଗୁଛି । ଏତେ ଡେରି ହେଲାଣି । ଲୋକଟି ଆସୁନାହିଁ କି ଫୋନ୍ ବି ଉଠାଉ ନାହିଁ । କ'ଣ ହେଇଛି । ଏମିତି ତ କେବେ ହୋଇନାହିଁ ।

ପାର୍କର ଗୋଟିଏ କୋଣରେ ବସି ଏପରି ବ୍ୟସ୍ତ ବିବ୍ରତ ହେଉଛନ୍ତି ଉର୍ମିଳା । ଯାଇ ହେଉନି କି ଅପେକ୍ଷା କରି ବି ହେଉନି । କରିବେ ତ କରିବେ କ'ଣ?

ଠିକ୍ ଏହି ସମୟରେ ଏଣ୍ଟ୍ରି ମାରିଲେ ସୌରଭ । ଗୋଟିଏ ହାତରେ ମୋବାଇଲ୍, ଆଉ ଗୋଟିଏ ହାତରେ ଖାଦ୍ୟ ପୁଡ଼ିଆ । ଉର୍ମିଳାଙ୍କ ପାଖରେ ପହଞ୍ଚିଲା ପରେ କହିଲେ, "ସରି ।"

ସୌରଭଙ୍କୁ ଦେଖିଲା ପରେ ଆଶ୍ୱସ୍ତ ହୋଇ ଛାତିରେ ହାତ ରଖି କହିଲେ, "ଥ୍ୟାଙ୍କ୍ ଗଡ୍ ।"

ଉର୍ମିଳାଙ୍କ ସାଇଡ୍‌ରେ ବସି ପଡ଼ିଲେ ସୌରଭ । ଉର୍ମିଳାଙ୍କ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଖିରୁ ଲୁହ ଝରୁଥିଲା ଏବଂ ମୁହଁରେ ହସ ବି ଥିଲା ।

ଉର୍ମିଳାଙ୍କ ଆଡ଼କୁ ଖାଦ୍ୟ ପୁଡ଼ିଆ ବଢ଼ାଇ କହିଲେ, "ନିଅ ତମର ପ୍ରିୟ ଚିଜ୍ ସାଣ୍ଡୱିଚ୍ । ସେ ପ୍ୟାକେଟରେ ରହିଛି ମିଲ୍‌କ ସେକ୍ ।"

ଉର୍ମିଳା ପ୍ରଶ୍ନ କରିବା ପୂର୍ବରୁ ସୌରଭ କହିଲେ, "ଟ୍ରାଫିକ୍‌ରେ ଫସି ଯାଇଥିଲି । ମୋବାଇଲ୍ ଉଠାଇ ପାରିଲି ନାହିଁ ।"

"ତମେ ଏବେ ବି ମୋ' ପ୍ରିୟ ଖାଦ୍ୟ କଥା ମନେ ରଖିଛ ", ପଚାରିଲେ ଉର୍ମିଳା ।

ଥରେ ଅଭ୍ୟାସ ହୋଇଗଲେ ଛାଡ଼ିବା ମୁସ୍କିଲ ହୋଇପଡ଼େ... ହଉ ଛାଡ଼ ସେ ପୁରୁଣା କଥା । ଏବେ ତମ ଖବର କ'ଣ କୁହ କେମିତି ଚାଲିଛି ତମର ସଂସାର ? ଏବେ ସବୁ ଠିକ୍‌ଠାକ୍ ତ ?

ସୌରଭଙ୍କ ମୁହଁରୁ ଏହି ପ୍ରଶ୍ନ ଶୁଣି ଦୀର୍ଘ ନିଶ୍ୱାସ ପକାଇ କହିଲେ ଉର୍ମିଳା- "ହଁ, ଚାଲିଛି... "

"ଏତେ ଦୀର୍ଘ ନିଶ୍ୱାସ କାହିଁକି? କୋଟିପତି ସ୍ୱାମୀ ପାଇଲ । ମହଲରେ ରହୁଛ । ଦାମିକିଆ କାରରେ ଯାଉଛ ! ପୁଣି ଅସୁବିଧା କ'ଣ?"

"ମୋ' କଥା ଛାଡ଼, ତମର କେମିତି ଚାଲିଛି କୁହ?" ପଚାରିଲେ ଉର୍ମିଳା । "ବାହାଘର ହେଲାଣି ନା ନାହିଁ ?"

"କ'ଣ ଏଇ ପ୍ରଶ୍ନ ପାଇଁ ଏତେ ଦିନ ପରେ ମୋ କଥା ମନେପଡ଼ିଲା? କ'ଣ ଏଇଥିପାଇଁ ଡାକିଥିଲ?" ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ସୌରଭ । "ନାହିଁ ଯେ, ମୁଁ ଏମିତି ପଚାରି ଦେଲି" । ଉର୍ମିଳାଙ୍କୁ ହଡ଼ବଡ଼େଇବା ଦେଖି ହସି ପକାଇଲେ ସୌରଭ "ବାହାଘର ! ନୋ ୱେ ମୋ ଜୀବନରେ ଆଉ ଜଣେ ଉର୍ମିଳା ଏବଂ ଉର୍ମିଳା ଜୀବନରେ ଆଉ ଜଣେ ଅମିତ ଆସୁ, ଏହା ମୁଁ ଚାହେଁ ନାହିଁ ।" ଗମ୍ଭୀର ସ୍ୱରରେ କହିଲେ ସୌରଭ ।

"ମୁଁ କଉ ଖୁସିରେ ଅଛି କି? ତମର ରୋଜଗାର କମ୍ ଥିଲା, କିନ୍ତୁ ଆମେ ଖୁସିରେ ଥିଲୁ । ସମୟ ତ ମିଳୁଥିଲା, ଗପସପ କରିବାକୁ । କିନ୍ତୁ ଦୁର୍ଭାଗ୍ୟ, ଷ୍ଟାଟସ୍ ମୋହରେ ପଡ଼ି ଅନ୍ଧ ହୋଇଯାଇଥିଲି" ନରମ ସ୍ୱରରେ ଉର୍ମିଳା ଆସ୍ତେ ଆସ୍ତେ ଏମିତି କହି ଚାଲିଥିବା ବେଳେ ସୌରଭ ପଚାରିଲେ, "କ'ଣ ଅମିତ ତମକୁ ସମୟ ଦେଉନି ?"

"ଗାଳି, ମାଡ଼ ଛଡ଼ା ଜୀବନରେ ଆଉ କ'ଣ ରହିଯାଇଛି କି..." କହୁ କହୁ ଚୁପ୍ ହୋଇଗଲେ ଉର୍ମିଳା ।

ଏହା ଶୁଣି ହତବାକ୍ ହୋଇଯାଇଥିଲେ ସୌରଭ କିଛି ସମୟ ପାଇଁ ଯେମିତି ପାର୍କରେ ଛାଇ ଯାଇଥିଲା ନିରବତା ପବନ ବନ୍ଦ ହୋଇଯାଇଥିଲା ଏବଂ ଗଛ ପତର ବି ହଲୁନଥିଲା । ସୌରଭ ଏବଂ ଉର୍ମିଳା ପରସ୍ପରକୁ ଚାହିଁ ରହିଲେ । ଆଖି ପତା ବି ପଡୁନଥିଲା । ଉର୍ମିଳାଙ୍କ ମନ ଭିତରେ କୋହ ଏବଂ ଆଖିରୁ ଠକ୍ ଠକ୍ ହୋଇ ଝରିପଡୁଥିଲା ଲୁହ ଟିକିଏ ଯଦି ସୁଯୋଗ ମିଳନ୍ତା, ସୌରଭ କାନ୍ଧରେ ମୁଣ୍ଡ ରଖି କାନ୍ଦି ପକାନ୍ତି । ଦୁଃଖକଷ୍ଟ ତ ଜୀବନ, କିନ୍ତୁ ମନ ହାଲୁକା ତ ହୋଇଯିବ । ଉର୍ମିଳା ମନ ଭିତରେ ଏମିତି ଭାବୁଥିବାବେଳେ ଲୁହ ଝରିବାରେ ଲାଗିଥିଲା ଆଉ ବରଦାସ୍ତ କରିପାରିଲେ ନାହିଁ ସୌରଭ । ଉର୍ମିଳାଙ୍କ ଆଖିରୁ ଲୁହ ପୋଛିବା ପାଇଁ ହାତ ଉପରକୁ ଉଠାଉ ଉଠାଉ ଅଟକିଗଲେ ସୌରଭ । ନିଜକୁ ସମ୍ଭାଳିବା ସ୍ଥିତିରେ ନଥିଲେ ଉର୍ମିଳା । ସେ ଦୁଇ ହାତ ମେଲାଇ ସୌରଭଙ୍କୁ ଧରିବାକୁ ଯାଉଥିବା ବେଳେ ତାଙ୍କୁ ଅଟକାଇଦେଲେ ସୌରଭ । "ଛୁଇଁବାର ଅଧିକାର ଆଉ ନାହିଁ । ଯେଉଁଦିନ ତମେ ମତେ ଡାଇଭର୍ସ କରି ଅମିତକୁ ବାହା ହେଲ, ସେହିଦିନ ଏହି ଅଧିକାର ତମେ ଛଡ଼ାଇ ନେଇଛ ।"

ସୌରଭଙ୍କ ଏହି କଥା ଶୁଣି ଭୋ ଭୋ ହୋଇ କାନ୍ଦି ପକାଇଲେ ଉର୍ମିଳା, କହିଲେ "ମୁଁ ପଶ୍ଚାତାପ କରିବାକୁ ଚାହୁଁଛି ଆଉ ସେ ପଶ୍ଚାତାପର କୌଣସି ମୂଲ୍ୟ ନାହିଁ, ଆଉ ଗୋଟିଏ ଘର, ଆଉ ଗୋଟିଏ ପରିବାର ଭାଙ୍ଗ ନାହିଁ ଲିଭ୍ ମି ଏଲୋନ୍ ।" ପ୍ଲିଜ୍ ହାତଯୋଡ଼ି ଏମିତି କହୁଥିବା ବେଳେ ନିଜ କୋହକୁ ମଧ ସମ୍ଭାଳି ପାରି ନଥିଲେ ସୌରଭ ।

# ଜନ୍ତର ମନ୍ତର

ଅମିୟ ରଞ୍ଜନ ମହାପାତ୍ର



ଗଛର ଗଭାରେ ଫୁଲ ଫୁଟିବାର
ସବୁ ସମ୍ଭାବନା ସଜେଇଦେଇ ଆସିଥିଲି
ନେଇଛ କି ?
କାକରଗାଧୁଆ ଘାସମାନଙ୍କୁ ଦଳି
ଅଙ୍କା ହୋଇଛି ତମ ପାଦଚିହ୍ନ

ପାହାଡ଼ ଓ ପାହାଡ଼ର ବାହୁବନ୍ଧନ ମଝିରେ
ଥୋଇଦେଇ ଆସିଥିଲି ଉଦିତ ସୂର୍ଯ୍ୟର ଚିତ୍ର
ନେଇଆସିଛ କି ?
ଢେଲାପଥର ମାଡ଼ରେ ଭାଙ୍ଗିଯାଇଥିବା ବତୀଖୁଣ୍ଟ
ଆଲୁଅର ରକ୍ତ ଶୁଖି ପାଲଟିଗଲାଣି ଅନ୍ଧାର

ଜହ୍ନର ଜଉମୁଦ ଦେଇ ଆକାଶର ଲଫାପାରେ
ଲେଖିଦେଇ ଆସିଥିଲି ପୂନେଇଁଟେ
ଧୂମକେତୁର ଲାଞ୍ଜରୁ ନିଆଁ ଢାଳିଦେଲ କି ?
ଡାକବାଲା ଫେରେଇଦେଇ ଗଲା
ଜଳି ଜଳି କୋଇଲା ପାଲଟି ଯାଇଥିବା
ଅମାବାସ୍ୟା ରଙ୍ଗର ବେରିଙ୍ଗ୍ ଚିଠି

ରାସ୍ତାକଡ଼ରେ ଯେତେ ହୋର୍ଡିଂ,
ଛପାହୋଇଛି ଅରଣ୍ୟ ଓ ଅଳନ୍ଧୁର ବର୍ତ୍ତମାନ
ତମେ ଅସରପାମାନଙ୍କୁ ଡାକିଥିଲ କି ?
ଦେଶ ବିରୋଧୀମାନଙ୍କ ହାତରୁ
ଅଇଁଠା ପଡ଼ିଛି ଚାରିଆଡ଼େ

ପିଲାଙ୍କ ବିରୋଧ ଶୋଭାଯାତ୍ରାରେ ପିଲାଏ ନାହାନ୍ତି
ଶବ୍ଦମାନେ ପାଲଟି ଯାଇଛନ୍ତି ଗାଳିଗୁଲଜ
ଛଦ୍ମବେଶରେ ଗର୍ଜୁଛି ସ୍ଲୋଗାନ୍
ଦୃଶ୍ୟମାନଙ୍କ ପ୍ରତି ଲୋମକୂପରେ ହିଂସ୍ରତା
ବାଟଟିଏ ଝୁଣ୍ଟୁଛି ଓ ରକ୍ତାକ୍ତ ହେଉଛି ବାଟସାରା

ଆଉ ଏକ ପୃଥିବୀର ଅନ୍ୟ ଏକ ଆରମ୍ଭ ପାଇଁ
ଇନ୍ଦ୍ରପ୍ରସ୍ଥରୁ ଖାଣ୍ଡବବନ ଯିବା କ'ଣ ନିହାତି ଜରୁରି...?

କଳାମଣ୍ଡପ ରାସ୍ତା, ପିଠାପୁର, କଟକ - ୧
ମୋ: ୯୪୩୭୦୨୭୫୭୦



# ଭାବବୋଧ



ଡ. ଅଭୟ ନାରାୟଣ ନାୟକ



ଚକିତ କରେ
ଏତେସବୁ ଅଘଟଣ
ବିବ୍ରତ କରେ କ୍ଷଣ କ୍ଷଣ
ଏ ସଂସାରର ଯେତେକ ରକ୍ତାକ୍ତ କଷଣ
ଏମିତି ଗୋଟାଏ ଜ୍ୱଳନ୍ତ ସହରରେ
ପୋଡ଼ି ଯାଇଥିବା ବସ୍ତି
ଉଜୁଡ଼ି ଯାଇଥିବା ଗାଁ
ଜୁଆର ଭସାଇ ନେଇଥିବା ବସତି
ବର୍ଷାପାଣିରେ ଭାଙ୍ଗିଯାଇଥିବା ମାଟିକାନ୍ଥ
ପବନରେ ଉଡ଼ାଇ ନେଇଥିବା ଟିଣ ଛାତ
ମତେ ପଚାରେ ବାରମ୍ବାର
ଏ ଦୁର୍ଘଟଣା ନା ଘଟଣାର ପ୍ରବାହ
ଏତିକିରେ ବି ଅଟକେ ନାହିଁ
ମୋର ଦରବାରି ପ୍ରଶାସନର
ସଜ ପରମ୍ପରା
ଭାଙ୍ଗେ ସାତ ସପନ
ଭାଙ୍ଗେ ସତ ସପନ
ଲୋଟି ପଡ଼େ ଅସ୍ମିତାର ସୌଧ
ଖୁବ୍ ବିବ୍ରତ ଲାଗେ
ଖୁବ୍ ଅସହାୟ ଲାଗେ ଏ ସକାଳ
କେହି ଜଣେ କହେ
ଏ ସୂର୍ଯ୍ୟ, ଏ ଇନ୍ଦ୍ରଧନୁ, ଏ ଆଲୋକ
ଏ ନଗର, ଏ ଅନ୍ଧାର
ସବୁତ କ୍ଷଣିକର

କ୍ଷଣସ୍ଥାୟୀ ପବନର ଚିତ୍ରିତ ସ୍ୱର
ତଥାପି କାହିଁକି କେଜାଣେ
ଭଲଲାଗେ
ସବୁ ଦୁର୍ଘଟଣା ଭିତରେ
ଦେଖିବାକୁ ସାକାର ସ୍ୱପ୍ନର
ଏକ ଅର୍ଥବୋଧ ସଂସାର
ସଂସାରରେ ଲୋଡୁଥିବା ଜୀବନ
ହେଉ ଅବା ଈଶ୍ୱରଙ୍କର
ଅଣ-ଈଶ୍ୱର ନିର୍ମିତ
ମଣିଷର ଅଣ-ଈଶ୍ୱର ।

ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ- ୯, ଜନପଥ, ଭୁବନେଶ୍ୱର-୨୨
ମୋ. ୯୪୩୭୮ ୯୨୫୪୦

# ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ କାରୁଣ୍ୟ

ଡକ୍ଟର ଅଭିମନ୍ୟୁ ବରାଳ



ଭଞ୍ଜ ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କର ଅଭ୍ୟୁଦୟ ଘଟିଥିଲା, ତନ୍ମଧ୍ୟରୁ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ତତ୍କାଳୀନ ସମ୍ବଲପୁର ଜିଲ୍ଲାର ବରପାଲି ନାମକ ଅଖ୍ୟାତ ପଲ୍ଲୀରେ ଏହି ବିଖ୍ୟାତ କବି ଜନ୍ମ ଗ୍ରହଣ କରିଥିଲେ । ୯ ଅଗଷ୍ଟ ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣିମା ତିଥିରେ ପିତା ଚୈତନ୍ୟ ଓ ମାତା ସେବତୀଙ୍କ କୋଳ ମଣ୍ଡନ କରି ଗଙ୍ଗାଧର ଭୂମିଷ୍ଠ ହୋଇଥିଲେ ଏକ ଗରିବ ବୁଣାକାର ପରିବାରରେ । ବାଲ୍ୟକାଳରୁ ଦାରିଦ୍ର୍ୟର କଷାଘାତ ସହ୍ୟ କରିଥିଲେ ଗଙ୍ଗାଧର । ତତ୍‌କାଳୀନ ସମୟରେ ଗ୍ରାମ୍ୟ ଶିକ୍ଷାନୁଷ୍ଠାନରୁ ଭର୍ଣ୍ଣାକୁଲରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅଧିକ ପଢ଼ିବାର ଆର୍ଥିକ କ୍ଷମତା ତାଙ୍କର ନଥିଲା । ଲୁଗାବୁଣାରେ ପିତାଙ୍କୁ ସାହାଯ୍ୟ କରିବା ସହିତ ପରିବାର ପୋଷଣ କରୁଥିଲେ । ନିଜ ସଂପର୍କରେ କବି କହିଛନ୍ତି:-

ଦରିଦ୍ରତା -ପଙ୍କ-ପୂର୍ଣ୍ଣ ମୋ' ଜୀବନ-ସର
ଜଞ୍ଜାଳ - ଜଳଦ-ଜଳେ- ଆବିଳ ଉଦର ।
(ତପସ୍ୱିନୀ-୧ମ ସର୍ଗ)

ଆଧୁନିକ ଶିକ୍ଷା ଲାଭ କରି ନଥିଲେ ମଧ ସେ ନିଜର ସାଧନା ବଳରେ ଓଡ଼ିଆ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟ ତଥା ସଂସ୍କୃତ କାବ୍ୟରାଜି, ପୁରାଣ ଆଦି ଅଧ୍ୟୟନ କରିଥିଲେ । ତାଙ୍କ ରଚିତ 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ' ଆଦି କାବ୍ୟକବିତା ପୁସ୍ତକ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ତାଙ୍କ ରଚିତ ଲୋକପ୍ରିୟ କାବ୍ୟ 'ତପସ୍ୱିନୀ' କେବଳ ଓଡ଼ିଆ ସାହିତ୍ୟ କାହିଁକି, ସମଗ୍ର ଭାରତୀୟ ସାହିତ୍ୟରେ ମଧ ବିରଳ । ରାମାୟଣ କଥାବସ୍ତୁ ଉପରେ ଏହି କାବ୍ୟଟି ଆଧାରିତ ହେଲେ ମଧ ଏଥିରେ କବିଙ୍କର ମୌଳିକତା ବେଶ୍ ପ୍ରତିଭାତ ।

'ତପସ୍ୱିନୀ' କାବ୍ୟରେ ଗଙ୍ଗାଧରଙ୍କ ଚରିତ୍ର ଚିତ୍ରଣ ଅନନ୍ୟ ଓ ଅସାଧାରଣ । ନିର୍ବାସିତ ସୀତାଙ୍କର ବାଲ୍ମୀକି ତପୋବନରେ କାଳାତିପାତ କରିବା, ସେହିଠାରେ ତାଙ୍କର ମାନସିକ ଅବସ୍ଥାରେ ଯେଉଁ ଚିତ୍ର ଦେଇଛନ୍ତି, ତାହା କେଉଁ ରାମାୟଣରେ ମିଳିବ? ଏଥିପାଇଁ କବି ମୂଳ 'ରାମାୟଣ', 'ଉତ୍ତର ରାମଚରିତ', 'ରଘୁବଂଶ' ପ୍ରଭୃତି ସଂସ୍କୃତ ଗ୍ରନ୍ଥ ସହିତ ଓଡ଼ିଆ 'ବୈଦେହୀଶ ବିଳାସ'କୁ ଭଲ ଭାବେ ଅଧ୍ୟୟନ ତଥା ମନନ କରିଛନ୍ତି । 'ତପସ୍ୱିନୀ'ରେ କବିଙ୍କର ମୌଳିକତା ତଥା ସ୍ୱାତନ୍ତ୍ର୍ୟ ବେଶ୍ ପ୍ରତିଫଳିତ ।

ସଂସ୍କୃତ କବି ଭବଭୂତିଙ୍କର 'ଉତ୍ତର ରାମଚରିତ' ପରି ପ୍ରେମର ଚିତ୍ରରେ ସଂଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାର ତାଙ୍କ କାବ୍ୟର ମୁଖ୍ୟ ସ୍ଥାନ ଅଧିକାର କରିଛି । ବିପ୍ରଲମ୍ଭ ନାୟକ ନାୟିକାଙ୍କର ନିବିଡ଼ ହୃଦୟାକର୍ଷଣ ମଧ୍ୟରେ ସେମାନଙ୍କର ଗଭୀର ମାନସଲୋକର ଯେଉଁ ଶାଶ୍ୱତ ଆଲୋଡ଼ନ ସେ ସୃଷ୍ଟି କରିଛନ୍ତି, ସେଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର ଚାରିତ୍ରିକ ସୁଷମା ଶତବର୍ଣ୍ଣରେ ଉଦ୍‌ଭାସିତ ହୋଇଉଠିଛି । 'ତପସ୍ୱିନୀ'ରେ ରାମ ଓ ସୀତାଙ୍କ ପ୍ରଣୟ ବର୍ଣ୍ଣନା ମେହେରଙ୍କ ସାରସ୍ୱତ ପ୍ରେମ ଓ ସୌନ୍ଦର୍ଯ୍ୟର ଅପୂର୍ବ ଚିତ୍ର ପ୍ରତିଫଳିତ । ବିଚ୍ଛେଦାଗ୍ନି ଦଗ୍ଧ ରାମ ଓ ସୀତାଙ୍କର କରୁଣ ମୂର୍ତ୍ତି କାହା ଚିତ୍ତର କାରୁଣ୍ୟର ତରଙ୍ଗ ସୃଷ୍ଟି ନ କରିବ? ସୀତା ଭାଗିରଥୀ ତୀର କାନନରେ ପରିତ୍ୟକ୍ତା ହୋଇ ବିଳାପ କରିବାର ଦୃଶ୍ୟକୁ ଗଙ୍ଗାଧର ହୃଦୟସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି:-

ବୋଲୁଥାନ୍ତି ସେ ଦୁଃଖିନୀ: "ହା ହା ପ୍ରାଣେଶ୍ୱର!
କରୁଣା-ସରିତ-ପତି, ସ୍ନେହ- ଜଳଧର ।
କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା' ଲାଗି ଆଳୟ ହେଲ ଦାରୁଣ ଦୁଃଖର ।
X X X X
କୀର୍ତ୍ତି- ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ!
ଏହି କୀର୍ତ୍ତି-ପତାକାରେ ପାପିନୀର ଚିତ୍ର,
ରହିଯିବ, ଏହା କିନ୍ତୁ ବିଷମ ବିଚିତ୍ର!
ଧିକ ମୋ ଜୀବନ ନାଥ! ଏକା ମୋହଲାଗି,
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।
ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି?
ଅନଳ ନ ଦହେ ତନୁ; କାହିଁରେ ଦହିବି !"
(ତପସ୍ୱିନୀ, ୧ମ ସର୍ଗ)

ଅଗ୍ନି ପରୀକ୍ଷାର ଅବ୍ୟବହିତ ପୂର୍ବର ଅଗ୍ନିଦେବଙ୍କୁ ସମ୍ବୋଧନ କରି ଜାନକୀ ମହାରାଣୀ ଯେଉଁ ଅପୂର୍ବ ମର୍ମସ୍ପର୍ଶ ତଥା କାରୁଣ୍ୟଭରା ବାଣୀ ଉଚ୍ଚାରଣ କରିଛନ୍ତି ତାହା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି ।

"ଜୀବନେ ନ ପାରିଲେ ମୋତେ ମରଣେ,
ସେବିକା କରିଦେବ ପ୍ରଭୁ ଚରଣେ ହେ ।
ମୋ ତନୁ ଦଗ୍ଧ ହେଲେ ହେବତ ଖାର,
ତାହାକୁ କରାଇବ ପାଦପେ ସାର,
ସେ ତରୁକାଷ୍ଠ ନେଇ ବର୍ଦ୍ଧକୀ ହସ୍ତେ,
କରାଇ ଦେବ ପ୍ରଭୁ ପାଦୁକା ମୋତେ ହେ ।"

'ତପସ୍ୱିନୀ'ରେ ସୀତା କେବଳ ବନବାସିନୀ ନୁହଁନ୍ତି, ସେ ଏଠାରେ ବାସ୍ତବରେ ତପସ୍ୱିନୀ । ତପୋବନର ପୂତ ସାତ୍ତ୍ୱିକ ପରିବେଶରେ ସନ୍ୟାସିନୀ ବା ତପସ୍ୱିନୀ ସୁଲଭ ସଂଯମ, ନିଷ୍ଠା, ସହିଷ୍ଣୁତା, ଚିତ୍ତର ଆଧ୍ୟାତ୍ମିକ ଶାନ୍ତି ଓ ନିଷ୍କପଟତା ପ୍ରଭୃତି ସ୍ୱର୍ଗୀୟକୁ ଗୁଣରାଜିର ଆଚରଣରେ ସେ ନିଜର ବନବାସକୁ ପତି-ମଙ୍ଗଳ ସାଧିନୀ ତପସ୍ୟାରେ ପରିଣତ କରି ତପସ୍ୟାର ସିଦ୍ଧି ସ୍ୱରୂପ ନିଜର ସ୍ୱର୍ଗୀୟ ପ୍ରେମ ଓ ପତିବ୍ରତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ନିର୍ବାସନକୁ ତପସ୍ୟା ଓ ସୀତାଙ୍କୁ ତପସ୍ୱିନୀ ଭାବରେ ଚିତ୍ରଣ କରିବାରେ ଗଙ୍ଗାଧରଙ୍କ ଅପୂର୍ବ ସୌନ୍ଦର୍ଯ୍ୟବୋଧ ଓ ସଂସ୍କାରମୟ ପୁରୁଷର ଅପୂର୍ବ ଅଭିବ୍ୟକ୍ତି ଘଟିଛି ।

ପୁନଶ୍ଚ ସ୍ୱଭାବ କବିଙ୍କ ମାନସଲୋକର ଆଦର୍ଶ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ର ଅନୁଧ୍ୟାନ କଲେ ଜଣାଯାଏ, କର୍ତ୍ତବ୍ୟାନୁରୋଧରେ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କଲେ ମଧ ଦୁଃସହ ବିଚ୍ଛେଦ ବେଦନାରେ ଜର୍ଜରିତ ହୋଇ ତାଙ୍କ ପ୍ରାଣପକ୍ଷୀ କୁରରୀ ଭଳି କ୍ରନ୍ଦନ କରି ଉଠିଛି । ରାଜାର କଠୋର ରାଜଧର୍ମ ପତ୍ନୀ ପ୍ରେମର ସଂଘର୍ଷରେ କ୍ଷତବିକ୍ଷତ ରାମଚନ୍ଦ୍ରଙ୍କ ହୃଦୟ କି ସାନ୍ତ୍ୱନାର ଭରସା ପୋଷଣ କରିଛି ।

"ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲାଯାଏ ସତ ସତ ।" (ତପସ୍ୱିନୀ, ତୃତୀୟ ସର୍ଗ)

ପ୍ରକୃତି ରଞ୍ଜନ ପାଇଁ ରାମଚନ୍ଦ୍ର ବାଧ ହୋଇ ସୀତାଙ୍କୁ ବନକୁ ପ୍ରେରଣ କରିଛନ୍ତି । ନଚେତ୍ ରାଜ୍ୟରେ ବ୍ୟଭିଚାର ବ୍ୟାପି ଯିବ, ପୁନଶ୍ଚ କହିଛନ୍ତି –

'ହୃଦ ପଛେ ଜ୍ୱଳେ ବିଦ୍ୟୁତ୍- ଅନଳେ
ଜଳଦାନେ ଘନ ବାଧ,
ସୁଖି ତେଜିରାଜା ତୋଷିବ ପରଜା
ତେବେ ତ ପରମାରାଧ ।" (ତପସ୍ୱିନୀ, ତୃତୀୟ ସର୍ଗ)

ରାମଚନ୍ଦ୍ରଙ୍କ ମନସ୍ତତ୍ତ୍ୱକୁ କବି ଗଙ୍ଗାଧର 'ତପସ୍ୱିନୀ'ର ତୃତୀୟ ସର୍ଗରେ ଅତ୍ୟନ୍ତ କମନୀୟ ଭାବରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କ 'ତପସ୍ୱିନୀ'ର କାବ୍ୟରେ କାରୁଣ୍ୟ ଚିତ୍ର ଅତ୍ୟନ୍ତ ମର୍ମଭେଦୀ ଭାବେ ପ୍ରତିଫଳିତ ହୋଇଛି ।

ଗଙ୍ଗାଧରଙ୍କ 'ପ୍ରଣୟବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ' ପ୍ରଭୃତି କାବ୍ୟକୁ ଦେଖିଲେ ଅନୁମିତ ହୁଏ ଯେ, ଏକ ମଧୁମୟ ଭାବ ସ୍ରୋତ ତହିଁରେ ପ୍ରବାହିତ । ବ୍ୟାସକବି ଫକୀର ମୋହନ 'ଉତ୍କଳ ଭ୍ରମଣ'ରେ କହିଛନ୍ତି-

"ବରପାଲୀ ଦେଶେ ଅଛି ଗଙ୍ଗାଧର ମେହେର,
ତାହାଙ୍କ କବିତା ପଢ଼ିଲାଣି ଢେର ଢ଼େର ।
କବିତାଗୁଡ଼ିକ ପଢ଼ି ମନ ମାନି ଯାଏ,
ଆଉ ସେ ଲେଖିବ କିଛି ବାଟ ଚାହିଁ ଥାଏ ।"

ଉପରୋକ୍ତ ସ୍ୱଭାବ ସୁଲଭ ସରଳ ରୀତିରେ କବି ଗଙ୍ଗାଧର ଓ ତାଙ୍କ କବିତା ସମ୍ପର୍କରେ ଏହିପରି ଅପ୍ରକଟ ପ୍ରଶସ୍ତି ଉଲ୍ଲେଖ କରି ଯାଇଛନ୍ତି । ବାସ୍ତବିକ ଗଙ୍ଗାଧରଙ୍କ କବି ପ୍ରତିଭା ଯେ ଅତି ଉଚ୍ଚକୋଟୀର ଓ ତାଙ୍କ କାବ୍ୟକବିତା-ସମୂହ ଯେ ଓଡ଼ିଆ ପଦ୍ୟ ସାହିତ୍ୟକୁ ସୁସମୃଦ୍ଧି ଓ ଗୌରବାନ୍ୱିତ କରିଛି, ଏକଥା କହିବା ନିଷ୍ପ୍ରୟୋଜନ । ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ କହିଛନ୍ତି –


"କିନ୍ତୁ ତୁମେ ଦୀନକବି ରହିବ ଜୀବିତ,
ଯେତେ ଦିନ ଥିବ ଭବେ ଓଡ଼ିଆ ସାହିତ୍ୟ ।"

ବର୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ପୁସ୍ତକ ପରିଚୟ

## ହୀରାକୁଦ ବନ୍ଧ କହେ

### କବିତା ବାରିକ




ପେନ୍ ଇନ୍ ବୁକ୍ସ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୯ ଟଙ୍କା

ଭିଟାମାଟିର ମୋହ ସର୍ବଦା ମଣିଷକୁ ବାନ୍ଧି ରଖେ । କିନ୍ତୁ ବେଳେ ବେଳେ ସମୟର କ୍ରୂର ପରିହାସରେ ଛାଡ଼ିବାକୁ ପଡ଼ିଥାଏ ନିଜ ପ୍ରିୟ ଜନ୍ମମାଟିକୁ । ହୀରାକୁଦ ବହୁମୁଖୀ ନଦୀ ବନ୍ଧ ଯୋଜନା ଯୋଗୁଁ ହଜାର ହଜାର ଲୋକ ବିସ୍ଥାପିତ ହୋଇଥିଲେ । ହୀରାକୁଦ ବନ୍ଧ ନିର୍ମାଣ ଜନିତ ବିସ୍ଥାପନ ସମସ୍ୟା ଓ ବିସ୍ଥାପିତଙ୍କ କରୁଣ କାହାଣୀକୁ ନେଇ ପ୍ରକାଶ ପାଇଛି କବିତା ବାରିକଙ୍କ 'ହୀରାକୁଦ ବନ୍ଧ କହେ' ଉପନ୍ୟାସ । ଏହା ଏକ ତଥ୍ୟ ଭିତ୍ତିକ ଉପନ୍ୟାସ । ହୀରାକୁଦ ବନ୍ଧ ନିର୍ମାଣର ଇତିହାସ, ବନ୍ଧ ନିର୍ମାଣ ପଛର ନିଷ୍ଠୁର ବାସ୍ତବତା, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବର, ହୀରାକୁଦ ବନ୍ଧର ଉପକାରିତା, ବିସ୍ଥାପିତଙ୍କ ଭାଗ୍ୟ, ବିସ୍ଥାପିତଙ୍କ ମତମନ୍ତବ୍ୟ ଆଦିକୁ ନେଇ ଏହି ଉପନ୍ୟାଟି ରଚିତ । ଉପନ୍ୟାସଟିକୁ ୧୦ ଭାଗରେ ବିଭକ୍ତ କରାଯାଇଛି । ହଜାର ହଜାର ଲୋକଙ୍କ ତ୍ୟାଗ, ବଳିଦାନ, ଉଚ୍ଛେଦ ସମୟର ନିର୍ଯାତନା, ବିସ୍ଥାପିତଙ୍କ ଜୀବନର କାରୁଣ୍ୟ, ଅସହାୟତା, ବିସ୍ଥାପିତଙ୍କ ପ୍ରତି ପ୍ରଶାସନିକ ଉଦାସୀନତାର ଚିତ୍ର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି ଏହି ଉପନ୍ୟାସରେ । 'ହୀରାକୁଦ ବନ୍ଧ କହେ' ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ପ୍ରତ୍ୟୟର ପ୍ରତିଶ୍ରୁତି

### ସୁଶାନ୍ତ କୁମାର ନାୟକ




ଅପୂର୍ବା
ଖାରବେଳ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୫୦ ଟଙ୍କା

"ସମୟର ପ୍ରତି ପାହାଚରେ/ ଅନାଗତ ମୁହୂର୍ତ୍ତମାନଙ୍କୁ ଅପେକ୍ଷା କରି/ ଝୁଣ୍ଟୁଥାଏ ଜୀବନ ।" (ଭଗ୍ନସ୍ତୂପ) ସତରେ ସମୟ ଛାଡ଼ିଯାଏ ସ୍ମୃତିର ଛାପ । ଆଉ ଅତୀତର ଭଗ୍ନସ୍ତୂପରୁ ମଣିଷ ଖୋଜୁଥାଏ ଜୀବନ । ସମୟ ସହିତ ବଦଳି ଯାଏ ମଣିଷର ଚରିତ୍ର । ମଣିଷ ଜୀବନ, ସମୟ, ସ୍ମୃତି କଳାତ୍ମକ ଭାବେ ଫୁଟି ଉଠିଛି ସୁଶାନ୍ତ କୁମାର ନାୟକଙ୍କ 'ପ୍ରତ୍ୟୟର ପ୍ରତିଶ୍ରୁତି' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସଂକଳିତ 'ପ୍ରଥମ ଆଲୁଅ', 'ଭଗ୍ନସ୍ତୂପ', 'ପରିତାପର ଚେହେରା', 'ସ୍ୱପ୍ନଭିଜା ସକାଳ', 'ମେଘ', 'ମରଣର ପିଲାଦିନ', 'ସ୍ମୃତିର ଲୁଚକାଳି ଖେଳ', 'କଳ୍ପନାର ଅବୟବ', 'ଶେଷ ସମୟ', 'ରହସ୍ୟମୟ ଛାଇ', 'ପ୍ରତ୍ୟାବର୍ତ୍ତନ', 'ମୃତ୍ୟୁର ମୁହଁ', 'ପ୍ରତ୍ୟୟର ପ୍ରତିଶ୍ରୁତି', 'ଅଭିଶପ୍ତ ଜୀବନ' ଆଦି କବିତାଗୁଡ଼ିକରେ ସାଂପ୍ରତିକ ସମୟର ଛାପ ଅତ୍ୟନ୍ତ ବଳିଷ୍ଠ ଭାବେ ପ୍ରସ୍ଫୁଟିତ ହୋଇଛି । ମଣିଷ ଅସୁମାରି ସ୍ୱପ୍ନ, ଆଶା, ଆକାଂକ୍ଷା, ମାନବୀୟ ଆବେଗ, ସାମାଜିକ ବାସ୍ତବତାକୁ କବି ଅତି ମାର୍ମିକ ଭାବେ ଅନେକ କବିତାରେ ରୂପାୟିତ କରିଛନ୍ତି । 'ପ୍ରତ୍ୟୟର ପ୍ରତିଶ୍ରୁତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ବାଲିଘର

### ପ୍ରତିଭା ପରିଡ଼ା



ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍
ପଟିଆ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ସଂପର୍କ ଆଉ ମମତା ତ ଜୀବନର ପରମାର୍ଥ । ଆଉ ଏଇଥିପାଇଁ ହିଁ ଜୀବନ କେବଳ ମିଥ୍ୟାମାୟାର ବନ୍ଧନ ନୁହେଁ । ସବୁରି ଊର୍ଦ୍ଧ୍ୱରେ ସେଇ ବନ୍ଧନ ତ ମହାସତ୍ୟ ।" (ବାଲିଘର- ପୃଷ୍ଠା-୧୦୮) ମାନବୀୟ ସମ୍ବନ୍ଧ, ସ୍ନେହ, ପ୍ରେମ, ମମତାରେ ବନ୍ଧା ମଣିଷ ଜୀବନ । ପରିବାର ସଦସ୍ୟଙ୍କ ଭିତରେ ରାଗ, ଅଭିମାନ, ମତାନ୍ତର ଭିତରେ ମଧ ସଂପର୍କର ସେତୁ ନିବିଡ଼ ହୋଇଥାଏ । ଏମିତି ଏକ ପାରିବାରିକ ସଂପର୍କକୁ ନେଇ ପ୍ରତିଭା ପରିଡ଼ାଙ୍କ 'ବାଲିଘର' ଉପନ୍ୟାସର କାହାଣୀ ଗତିଶୀଳ । ଗୋଟିଏ ମଧ୍ୟବିତ୍ତ ପରିବାରର ସୁଖ, ଦୁଃଖ, ସଂଘର୍ଷମୟ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି ଏହି ଉପନ୍ୟାସର ଛତ୍ରେଛତ୍ରେ । ଦିନରାତି ଗ୍ଲାନି, ସନ୍ତାପରେ ଜୀବନ ଜୀଉଁଥିବା 'ବାପା' ଚରିତ୍ରକୁ ଅତି ବଳିଷ୍ଠ ଭାବେ 'ବାଲିଘର' ଉପନ୍ୟାସରେ ଚିତ୍ରଣ କରାଯାଇଛି । ବିଟୁ, ଶିଳା ଆଦି ଚରିତ୍ର କାହାଣୀରେ ଅଧିକ ଉତ୍କଣ୍ଠା ଭରିଦେଇଛନ୍ତି । ମଣିଷ ଜୀବନର ଲୁହ, କୋହ, ଆବେଗକୁ ନେଇ ଗତିଶୀଳ ଏହି ଉପନ୍ୟାସର କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

# ଚିନିର ଅହେତୁକ ଦରବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ଦାୟୀ: ବିଜେଡି

- ଓଡ଼ିଶାରେ ଚିନିର ଦର ଦେଶରେ ସର୍ବାଧିକ
- ଇଥାନଲ ଉତ୍ପାଦନ ବୃଦ୍ଧି ପରେ ଚିନି ଅଭାବ
- ଦ୍ୱିତୀୟ ସର୍ବବୃହତ୍ତ ରପ୍ତାନିକାରୀ ଥିଲା ଭାରତ
- ଚଳିତବର୍ଷ ଚିନି ବିଦେଶରୁ ଆମଦାନୀ କରିବ

ଭୁବନେଶ୍ୱର,୨୨।୮ (ସମିସ): ଦେଶରେ ଅତ୍ୟାବଶକ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଦେଶରେ ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ ବିଜୁ ଜନତା ଦଳ ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି। ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ଶନିବାର ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚିନି ଭଳି ଏକ ନିତ୍ୟ ଆବଶ୍ୟକ ସାମଗ୍ରୀର ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଚିନିର ଦର ଓଡ଼ିଶାରେ ସର୍ବାଧିକ ରହିଛି। ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଚିନି ସମେତ ଅତ୍ୟାବଶକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ। ଡ. ମହାନ୍ତି କହିଥିଲେ ଯେ ଦେଶରେ ପେଟ୍ରୋଲ ସହିତ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା। ଭାରତରେ ଉତ୍ପାଦିତ ହେଉଥିବା ୨୮ ପ୍ରତିଶତ ଆଖୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ହେଉଛି, ଯାହା ଯୋଗୁଁ ଭାରତରେ ଚିନି ଉତ୍ପାଦନ ହ୍ରାସ ପାଇଛି। କିନ୍ତୁ ଦେଶରେ ଇଥାନଲ ଉତ୍ପାଦନରେ ଅହେତୁକ ବୃଦ୍ଧି ପାଇବା ପରେ, ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତେ ବିଦେଶରୁ ଆମଦାନୀ କରିବ। ଏଥିରୁ ସ୍ପଷ୍ଟ ହେଉଛି ଯେ ଚିନିର ଅଭାବ ମନୁଷ୍ୟକୃତ ଓ ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ।

## ଖଲ୍ଲିକୋଟରେ ପୁଣି ଦାଦନ ଦୁଃଖ

# ଦୁବାଇରେ ଚାଲିଗଲା ଓଡ଼ିଆ ଶ୍ରମିକଙ୍କ ଜୀବନ

ଖଲ୍ଲିକୋଟ,୨୨।୮ (ସମିସ): କାନ୍ଥରୁ ଲିଭିନି 'ଶୁଭ ବିବାହ' ଲେଖା। ଦାଦନ ନେଇଗଲା ସୁନା ସଂସାର। ରାକ୍ଷୀ ବାନ୍ଧିବାକୁ ଚାହିଁଥିବା ଭଉଣୀ ହାତରେ ରହିଗଲା ରାକ୍ଷୀ। ଦୁବାଇରୁ ଆସିଲା ଭାଇର ମୃତ୍ୟୁ ଖବର। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ଉତ୍ତମ ଗୌଡ଼ଙ୍କ ଏହି କରୁଣ କାହାଣୀ ପୁଣି ଥରେ ଦାଦନ ଯନ୍ତ୍ରଣାର ନଗ୍ନଛବିକୁ ପଦାରେ ପକାଇଛି। ଖଲ୍ଲିକୋଟ ଏନଏସି ୯ ନମ୍ବର ୱାର୍ଡ ଫାସୁଲା ଗ୍ରାମର କୈଳାଶ ଗୌଡ଼ଙ୍କ ପୁଅ ଉତ୍ତମ ଗୌଡ଼ ପରିବାର ପ୍ରତିପୋଷଣ ପାଇଁ ଗତ ୨ ବର୍ଷ ତଳେ ସୁଦୂର ଦୁବାଇ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ରୋଜଗାର କରି ଯାହା କିଛି ଅର୍ଥ ପଠାଉଥିଲେ ସେଥିରେ ପରିବାର ବେଶ ହସଖୁସିରେ ଚଳି ଯାଉଥିଲେ। ଏବେ ରାକ୍ଷୀକୁ ଘରକୁ ଆସିବାକୁ ଟିକଟ କାଟିଥିଲେ ଉତ୍ତମ। ଭଉଣୀକୁ ମଧ୍ୟ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଗତ ତିନିଦିନ ତଳେ ଉତ୍ତମ କମ୍ପାନୀରେ କାମ କରୁଥିବା ବେଳେ ହଠାତ ମୁଣ୍ଡ ବୁଲାଇ ତଳେ ପଡ଼ି ଯାଇ ଅଚେତ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନିଆ ଯାଇଥିଲା ଓ ସେଠାରେ ଆଇସିୟୁରେ ରହି ସେ ଚିକିତ୍ସା ହେଉଥିଲେ। କିନ୍ତୁ ଗତକାଲି



ତାଙ୍କର ମୃତ୍ୟୁ ଘଟିଥିବା ଖବର ଘରେ ପହଞ୍ଚିଥିଲା। ମୃତ୍ୟୁ ଖବର ପାଇବା ପରେ ପୂରା ପରିବାର ଶୋକରେ ବୁଡି ଯାଇଥିଲା। ସ୍ତ୍ରୀ ସାଗରୀକା ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ମୁଣ୍ଡ ପିଟି କାନ୍ଦୁଥିବା ବେଳେ ରାକ୍ଷୀ ବାନ୍ଧିବାକୁ ଚାହିଁ ବସିଥିବା ଭଉଣୀ ଝରଣା ଭାଇକୁ ବାହୁନି କାନ୍ଦୁଛନ୍ତି। ବାପା, ମାଆ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ମୃତ ଉତ୍ତମଙ୍କ ଗୋଟିଏ ତିନି ବର୍ଷ ବୟସର ପୁଅ କିଛି ବୁଝି ନ ପାରି ସମସ୍ତେ କାନ୍ଦୁଥିବା ଦେଖି ଅବାକ ହୋଇ ଚାହୁଁଥିଲା। ଘରର ଏକମାତ୍ର ରୋଜଗାରିଆ ପୁଅକୁ ଶେଷ ଦର୍ଶନ କରିବାକୁ ଉତ୍ତମଙ୍କ ମୃତଦେହ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ପରିବାର ଲୋକେ।

## ୨୪ ଘଣ୍ଟାରେ ଲଘୁଚାପ

# ଆଜି ୧୮ ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର,୨୨।୮ (ସମିସ): ଉତ୍ତର ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ତତ୍ -ସଂଲଗ୍ନ ବାଂଲାଦେଶ ଉପକୂଳସ୍ଥ ସମୁଦ୍ର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହି ସମ୍ଭାବ୍ୟ ଲଘୁଚାପ ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସୂଚନା ଅନୁଯାୟୀ ରବିବାର କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଚି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ସୁନ୍ଦରଗଡ଼, ସମ୍ବଲପୁରରେ ପ୍ରବଳରୁ ଅତିପ୍ରକବଳ ବର୍ଷା ସମ୍ଭାବନା ଥିବାବେଳେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PRINCIPAL:PARBATIGIRI WOMEN'S COLLEGE:BARGARH**

NOTICE INVITING QUOTATION

Subject: Supply and Installation of Public Address System.
Sealed quotations are invited from reputed authorised dealer and supplier for the supply and installation of Public Address (PA) System for the college campus as detailed below: | S. No. Item Name Configuration/Specification Required:
ESTIMATED COST:RS.2,00,000/-

| PA SYSTEM | |
|---|---|
| BRAND & COMPANY NAME | SONY AND AHUJA |
| ITEMS | |
| Master Unit (Amplifier 20 Capacity) And Mixer | Master Unit for PA System 08 Bit Embedded Microcontroller-Based, 16 Character 2 Line LCD Display, 1 X 6.35mm Mic Port, Independent Volume Control for Speaker Output, Micro-SD Support Up to 32 GB |
| Indoor Column Speaker & Outdoor Horn Speakers | Speaker for Classroom Active Two-Way Classroom Speaker, Built-in Condenser Mic |
| Microphones(Wired and Wireless Sets) | Goose Neck MIC 18" - 20" |
| Shielded Cable,Stand and Connectors | 3 Core Shielded Cable-Per 100 Meter Roll |
| Copper Cable | 2 Core Copper Cable-Per 90 Meter Roll |
| Installation Per Device | Charges for Master Unit & Speaker Per Unit |
| Installation Per Device | Charges for Master Unit & Speaker Per Unit |
| Podium | (see specification below) |
| Lapel Mic | Wireless Lapel Mic |
| All Charges | Installation,Labour, Testing, Tax buffer |

Podium specification:

| AMPLIFIER | |
|---|---|
| Power Output | 30 Watts Max, 60 Watts Rated |
| Push Channels | Mic-1(Goose-neck Mic, Ext), Mic-2, Siren, Line 100V-IN, Aux 200mV |
| Frequency Response | 50-16,000Hz |
| Tone Control | Bass ±6dB at 100Hz, Treble ±6dB at 10kHz |
| USB Option | Yes |
| Digital Player | USB recording player with USB, SD, MMC card & Bluetooth |
| USB Charge Outlet | DC 5V, 1A |
| External Speaker Impedance | 4Ω-16Ω |
| Power Supply | AC 220/240V, 50/60Hz |
| Power Consumption | AC, 120VA |
| Dimensions | W408 x H110 x D240 mm |
| MICROPHONE (Handheld Transmitter) | |
| Microphone element | Dynamic, Cardioid |
| RF Output Power | 10mW nominal |
| Frequency Response | 50 - 15,000Hz |
| Power Requirement | 2x1.5V AA (or Alkaline Cells) |
| Current Consumption | 140 mA |
| Dimensions | 265 × 51 × 248 mm |
| Weight (w/o battery) | 190g |

N.B. The eligible firm may submit their quotation and relevant documents to "The Principal Parbatigiri Women's College, Bargarh-768028,Bargarh, Odisha" by Registered/Speed Post Up to 01.00 PM on or before DT.01.09.2026 along with copies of valid GST Registration Certificate/Udyam Registration Certificate/Gem Registration/PAN and last Income Tax Return Certificate.The authority reserves the right to cancel the quotation call without assigning any reason therefore.

Sd/- Principal,
Parbatigiri Women's College, Bargarh


## ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଚୂନ

# ମୟୂରଭଞ୍ଜରୁ ଧରାପଡ଼ିଲା ମ୍ୟୁଲ୍ ଆକାଉଣ୍ଟଧାରୀ

ଭୁବନେଶ୍ୱର, ୨୨।୮ (ସମିସ): କ୍ରେଡିଟ୍ କାର୍ଡ କରାଇବା ଆଳରେ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ଠାରୁ ୯ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଅଭିଯୋଗ ପାଇବା ପରେ ମ୍ୟୁଲ୍ ଆକାଉଣ୍ଟଧାରୀକୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମୟୁରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଗୁଡ଼ି ସାହିର ରାଜେନ୍ଦ୍ର ସିଂ (୩୧)।

ପୁଲିସ ସୂଚନାନୁଯାୟୀ, ଭୁବନେଶ୍ୱରରେ ରହୁଥିବା ୬୯ ବର୍ଷୀୟ ଚିଦାନନ୍ଦ ରାଓ ଗୌର ଘରୋଇ ବ୍ୟାଙ୍କର ଜଣେ ଅବସରପ୍ରାପ୍ତ ମ୍ୟାନେଜର। ଗତବର୍ଷ ମାର୍ଚ୍ଚରେ ଫେସବୁକ୍ ଜରିଆରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡର ବିଜ୍ଞାପନ ଦେଖିଥିଲେ। ନିଜେ ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ଉକ୍ତ ବିଜ୍ଞାପନ ଲିଙ୍କରେ ନିଜର ସମସ୍ତ ତଥ୍ୟ ପୂରଣ କରିଥିଲେ। ପରେ ଜଣେ ସାଇବର ଠକ ନିଜକୁ କ୍ରେଡିଟ୍ କାର୍ଡ ଅଧିକାରୀ ବୋଲି ପରିଚୟ ଦେଇ ହ୍ୱାଟ୍ସଆପ୍ ମାଧ୍ୟମରେ ଏକ ନକଲି ଆପ୍ଲିକେସନ୍ 'ଆଇଏନଡି ସ୍ମାର୍ଟ' ଡାଉନଲୋଡ୍ କରିବାକୁ କହିଥିଲା। ଚିଦାନନ୍ଦ ଆପ୍ ଡାଉନଲୋଡ୍ କରିବା ମାତ୍ରେ ତାଙ୍କର ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟରୁ ମୋଟ ୯ ଲକ୍ଷ ୩୪ ଟଙ୍କା ଠକେଇ ହୋଇଯାଇଥିଲା।

> ଆସାମ, ଦିଲ୍ଲୀ ଓ ଗୁଜରାଟରୁ ବି ଆସିଛି ଟଙ୍କା
>
> ୬ ହଜାର ଟଙ୍କାରେ ଭଡ଼ା ଦେଇଥିଲା ଆକାଉଣ୍ଟ

ଏନେଇ ସେ ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋଟ ୯ ଲକ୍ଷ ଠକେଇ ଟଙ୍କାରୁ ୫ ଲକ୍ଷ ଟଙ୍କା ରାଜେନ୍ଦ୍ର ଆକାଉଣ୍ଟକୁ ଯାଇଥିବା ସାଇବର ଟିମ୍ ଜାଣିବାକୁ ପାଇଥିଲା। ରାଜେନ୍ଦ୍ରର ସଂପୃକ୍ତ ବ୍ୟାଙ୍କ୍ ଆକାଉଣ୍ଟଟି ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହୃତ ହେଉଥିବା ବେଳେ ଓଡ଼ିଶା, ଆସାମ, ଦିଲ୍ଲୀ ଓ ଗୁଜରାଟରୁ ଠକେଇ ହୋଇଥିବା ପ୍ରାୟ ୧୫ ଲକ୍ଷ ଟଙ୍କା ଏହି ଆକାଉଣ୍ଟକୁ ଆସିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତକାଲି ରାତିରେ ସାଇବର ପୁଲିସ ମୟୁରଭଞ୍ଜରେ ଚଢ଼ଉ କରି ରାଜେନ୍ଦ୍ରକୁ ଉଠାଇ ଆଣିଥିଲା। ସେ ମାତ୍ର ୬ ହଜାର ଟଙ୍କାର ଲୋଭରେ ନିଜ ବ୍ୟାଙ୍କ ପାସବୁକ୍, ଏଟିଏମ୍ କାର୍ଡ ଓ ପରିଚୟ ପତ୍ର ସାଇବର ଠକମାନଙ୍କୁ ଦେଇଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏହାସହିତ ଆହୁରି ୫ଟି ଆକାଉଣ୍ଟ ଖୋଲି ଏହି ବେଆଇନ କାରବାରରେ ସହଯୋଗ କରିଥିଲା। ବ୍ୟାଙ୍କ ଆକାଉଣ୍ଟ ପାସ୍ ବୁକ୍, ଏଟିଏମ୍ କାର୍ଡ ଓ ଆକାଉଣ୍ଟ ସମ୍ବନ୍ଧୀୟ ଅନ୍ୟାନ୍ୟ କାଗଜପତ୍ର ଜବତ କରି ରାଜେନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ସେପଟେ ସାଇବର ଠକେଇ ନେଟୱର୍କରେ ସଂପୃକ୍ତ ମାଷ୍ଟରମାଇଣ୍ଡମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।


25001/984/2627

OFFICE OF THE SUPERINTENDING ENGINEER
RURAL WATER SUPPLY & SANITATION DIVISION, KORAPUT

At- Malisahi, Back side of SBI bank,
Koraput, Pin-764020
Email- eerwss_kpt@rediffmail.com

**Tender Identification No.05/EE/RWSS/KPT/2026-27/18.08.2026**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 01. Power supply to PWS Point at Kakipadu inconnection with PWS to Badapadu G.P Nuagaon under Pottangi Block JJM<br>02. Power supply to PWS Point at Dalaranginiguda inconnection with PWS to Dalaranginiguda G.P Pukali under Pottangi Block JJM<br>03. Repair to lining of Kulei Distributary from RD 3500m to 3700m in the year 2026-27 |
| 2 | Time period for completion | 2 (Two) Months |
| 3 | Estimated Cost. | 7.14 Lakhs to 7.86 Lakhs, |
| 4 | Total Nos of works | 2 nos. |
| 5 | Tender cost | Rs.4,000.00 |
| 6 | Class of Contractor. | HT, (Elect.) |
| 7 | Availability of Bid document in the web site | Dt. 25.08.2026 at 17.00 hours to 03.09.2026 up to 17.00 hours. |
| 8 | Date of Seeking clarification. | During the Office hours of 25.08.2026 to 02.09.2026 |
| 9 | Date of Opening of Bid. | Dt. 05.09.2026at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Executive Engineer,
RWS&S.Division, Koraput

OIPR-25001/25034/1/26-27/0007


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ନିଟ୍' ଯୁବପିଢ଼ିଙ୍କୁ...

ଜଣାଯାଇଛି। ୭୮ ତମ ପର୍ଯ୍ୟାୟ ଜାତୀୟ ନମୁନା ସର୍ଭେ(ଏନ୍ଏସ୍ଓ)ର ତଥ୍ୟ ଉପରେ ଆଧାରିତ ଏହି ରିପୋର୍ଟରେ ଦେଶର ଏହି ଯୁବ ଗୋଷ୍ଠୀଙ୍କୁ 'ନିଟ୍' ଯୁବପିଢ଼ି ଭାବରେ ଚିହ୍ନଟ କରାଯାଇଛି, ଯେଉଁମାନେ ଶିକ୍ଷା, ନିଯୁକ୍ତି କିମ୍ବା କୌଣସି ତାଲିମରେ ପାଇନାହାନ୍ତି, ଏଥିରେ ବେକାର ବ୍ୟକ୍ତି ମଧ୍ୟ ସାମିଲ ଅଛନ୍ତି। ନୀତି ଆୟୋଗ କହିଛି ଯେ ମହିଳାମାନଙ୍କ ସହିତ ଏହି ଗୋଷ୍ଠୀକୁ ସୁଲଭ କିମ୍ବା ସବ୍ସିଡି ତାଲିମ ଏବଂ ଆର୍ଥିକ ସହାୟତା ଆବଶ୍ୟକ। ଦକ୍ଷତା କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥାନୀୟ ଚାହିଦା, ଆତ୍ମନିଯୁକ୍ତି ସୁଯୋଗ ଏବଂ ଉଦୀୟମାନ କ୍ଷେତ୍ର ସହିତ ଯୋଡାଯିବା ଉଚିତ୍।

ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ '୨୦୪୭ ପାଇଁ ବିକଶିତ ଭାରତ ଗଠନ ଲାଗି ଦକ୍ଷତା ବିକାଶର ପୁନଃକଳ୍ପନା' ଶୀର୍ଷକ ରିପୋର୍ଟରେ ଦେଶର କେବଳ ୮.୨୫% ସ୍ନାତକ ସେମାନଙ୍କ ଯୋଗ୍ୟତା ସହିତ ସମାନ ପଦବୀରେ ନିଯୁକ୍ତ। ହେଲେ ରିପୋର୍ଟରେ ଶିକ୍ଷା ଏବଂ କର୍ମକ୍ଷେତ୍ରରେ ଆବଶ୍ୟକ ଦକ୍ଷତା ମଧ୍ୟରେ ବ୍ୟାପକ ପାର୍ଥକ୍ୟକୁ ଉଜାଗର କରାଯାଇଛି। ଅନେକ ଛାତ୍ର ସେମାନଙ୍କର ଡିଗ୍ରୀ ଶେଷ କରୁଛନ୍ତି, କିନ୍ତୁ ସେମାନଙ୍କଠାରେ ବ୍ୟବହାରିକ ଅଭିଜ୍ଞତା, ଶିଳ୍ପ ଜ୍ଞାନ ଏବଂ ଚାକିରି ପାଇଁ ପ୍ରସ୍ତୁତ ଦକ୍ଷତାର ଅଭାବ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତକୁ କେବଳ ଡିଗ୍ରୀ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ନମନୀୟ ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ସୃଷ୍ଟି କରିବାକୁ ପଡିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ବିକାଶ କରିବାରେ ଏବଂ ଉତ୍ତମ ନିଯୁକ୍ତି ସୁଯୋଗ ଖୋଜିବାରେ ସାହାଯ୍ୟ କରେ। ଡିଗ୍ରୀ ଏବଂ ଚାକିରି ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ ଆୟୋଗ କହିଛି ଯେ, ବିଏ, ବି. କମ୍ ଏବଂ ବି. ଏସ୍ସି ଭଳି ସାଧାରଣ ଡିଗ୍ରୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରାୟତଃ ନିଯୁକ୍ତି ସହିତ ସଂଯୋଗଦୁର୍ବଳ ରହିଥାଏ, ଯେତେବେଳେ କି ଛାତ୍ରଛାତ୍ରୀମାନଙ୍କୁ ଏଣ୍ଟ୍ରି ଲେବଲ ଚାକିରି ସୁରକ୍ଷିତ କରିବା ପାଇଁ ଅତିରିକ୍ତ କର୍ମକ୍ଷେତ୍ର ଦକ୍ଷତା ଆବଶ୍ୟକ ହୋଇଥାଏ। ଏହି ସମସ୍ୟାଟି ବହୁତ ଗମ୍ଭୀର। ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ପ୍ରାୟ ୩.୪ ନିୟୁତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧.୧ ନିୟୁତ ବିଏ ପାସ୍ କରିଛନ୍ତି, ଯେତେବେଳେ କି ୨ କୋଟିରୁ ଅଧିକ ଛାତ୍ରଛାତ୍ରୀ ବିଏ, ବି. କମ୍ ଏବଂ ବି. ଏସ୍ସିରେ ନାମ ଲେଖାଇଛନ୍ତି। ରିପୋର୍ଟ ଅନୁଯାୟୀ, ଅନେକ ଛାତ୍ର ଏହି ପାଠ୍ୟକ୍ରମଗୁଡ଼ିକୁ ବାଛିଥାନ୍ତି, କାରଣ ଏହା ସେମାନଙ୍କୁ ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟ କରିଥାଏ। ରିପୋର୍ଟରେ ବ୍ୟବହାରିକ ଅଭିଜ୍ଞତା ଏବଂ ଚାକିରି ପ୍ରସ୍ତୁତିର ଅଭାବକୁ ମଧ୍ୟ ଇଙ୍ଗିତ କରାଯାଇଛି। ଏହି ସମସ୍ୟା କେବଳ ନିଯୁକ୍ତି ପରିସଂଖ୍ୟାନ ପର୍ଯ୍ୟନ୍ତ ସୀମିତ ନୁହେଁ। ଛାତ୍ରମାନେ ନିଜେ ସ୍ୱୀକାର କରୁଛନ୍ତି ଯେ ସେମାନଙ୍କଠାରେ ଅନେକ ଦକ୍ଷତାର ଅଭାବ ରହିଛି। ୩୪ ପ୍ରତିଶତ ଛାତ୍ର ଡିଗ୍ରୀ ପଢୁଥିବା ସମୟରେ ଦକ୍ଷତାର ଅଭାବକୁ ଏକ ପ୍ରମୁଖ ଆହ୍ୱାନ ଭାବେ ବିବେଚନା କରନ୍ତି, ଯେତେବେଳେ କି ୧୮% ସାକ୍ଷାତକାର ପାଇଁ ପ୍ରସ୍ତୁତିକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଏହି ସମୟରେ, ୮୦% ଛାତ୍ର ବ୍ୟବହାରିକ ଏବଂ ଶିଳ୍ପ ଅଭିଜ୍ଞତାକୁ ସେମାନଙ୍କ ଡିଗ୍ରୀର ଏକ ପ୍ରମୁଖ ଅସୁବିଧା ବୋଲି ଭାବୁଛନ୍ତି।

ଦେଶର ଯୁବପିଢ଼ି ଏବଂ କର୍ମଜୀବୀ ଜନସଂଖ୍ୟାକୁ ଭଲ ଭାବରେ ବୁଝିବା ପାଇଁ ନିତି ଆୟୋଗ ରିପୋର୍ଟ ଯୁବପିଢ଼ିଙ୍କୁ ୫ଟି ବ୍ୟାପକ ବର୍ଗରେ ବର୍ଗୀକୃତ କରିଛି। ଏଥିରେ ସ୍କୁଲ ଶିକ୍ଷା ବାହାରେ ଥିବା, ଉଚ୍ଚଶିକ୍ଷା, ଆନୁଷ୍ଠାନିକ ଏବଂ ଅନୌପଚାରିକ ତାଲିମ, ଶିକ୍ଷା, ନିଯୁକ୍ତି ଏବଂ ତାଲିମ ବାହାରେ ଥିବା ଯୁବକ ଏବଂ ମହିଳା ଅନ୍ତର୍ଭୁକ୍ତ। ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଭାରତର ଉଚ୍ଚ ଏବଂ ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ପଢ଼ାଯାଉଥିବା ପାଠ୍ୟକ୍ରମ ଏବଂ ଶ୍ରମ ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ଅନେକ ପ୍ରତିଷ୍ଠାନରେ ପଢ଼ାଯାଉଥିବା ପାଠ୍ୟକ୍ରମ ଶିଳ୍ପର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଅପଡେଟ୍ ହୁଏ ନାହିଁ। ଏହା ଡିଗ୍ରୀ, ଡିପ୍ଲୋମା ଏବଂ ପ୍ରମାଣପତ୍ର ଥିବା ସତ୍ତ୍ୱେ ଲୋକଙ୍କ ପାଇଁ ଚାକିରି ଖୋଜିବା କଷ୍ଟକର କରିଥାଏ। ତଥାପି, ଅନେକ ଛାତ୍ର ଏହି ଡିଗ୍ରୀଗୁଡ଼ିକୁ ଅନୁସରଣ କରନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ଏହା ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟତା ପ୍ରଦାନ କରେ। ପ୍ରସଙ୍ଗ ଏହା ନୁହେଁ ଯେ ବିଏ, ବି. କମ୍ ଏବଂ ବି. ଏସ୍ସି ପାଠ୍ୟକ୍ରମର କୌଣସି ମୂଲ୍ୟ ନାହିଁ। ସତ କଥା ହେଉଛି ଯେ ପ୍ରାୟତଃ, ଏପରି ଡିଗ୍ରୀ ପଢୁଥିବା ଛାତ୍ର ଏବଂ ନିଯୁକ୍ତିଦାତାମାନେ ଜଣେ ସ୍ନାତକ ପ୍ରକୃତ କାମ କ'ଣ କରିପାରିବେ ତାହା ବୁଝିପାରନ୍ତି ନାହିଁ।

### କପି ପାଇଁ...

୨୦୦ କେନ୍ଦ୍ରରେ ୩୫ ହଜାର ୮୦୦ରୁ ଅଧିକ ପିଲା ପରୀକ୍ଷା ଦେଇଛନ୍ତି। ତେବେ ରାଜସ୍ଥାନର ଜୟପୁରର ଶ୍ରୀ ସତ୍ୟସାଇ ପିଜି କଲେଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ଏହି କେନ୍ଦ୍ରରେ ଉପସ୍ଥିତ ୧୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ଜଣ ସେମାନଙ୍କର ପରୀକ୍ଷା ଦେଇପାରି ନାହାନ୍ତି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବିଦ୍ୟୁତ କାଟ ହୋଇଥିଲା। ପରୀକ୍ଷାକେନ୍ଦ୍ରରେ କୌଣସି ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ନଥିଲା। ଯାହାଫଳରେ ଏହି କମ୍ପ୍ୟୁଟର ଆଧାରିତ ପରୀକ୍ଷା ଅଧାରୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ କ୍ଷୁବ୍ଧ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ବିଦ୍ୟୁତ୍ ଚାଲିଯିବାର ସୁଯୋଗ ନେଇ କିଛି ଛାତ୍ର କପି କରୁଥିବା ନେଇ ଗୁରୁତର ଅଭିଯୋଗ ମଧ୍ୟ ହୋଇଛି। ଅଭିଯୋଗ ହୋଇଛି ଯେ ପରୀକ୍ଷା ପୂର୍ବରୁ କିଛି ପରୀକ୍ଷାର୍ଥୀ ବିଦ୍ୟୁତ ବିଭ୍ରାଟ ହେବ ବୋଲି କଥାବାର୍ତ୍ତା କରୁଥିଲେ। ବିଦ୍ୟୁତ ବିଭ୍ରାଟ ହେବାମାତ୍ରେ କେନ୍ଦ୍ରରେ ଆଖିବୁଜା କପି କରାଯାଉଥିବା ଦେଖାଯାଇଥିଲା। ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ ମଧ୍ୟ ହସ୍ତକ୍ଷେପ କରିନଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଓ ବିକ୍ଷୋଭ ପରେ ଏହି କେନ୍ଦ୍ରରେ ପରୀକ୍ଷା ବାତିଲ କରାଯାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଇଟି) ଏହି ବିଦ୍ୟୁତ ବିଭ୍ରାଟ ପାଇଁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଏଡୁକ୍ୱିଟି କ୍ୟାରିୟର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍କୁ ଦାୟୀ କରିଛି। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍ଇଟି ଆସନ୍ତା ସେପ୍ଟେମ୍ବର ୧ରେ ପୁନଃ ପରୀକ୍ଷା କରିବାକୁ ଘୋଷଣା କରିଛି। ନୂତନ ଭାବେ ଏହି ପରୀକ୍ଷା ଜୟପୁରର ରାଜସ୍ଥାନ କଲେଜ ଅଫ୍ ଇଞ୍ଜିନିୟରିଂ ଫର ଓମେନ୍ କେନ୍ଦ୍ରରେ ସକାଳ ୧୦ଟାରେ ଅନୁଷ୍ଠିତ ହେବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ସଂଶୋଧିତ ପ୍ରବେଶ ପତ୍ର ଜାରି କରାଯିବ। ପାରମ୍ପରିକ ଭାରତୀୟ ଚିକିତ୍ସା ଏବଂ ହୋମିଓପାଥି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆୟୁଷ ପରୀକ୍ଷା ଜାତୀୟ ସ୍ତରରେ ଆୟୋଜିତ ହୋଇଥାଏ।

### ଏବେ କୌଣସି...

ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବା ଦାବିରେ ସେମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିବାବେଳେ ସରକାର ପଦକ୍ଷେପ ନେବାକୁ ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ସେମାନଙ୍କ ଦାବି ପୂରଣ ସମ୍ପର୍କରେ ମନ୍ତ୍ରୀ କୌଣସି ସକରାତ୍ମକ ପ୍ରତିକ୍ରିୟା ରଖି ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଦାବି ପ୍ରତି ସମ୍ବେଦନଶୀଳ ନ ହୋଇ ମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ। ବିଜ୍ଞପ୍ତି ପ୍ରକାଶର ପ୍ରକୃତ ତାରିଖ ନ ହେଲେ ବି ଆନୁମାନିକ ଏକ ସମୟ କହିବାକୁ ଆଶାୟୀମାନେ ଦାବି କରିଥିଲେ। ଯାହା ଫଳରେ ମନ୍ତ୍ରୀ ରୋକଠୋକ୍ ନାସ୍ତିବାଣୀ ଶୁଣାଇବା ସହ ଅଲଗା ଚାକିରି ପାଇଁ କାହିଁକି ପଢୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଗୋଟିଏପଟେ ରାଜ୍ୟରେ ପ୍ରାୟ ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି; ଅନ୍ୟପଟେ ସିଟି ବିଇଡି କରି ଶିକ୍ଷକ ଚାକିରି ପାଇଁ ଦୀର୍ଘ ଦିନରୁ ଆଶାୟୀମାନେ ଚାକିରି ପାଇଁ ପ୍ରସ୍ତୁତ ହେଉଥିବାବେଳେ ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ଆଶାୟୀଙ୍କ ଧାରଣା ଆଜି ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ମନ୍ତ୍ରୀଙ୍କ ନାସ୍ତିବାଣୀ ଆନ୍ଦୋଳନର ରୂପରେଖକୁ ପରିବର୍ତ୍ତନ କରିଛି। ଏଣିକି କେବଳ ଧାରଣା ନୁହେଁ, ଶତାଧିକ ଆଶାୟୀ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପ୍ରାୟ ୯ ଜଣ ଅନଶନରତ ଆଶାୟୀ ଅସୁସ୍ଥ ହେବା ସହ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଯୁବ, ଛାତ୍ର ଜନତା ଦଳର ୨ ନେତା ନିଲମ୍ବିତ

ଭୁବନେଶ୍ୱର,୨୨।୮ (ସମିସ): ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଦୁଇଜଣ ବିଜେଡି ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ମହଙ୍ଗା ପଡ଼ିଛି। ମୟୂରଭଞ୍ଜ ସାରସକଣା ବ୍ଲକର ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର ଛାତ୍ର ବିଜେଡି ନେତା ଅମିତ କୁମାର ଜେନାଙ୍କୁ ଦଳରୁ ନିଲମ୍ବିତ କରାଯାଇ ଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


**LOST**

ମୁଁ ମୁକ୍ତିକାନ୍ତ ନାୟକ, ସା- ଘଟଗାଁ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା, ପିନ୍- ୭୫୮୦୨୭ ସମସ୍ତ କବଲା ଆଉ ପଟ୍ଟାକୁ ତା ୨୧/୦୭/୨୦୨୬ ରେ ଦାନଗାଦି, ଯାଜପୁରରୋଡ, ଯାଜପୁର ଜେରକ୍ସ କରିବାକୁ ଗଲା ବେଳେ ବାଟରେ କେଉଁଠାରେ ମୋର କବଲା ନଂ- ୨୮୬୫, ତା- ୦୫/୧୦/୨୦୦୫, (ପଟ୍ଟା) ଖାତା ନଂ- ୪୨୨, ତା ୦୩/୦୭/୨୦୦୬ ରେ କେଉଁଆଡେ ହଜି ଯାଇଛି ତା- ୨୧/୦୭/୨୦୨୬ । ଯଦି କେହି ସହୃଦୟ ବ୍ୟକ୍ତି ମୋର କବଲା ଆଉ ପଟ୍ଟା ପାଇବେ ଉକ୍ତ ମୋବାଇଲ୍ ନଂ **9438670857** / **7655898881** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**DOCUMENT LOST**

ମୁଁ **ଶ୍ରୀ ବ୍ରଜସୁନ୍ଦର ମହାନ୍ତି**, ପିତା- ଏଜଗବନ୍ଧୁ ମହାନ୍ତି, ଠିକଣା- ବଡ଼ଓସ୍ତିଆ, ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୩୩, ଓଡ଼ିଶା । ତା. ୧୨/୦୭/୨୦୨୬ ରିଖରେ ମୋର ମୂଳ ୨ ଗୋଟି ଦଲିଲ ତା. ୨୮/୦୭/୨୦୨୬ର ବିକ୍ରୟ କବଲା ସଂଖ୍ୟା - ୧୮୦୧ ଏବଂ ତା. ୦୪/୦୭/୨୦୦୩ ରିଖରେ ବିକ୍ରୟ କବଲା ସଂଖ୍ୟା- ୧୪୨୭ ଯାହାକି ବଡ଼ଓସ୍ତିଆ ମୌଜାର ଖାତା ସଂ- ୨୯୦/୧୮୮, ପ୍ଲଟ୍ ନଂ- ୧୧୫୪/୧୬୭୪, ଏ୦.୦୬୫ଡି ଏବଂ ଖାତା ନଂ- ୨୯୦/୧୦୩, ପ୍ଲଟ୍ ନଂ- ୧୧୬୨/୧୫୬୩, ଏ୦.୦୧୩ଡି କେଉଁଠାରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ଦୟାକରି ନିକଟସ୍ଥ ପୋଲିସ୍ ଷ୍ଟେସନ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ ।

**AFFIDAVIT**

I, Anjan Kumar Jena, S/o Sudam Charan Jena, resident of N-4/76, IRC Village, Nayapalli, Bhubaneswar-751015, declare that my name is wrongly recorded as "Anjan Jena" in my son Asmit Jena's CBSE Class X Certificate / Records, instead of "Anjan Kumar Jena." Both names refer to me. Supported by Affidavit No. CFN.114 dated 18/08/2026, sworn before Executive Magistrate, Bhubaneswar.
**Anjan Kumar Jena**

**AFFIDAVIT**

I, SK MAQSUD ALAM aged about 38 years, S/o-SHAIK MASIUDDIN, Akhund Mohalla, Po-Binjharpur, Dist-Jajpur-755004, ODISHA, declared by this Affidavit No.1786/2026 Dated.23.03.2026, That now onwards I shall Be Known As **MAQSUD ALAM SHAIK** That for all future Purposes.

**AFFIDAVIT**

By virtue of an affidavit No-2688 sworn before The Executive Magistrate Champua on dtd-20/08/2026, I **Md Shahbaz Hussain**, permanent resident of Vill: Muslim Basti Champua, PO/PS- Champua, Dist-Keonjhar, Odisha, Pin-758041 declare that I have changed my name from **Mohammad Shahbaz Hussain** (old name) to **Md Shahbaz Hussain** (new Name). Henceforth, I shall be known as **MD SHAHBAZ HUSSAIN** for all future purposes.
**Md Shahbaz Hussain**

**AFFIDAVIT**

I, Jyotsna Sahoo, D/o-Jogesh Chandra Swain, resident of Flat No- 502, Banalata Apartment, Saheed Nagar, Bhubaneshwar, PIN-751007, Odisha declare by this affidavit No-461, dated- 20.08.2026 that now onwards I shall be known as **JYOSTNA SAHOO** for all future purposes.

**PM SHRI JAWAHAR NAVODAYA VIDYALAYA-2**
**OHPC Road, Near OCC Office, BALIMELA, DIST. MALKANGIRI-764051**

**WALK IN-INTERVIEW**

A walk In-Interview on **28/08/2026 (Friday) at 10:00 am at PM SHRI JNV, Balimela, Malkangiri-II, Odisha** for TGTs- Hindi & TGT Ph.Ed (Female) for the academic session **2026-27**, purely on contractual basis. The eligible/willing/desiring candidates may appear in the interview for the said post. Eligibility as per Govt. norms.
**Date & Venue of interview: PM SHRI JNV Balimela, Malkangiri-II on 28/08/2026Time: 10:00 am to 04:00 pm.**
No TA/DA will be admissible for attending the walk In-Interview.
**Required documents:** Original documents, 01 set of xerox copy, ID passport size photo.

**Sd/- Principal I/C**
**PM SHRI JNV, Malkangiri-II**

**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
**INVITATION FOR BIDS (IFB)**
**email ID- se.hwd.samal@gmail.com**

32001/730/2627

**'e'-Procurement Notice No. SE-HWD- 05/2026-27**

The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No of works | : | 3(Three) No of work |
| 2 | Name of the Work | : | 1. Improvement to Khalpal Distributary from RD 300mt to RD 1650mt for the year 2026-27.<br>2. Improvement to Manikmara Distributary I from RD100m to RD200mt and RD 700mt to RD 900mt for the year 2026-27.<br>3. Repair to lining of Kulei Distributary from RD 3500m to 3700m in the year 2026-27 |
| 3 | Estimated Cost | : | Approximetely 14.26 lakhs to **Rs. 32.92 lakhs** |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 14,300.00 to Rs. 33,000 (Refundable) |
| 6 | Class of contractor | : | **'D' & 'C' class and 'C' & 'B' Class** |
| 7 | Period of Completion of work | : | 120 days to 180 Days |
| 8 | Date and time of availability of bid Document in the website | : | From 10.00 A.M of Dt. 24.08.2026 to 5.00 P.M. of Dt.02.09.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.03.09.2026 at 11.30 A.M in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | Intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- se.hwd.samal@gmail.com |

**The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.**

**Superintending Engineer,**
**Head Works Division Samal**

OIPR-32001/32020/1/26-27/0005

34001/641/2627

E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*
Bid Identification No. BC KLD-03/2026-2027
No. 6559 Dated. 13.08.2026

| | | | |
|---|---|---|---|
| 1 | No. of the work: | : | 03 (Three) Civil works |
| 2 | Estimated cost: | : | Rs 36.00 to 88.00 Lakhs |
| 3 | Period of completion: | : | 07 (Seven) to 12 (Twelve) calendar Months |
| 4 | Date and time of availability of bid document in the portal: | : | 11.00 hrs of 25.08.2026 to 17.00 hrs of 07.09.2026 |
| 5 | Last date/Time for receipt of bid in the portal: | : | 17.00hour of 07.09.2026 |
| 6 | Name and address of the Officer Inviting Bid: | : | **Superintending Engineer, Kalahandi(R&B)Division, Bhawanipatna** |
| 7 | Opening of the Single Cover Bid | : | On 08.09.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0003

# ଧାନ ସଂଗ୍ରହକୁ ୨ ବର୍ଷ ବିତିଲା; ମହିଳାଙ୍କୁ ମିଳିନି କୋଟିଏରୁ ଊର୍ଦ୍ଧ୍ୱ ପାଉଣା

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନକିଣାରେ ପୁନଃ ଅବସ୍ଥାପିତ ଦାବି**

**୮ ଦିନର ମହଲତ; ୯ ଦିନରେ ରାଜପଥ ଅବରୋଧ ଚେତାବନୀ**

**ସିନାପାଲି, ୨୨।୮ (ସମିସ)**

ପୂର୍ବ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କିଣା ଦାୟିତ୍ୱ ଦେଇଥିଲେ। ହେଲେ ଏବେର ବିଜେପି ସରକାର ଏହି ଦାୟିତ୍ୱରୁ ହଟାଇ ଦେଇଛନ୍ତି। ଯାହା ଫଳରେ ମହିଳାମାନେ ଆତ୍ମନିର୍ଭର ହେବାର ଆଶା ମଉଳି ଯାଇଛି। ଏପରିକି ନୂଆପଡ଼ା ଜିଲ୍ଲାରେ ଏସ୍‌ଏଚଜି ମହିଳାଙ୍କୁ ଧାନସଂଗ୍ରହ କରିବାର ଦୁଇବର୍ଷ ବିତିଥିଲେ ବି ବର୍ତ୍ତମାନ ସୁଦ୍ଧା ୧ କୋଟି ୧୩ଲକ୍ଷ ୫୫ହଜାର ଟଙ୍କାର ଧାନସଂଗ୍ରହ କମିସନ ଓ ଶ୍ରମିକ ପାଉଣା ମିଳିପାରିନାହିଁ। ଏହାର ପ୍ରତିବାଦରେ ଶତାଧିକ ଏସ୍‌ଏଚ୍‌ଜି ମହିଳା ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ରବି ଓ ଖରିଫ ଋତୁରେ ଜିଲ୍ଲାର ୧୩ଟି ମହିଳା ଏସ୍‌ଏଚ୍‌ଜି ୨ଲକ୍ଷ ୫୫ହଜାର ୮୦୯ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ। ଏଥିରେ ୭୯ଲକ୍ଷ ୯୪ହଜାର ୩୭ଟଙ୍କା କମିସନ ଓ ୩୩ଲକ୍ଷ ୬୧ହଜାର ୩୩୩ଟଙ୍କା ମଣ୍ଡି ପରିଚାଳନା ଶ୍ରମିକ ପାଉଣା ହୋଇଥିଲା। ଜିଲ୍ଲାର ୧୩ଟି ମହିଳା ଏସ୍‌ଏଚ୍‌ଜିକୁ ମୋଟ ୧କୋଟି ୧୩ଲକ୍ଷ ୫୫ହଜାର ୩୭୦ ଟଙ୍କା ପାଇବାକୁ ଥିଲା। ଏଥିରେ ନୂଆପଡ଼ା ବ୍ଲକ କେନ୍ଦୁବାହାରା ଜୟ ମା' ଦୁର୍ଗା ଏସ୍‌ଏଚ୍‌ଜିକୁ ୮ଲକ୍ଷ ୮୫ହଜାର ୮୮୨ଟଙ୍କା ଓ କୋଦୋମେରି ଚାନ୍ଦିନୀ ମହିଳା ଏସ୍‌ଏଚ୍‌ଜିକୁ ୭ଲକ୍ଷ ୭୧ହଜାର ୭୧୪, କୋମନା ବ୍ଲକ ସିଆଲଲଟି ଅକଟ ଏସ୍‌ଏଚ୍‌ଜିକୁ ୧୨ ଲକ୍ଷ ୧୯ହଜାର ୯୧୪, ଡୁଙ୍ଗୁରିପାଲି ମା' ତୁଳସୀ ଏସ୍‌ଏଚ୍‌ଜିକୁ ୮ଲକ୍ଷ ୨୮ହଜାର ୧୮୪, ମିଛାପାଲି ମା' ଭାରତୀ ଏସ୍‌ଏଚ୍‌ଜିକୁ ୫ଲକ୍ଷ ୩୪ ହଜାର ୭୧ଟଙ୍କା ଓ ଠିକପାଲି ମା' ବେପରେନ ମହିଳା ଏସ୍‌ଏଚ୍‌ଜିକୁ ୫ଲକ୍ଷ ୧୪ହଜାର ୮୭୨, ଖଡିଆଳ ବ୍ଲକ ସାନମହେଶ୍ୱର ମା' ପଖାନତଲେନ ଏସ୍‌ଏଚ୍‌ଜିକୁ ୨୦ଲକ୍ଷ ୫୭ହଜାର ୨୨୧, ବୋଡ଼େନ ବ୍ଲକ




କାନପୁର ମା' ଦୁଆରସନୀ ଏସ୍‌ଏଚ୍‌ଜିକୁ ୮ଲକ୍ଷ ୧୪ ହଜାର ୩୪୪, ପଲସଦା ମହେଶ୍ୱରୀ ଆଦିବାସୀ ଏସ୍‌ଏଚ୍‌ଜିକୁ ୪ଲକ୍ଷ ୩୦ହଜାର ୬୦୨ ଓ କର୍ଲାକୋଟ ନବୀନ ମହିଳା ଏସ୍‌ଏଚ୍‌ଜିକୁ ୧୩ଲକ୍ଷ ୩୭ହଜାର ୭୬୧, ସିନାପାଲି ବ୍ଲକ କୁଶୁମଜୋର ମା' ବୈଷ୍ଣୋଦେବୀ ଏସ୍‌ଏଚ୍‌ଜିକୁ ୧୦ଲକ୍ଷ ୧୫ହଜାର ୭୩୦, ସିଙ୍ଝରର ମାଁ ତୁଳସୀ ଏସ୍‌ଏଚ୍‌ଜିକୁ ୫ଲକ୍ଷ ୯ହଜାର ୨୭୨ ଓ ଗମ୍ଭାରିଗୁଡ଼ା ଗଙ୍ଗାଧର ଏସ୍‌ଏଚ୍‌ଜିକୁ ୪ଲକ୍ଷ ୩୫ ହଜାର ୮୦୩ଟଙ୍କା ବକେୟା ରହିଥିବା ସରକାରୀ ରିପୋର୍ଟ କହୁଛି। ଜିଲ୍ଲାର ୧୩ଟି ମହିଳା ଏସ୍‌ଏଚ୍‌ଜିକୁ ଶତାଧିକ ମହିଳା ମିଳିତ ଭାବେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। ମୁଖ୍ୟଗେଟରେ ପୁଲିସ କଡ଼ନ ଭାଙ୍ଗି ଭିତରକୁ ପଶି ଧାରଣା ଦେଇଥିଲେ। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝି, ବିଜେଡି ଜିଲ୍ଲା ଉପସଭାପତି ସୁବାଷ ପଣ୍ଡା, ନୂଆପଡ଼ା ଏନ୍‌ଏସି ସଭାପତି ଉମେଶ ସହିସ ପ୍ରମୁଖ ମହିଳାଙ୍କ ଆନ୍ଦୋଳନକୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିଲେ। ଦୁଇଘଣ୍ଟା ଧରି ମହିଳାମାନେ ଧାରଣାରେ ବସି ବିକ୍ଷୋଭ କରିଥିଲେ। ଦୁଇବର୍ଷ ବିତିଯାଇଥିଲେ ବି ଜିଲ୍ଲାର ୧୩ଟି ଏସଏଚଜି କମିସନ ଓ ଶ୍ରମିକ ପାଉଣା ପାଇବାରୁ ମହିଳାମାନେ ବଞ୍ଚିତ ହୋଇଛନ୍ତି। ଏହି ଦୁଇବର୍ଷରେ ମହିଳାମାନେ ଜିଲ୍ଲାପାଳଙ୍କୁ ମୋଟ ୨୬ଥର ଭେଟି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି। ମହିଳାଙ୍କ ପାଖରେ ଯାହା ଟଙ୍କା ଥିଲା, ସେଥିରେ ମଣ୍ଡି ପରିଚାଳନା କରିଥିଲେ। ଧାନସଂଗ୍ରହ ପାଉଣା ପାଇ ନ ଥିବାରୁ ବ୍ୟାଙ୍କଋଣ ଶୁଝି ପାରୁ ନଥିବା ଅଭିଯୋଗ କରିଛନ୍ତି। ଏବେ ମହିଳାମାନେ ଅଭାବ ଅନଟନରେ ଦିନ କାଟୁଛନ୍ତି। ପିଲାଙ୍କୁ ପାଠ ପଢ଼ାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ମହିଳାଙ୍କୁ କମିସନ ଓ ଶ୍ରମିକ ପାଉଣା ପ୍ରଦାନ କରିବା ସହ ଧାନମଣ୍ଡି ପରିଚାଳନାରେ ଏସ୍‌ଏଚ୍‌ଜିକୁ ପୁନଃ ନିୟୋଜିତ କରିବାକୁ ଦାବି କରିଥିଲେ। ଏନେଇ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତଙ୍କୁ ଦାବିପତ୍ର ପ୍ରଦାନ କରି ୮ଦିନ ଭିତରେ ପାଉଣା ଦେବାକୁ ଅନୁରୋଧ କରିଥିଲେ। ନଚେତ ୯ଦିନ ପରେ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

# ଡ. ପ୍ରିୟରଞ୍ଜନ ବେହେରାଙ୍କୁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ



**ଭବାନୀପାଟଣା, ୨୨।୮ (ସମିସ):** ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୨ତମ ଜନ୍ମ ବାର୍ଷିକୀ ଅବସରରେ ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସରମାନଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ସହକାରୀ ପ୍ରଫେସର ଡକ୍ଟର ପ୍ରିୟରଞ୍ଜନ ବେହେରାଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ ମହାପାତ୍ରଙ୍କ ଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

**ବୋଡ଼େନ, ୨୨।୮ (ସମିସ):** ବୋଡ଼େନ ସହରର ଦ୍ୱାରଶନି ଗଳି ରାସ୍ତାରେ ଏଲ୍‌ଏନ୍‌ଟି କମ୍ପାନୀ ପକ୍ଷରୁ ଯୋଗାଣ କରାଯାଇଥିବା ପାଇପ ଫାଟି ହଜାର ହଜାର ଲିଟର ପାଣି ରାସ୍ତାରେ ବୋହି ଯାଉଛି। ଫଳରେ ଗଳି ରାସ୍ତାରେ ଦିନତମାମ ପାଣି ଜମି ରହିବା ସହ ପଡ଼ାବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାରେ ନିୟମିତ ଭାବେ ପାଣି ବୋହିବା ଯୋଗୁଁ ଅଞ୍ଚଳଟି ସନ୍ତସନ୍ତିଆ ହୋଇ ରହୁଛି। ଏହାଦ୍ୱାରା ମଶା ଓ ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପରିବେଶ ମଧ୍ୟ ଦୂଷିତ ହେବାର ଆଶଙ୍କା ରହିଛି। ପାଣିର ଅପଚୟ ରୋକିବା ସହ ପାଇପ ମରାମତି କରି ରାସ୍ତାରେ ଜମିଥିବା ପାଣି ନିଷ୍କାସନ ପାଇଁ ପଡ଼ାବାସୀ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।

# ୧୬୨ କେଜି ଗଞ୍ଜେଇ ସହିତ କାର୍ ଜବତ; ଜଣେ ଗିରଫ



**ମ. ରାମପୁର, ୨୨।୮ (ସମିସ):** ମ.ରାମପୁର ବ୍ଲକ ଅନ୍ତର୍ଗତ ରଜାମୁଣ୍ଡା ନିକଟ ଜାତୀୟ ରାଜପଥ ୫୯ରେ ଶନିବାର ସକାଳ ୫ଟାରେ କଳାହାଣ୍ଡି ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପ-ଅବକାରୀ ଅଧୀକ୍ଷକ ସାଗରିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ନିରୀକ୍ଷକ ବିଜୟ ଭୂଷଣ ନାୟକ, ମ.ରାମପୁର ଅବକାରୀ ବିଭାଗ ଅଧିକାରୀ ଅଜିତ କୁମାର ନାୟକଙ୍କ ସମେତ ମ. ରାମପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ଉ କରିଥିଲେ। ଚୋରାଚାଲାଣବେଳେ ୧ କ୍ୱିଣ୍ଟାଲ ୬୨କେଜି ଗଞ୍ଜେଇ ଓ ଦୁଇଟି ସ୍ମାର୍ଟ ମୋବାଇଲ ଫୋନ୍ ଅବକାରୀ ବିଭାଗ ଜବତ କରିଥିବା ବେଳେ ବ୍ୟବହୃତ ଏକ କାର୍ (ଓଆର୍‌୦୨-ଏଡବ୍ଲୁ-୯୮୮୧) (ମୂଳ ନମ୍ବର -ସିଜି୦୪ଏଚଏ-୨୮୧୧) ଜବତ କରିଛି। ବାପି ପ୍ରଧାନ (୨୬)ଙ୍କୁ ଏନ୍‌ଡି ପି ଏସ୍ ଅଧିନିୟମ ଅନୁସାରେ ଗିରଫ କରାଯାଇଛି। ଜଣେ ନାବାଳକ ଥିବାବେଳେ ତାଙ୍କ ମଧ୍ୟ ପୁଲିସ ଜେଜେବିକୁ ପଠାଇଛି। ଉକ୍ତ ଗଞ୍ଜେଇ କନ୍ଧମାଳ ଜିଲ୍ଲାରୁ ବଲାଙ୍ଗୀର ଚୋରା ଚାଲାଣ କରୁଥିଲେ ବୋଲି ଅଭିଯୁକ୍ତମାନେ ପ୍ରକାଶ କରିଥିଲେ। ଗିରଫ ଯୁବକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଚଢ଼ାଉ ମ ରାମପୁର, ଅବକାରୀ ବିଭାଗ ଅଧିକାରୀ ସମେତ ବଳେଶ୍ୱର ଧଙ୍ଗଡ଼ାମାଝୀ, ସୀମାଞ୍ଚଳ ମାଝୀ, ବିନତା କୁମାର, ଡୁଲେଶ୍ୱର ପ୍ରଧାନ, ଦୈତାରୀ ତାଣ୍ଡି, ପଥ୍ୱୀରାଜ ବାଗ, ସିଦ୍ଧାନ୍ତ ପଟ୍ଟନାଏକ ସାମିଲ ଥିଲେ।

# ବ୍ଲକସ୍ତରୀୟ 'ଉଲ୍ଲାସ' ପ୍ରଶିକ୍ଷଣ ଶିବିର

**ଲାଞ୍ଜିଗଡ଼, ୨୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'ର ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ନିଜେ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ସର୍ବେକ୍ଷକ, ସଂଯୋଜକ ଓ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ୨୦୨୨-୨୭ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଉଲ୍ଲାସର ଅର୍ଥ - ସମାଜରେ ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷାର ବୁଝାମଣା ଓ ଏହାର ମୂଳ ମନ୍ତ୍ର 'ଜନ ଜନ ସାକ୍ଷର'। ଏହି ଯୋଜନାରେ ୧୫ ବର୍ଷରୁ ଅଧିକ ବୟସର ସମସ୍ତ ଅଣସାକ୍ଷର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏଥିରେ ୫ଟି ବିଷୟ - ମୌଳିକ ସାକ୍ଷରତା, ଜୀବନ କୌଶଳ, ମୌଳିକ ଶିକ୍ଷା, ବୃତ୍ତିଗତ ଦକ୍ଷତା ଓ ନିରନ୍ତର ଶିକ୍ଷା ଶିଖାଯିବ। ଏହା ସ୍ୱେଚ୍ଛାସେବା ଉପରେ ଆଧାରିତ ଓ ଉଲ୍ଲାସ ଆପ୍ ମାଧ୍ୟମରେ ସ୍ୱେଚ୍ଛାସେବୀ ଶିକ୍ଷକମାନେ ବିନା ପାରିଶ୍ରମିକରେ ପଢ଼ାଉଛନ୍ତି।

ପ୍ରଶିକ୍ଷଣରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ସାକ୍ଷରତା ପରୀକ୍ଷା ଉପରେ ବିଶେଷ ଆଲୋଚନା ହୋଇଥିଲା। ପରୀକ୍ଷା ପାଇଁ ଶିକ୍ଷାର୍ଥୀଙ୍କୁ କିପରି ପ୍ରସ୍ତୁତ କରାଯିବ ଓ ସ୍ଥାନୀୟ ପରିବେଶକୁ ନେଇ ସହଜ ଶିକ୍ଷଣ ପ୍ରଣାଳୀ ଆପଣାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବିଇଓ ଶ୍ରୀ ମେହେର କହିଥିଲେ ଯେ, ସାକ୍ଷରତା କେବଳ ଅକ୍ଷର ଚିହ୍ନିବା ନୁହେଁ, ଏହା ଜ୍ଞାନ ଓ ଆତ୍ମବିଶ୍ୱାସ ସହ ଜୀବନଯାପନର କ୍ଷମତା ଦିଏ। ସମସ୍ତ ନିରକ୍ଷରଙ୍କୁ ଉଲ୍ଲାସ ଆପ୍‌ରେ ପଞ୍ଜୀକରଣ କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶିବିରରେ ବିଶ୍ୱନାଥପୁର




ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ସମେତ ୧୩ ଜଣ ସିଆରସିସି ଏବଂ ପ୍ରତି କ୍ଲଷ୍ଟରରୁ ୨ ଜଣ ଲେଖାଏଁ ସାଧନ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଗୋବର୍ଦ୍ଧନପୁର ସିଆରସିସି କୁମାର ଗୌରବ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଟୁନି ଖୋସ୍ଲା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦିକା

**ଥୁଆମୂଳ ରାମପୁର, ୨୨।୮ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଜେଡି ନେତ୍ରୀ ତଥା ଜିଲ୍ଲା ପରିଷଦ ଜୋନ୍ ନଂ-୨ର ସଭ୍ୟା ଟୁନି ଖୋସ୍ଲା



(ଦୁରିଆ)ଙ୍କୁ ବିଜୁ ମହିଳା ଜନତା ଦଳ କଳାହାଣ୍ଡି ଜିଲ୍ଲା ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତାଙ୍କୁ ଦଳର ଜିଲ୍ଲା ସାଧାରଣ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ବିଜେଡି ସୁପ୍ରିମୋ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ହୋଇଥିବା ନେଇ ଦଳ ପକ୍ଷରୁ ଜାରି ତାଲିକାରେ ଉଲ୍ଲେଖ ରହିଛି। ଥୁଆମୂଳ ରାମପୁର ଭଳି ଦୁର୍ଗମ ଅଞ୍ଚଳରୁ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସକ୍ରିୟ ରହି ଆସିଥିବା ଶ୍ରୀମତୀ ଖୋସ୍ଲାଙ୍କୁ ଜିଲ୍ଲା ସଂଗଠନର ଏହି ପ୍ରମୁଖ ଦାୟିତ୍ୱ ମିଳିବା ପରେ ଥୁଆମୂଳ ରାମପୁର ଅଞ୍ଚଳର ବିଜେଡି କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ସହ ଜିଲ୍ଲାର ତୃଣମୂଳସ୍ତରର କର୍ମୀ ଓ ମହିଳାମାନଙ୍କୁ ସଂଗଠିତ କରିବା ଦିଗରେ ଗୁରୁତ୍ୱ ଦେବେ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

# କୋକସରା ପୁଲିସର ନିଶାମୁକ୍ତ ଅଭିଯାନକୁ ନେଇ ଚର୍ଚ୍ଚା

**କୋକସରା, ୨୨।୮ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ପକ୍ଷରୁ ଗତ କିଛିଦିନ ହେଲା ନିଶାମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ପୁଲିସ ବିଭାଗ ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଆଦି ସ୍ଥାନରେ ସଚେତନତା ସୃଷ୍ଟି କରିବା ସହ ଶପଥ ପାଠ କରାଯାଉଛି। ହେଲେ ଏହି କାର୍ଯ୍ୟକ୍ରମଟି ସ୍କୁଲ ଓ କଲେଜର ଚାରିକାନ୍ଥ ଭିତରେ ସୀମିତ ରଖା ନଯାଇ ଏହାର ବ୍ୟାପକ ପ୍ରଚାର ପ୍ରସାରର ମଧ୍ୟ ଆବଶ୍ୟକତା ରହିଛି। ଅବଶ୍ୟ ଏହି କାର୍ଯ୍ୟକ୍ରମ ପରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନେ ସାଧାରଣ ଲୋକଙ୍କୁ କିଛି ମାତ୍ରାରେ ସଚେତନ କରୁଛନ୍ତି। ମାତ୍ର ଏଭଳି ଏକ ଜନ ସଚେତନତା କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାରର ମଧ୍ୟ ଆବଶ୍ୟକତା ରହିଛି। କିନ୍ତୁ ପୁଲିସ ବିଭାଗ ଗଣମାଧ୍ୟମକୁ ଉକ୍ତ ବିଷୟ ଉପରେ କୌଣସି ସୂଚନା ଦେଉନାହିଁ କି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଡକାଯାଉନାହିଁ। ଫଳରେ ଏହାର ପ୍ରଚାର ପ୍ରସାର ମଧ୍ୟ ସେଭଳି ଭାବରେ ହୋଇପାରୁ ନାହିଁ। ଯାହାଦ୍ୱାରା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସଫଳ ହେବା ଆଶଙ୍କା ମଧ୍ୟରେ ସ୍କୁଲ ଓ କଲେଜର ଚାରିକାନ୍ଥ ଭିତରେ ସଚେତନ ମୂଳକ କାର୍ଯ୍ୟକ୍ରମ ରହିଯାଉଛି।

ଏ ନେଇ କୋକସରା ଥାନା ଅଧିକାରୀ ଡମ୍ବରୁଧର ଭରତିଆଙ୍କ ପ୍ରତିକ୍ରିୟା ନେବାରୁ ଆଗକୁ ନିଶ୍ଚିତ ଭାବେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି କହିଛନ୍ତି।




# ୨୫ରେ ଲାଞ୍ଜିଗଡ଼ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୨୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ୨୫ ଅଗଷ୍ଟ ବୁଧବାର ଦିନ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେବ। ଲାଞ୍ଜିଗଡ଼ ବ୍ଲକ ହେଉଛି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ। ଅନେକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଖରେ ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ନାହିଁ କିମ୍ବା ପୁରୁଣା ହାତଲେଖା ପ୍ରମାଣପତ୍ର ଅଛି। ଫଳରେ ସେମାନେ ଭୀମ ଭୋଇ ଭିନ୍ନକ୍ଷମ ଭତ୍ତା, ଛାତ୍ରବୃତ୍ତି, ସହାୟକ ଉପକରଣ ଏବଂ ଅନ୍ୟ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଏହି ସ୍ୱତନ୍ତ୍ର ଶିବିର କରୁଛି। ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଏ ପର୍ଯ୍ୟନ୍ତ ପ୍ରମାଣପତ୍ର ହୋଇନାହିଁ, ସେମାନଙ୍କର ସେହିଠାରେ ଡାକ୍ତରୀ ପରୀକ୍ଷା କରାଯାଇ ନୂଆ ୟୁଡିଆଇଡି କାର୍ଡ ପ୍ରଦାନ କରାଯିବ। ହାତଲେଖା ପୁରୁଣା ପ୍ରମାଣପତ୍ରକୁ ବର୍ତ୍ତମାନର ଡିଜିଟାଲ ଫର୍ମାଟରେ ପରିବର୍ତ୍ତନ କରାଯିବ। ସାଙ୍ଗରେ ଆଧାର କାର୍ଡ, ଆଧାର ସହ ଲିଙ୍କ ଥିବା ଓଟିପି ଆସୁଥିବା ମୋବାଇଲ ଫୋନ୍, ଦୁଇ କପି ପାସପୋର୍ଟ ସାଇଜ ଫଟୋ, ପୁରୁଣା ପ୍ରମାଣପତ୍ର ଥିଲେ ଆଣିବାକୁ ପଡ଼ିବ। ଶିବିରରେ ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତର ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତି ବହୁ ସଂଖ୍ୟାରେ ଯୋଗ ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ୱେଷ୍ଟର୍ଣ୍ଣ ଓଡ଼ିଶା ରେସିଡେନ୍ସିଆଲ ପବ୍ଲିକ ସ୍କୁଲରେ ସବୁଜ ଦିବସ




**ଖଡ଼ିଆଳ, ୨୨।୮ (ସମିସ):** ଖଡ଼ିଆଳ ସ୍ଥିତ ୱେଷ୍ଟର୍ନ ଓଡ଼ିଶା ରେସିଡେନ୍ସିଆଲ ପବ୍ଲିକ ସ୍କୁଲ ପରିସରରେ ଶନିବାର ସବୁଜ ଦିବସ ପାଳିତ ହୋଇଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସଂରକ୍ଷଣ, ରକ୍ଷଣାବେକ୍ଷଣ ଏବଂ ମାନବ ସମାଜ ପାଇଁ ଜଙ୍ଗଲର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ସ୍ନିଗ୍ଧା ଘୋଷ ବିଦ୍ୟାଳୟ ପରିସରକୁ ସର୍ବଦା ସବୁଜ ଓ ସତେଜ ରଖିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସବୁଜ ଦିବସ ଅବସରରେ ସ୍କୁଲର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଚାରା ଉପହାର ସ୍ୱରୂପ ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଏହାଦ୍ୱାରା ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଭା ଶେଷରେ ଶିକ୍ଷୟିତ୍ରୀ ରୁଚିତା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

**ଡାକ୍ତରଙ୍କ ଘରେ ଡକାୟତି ଘଟଣା**

# ପୁଣି ଜଣେ ଗିରଫ; ସ୍କୁଟି ଓ ଚୋରି ସୁନାମୁଦି ଜବତ

**ଧର୍ମଗଡ଼, ୨୨।୮ (ସମିସ):** ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ସରକାରୀ ଡାକ୍ତର ଅଜିତ ଦାସଙ୍କ ସରକାରୀ ବାସଭବନରେ ଘଟିଥିବା ବହୁଚର୍ଚ୍ଚିତ ଡକାୟତି ଘଟଣାରେ ଆଉ ଜଣେ ଅଭିଯୁକ୍ତକୁ ଧରିଛି ଧର୍ମଗଡ଼ ପୁଲିସ। ସେ ହେଲେ କାସିବାହାଲ ଗ୍ରାମର ସୁଧୀର ତାଣ୍ଡି ଓରଫ ମୋଟୁ (୨୭)। ତାଙ୍କ ନିକଟରୁ ଡକାୟତିରେ ବ୍ୟବହୃତ ଏକ ସ୍କୁଟି ଏବଂ ଲୁଟ ହୋଇଥିବା ସୁନାମୁଦି ଜବତ କରି ଶନିବାର କୋର୍ଟ ଚାଲାଣ କରାଯାଇଛି।



ସୂଚନା ଅନୁଯାୟୀ, ଗତ ୧୧ ଜୁଲାଇ ବିଳମ୍ବିତ ରାତିରେ ଚାରିଜଣ ଦୁର୍ବୃତ୍ତ ଡାକ୍ତର ଅଜିତ ଦାସଙ୍କ ବାସଭବନରେ ପଶି ତାଙ୍କୁ ବାନ୍ଧିଦେଇ ଘରୁ ଦୁଇଟି ସୁନା ଚେନ୍, ଦୁଇଟି ସୁନା ମୁଦି ଏବଂ ପ୍ରାୟ ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣାଟି ଧର୍ମଗଡ଼ ସହର ତଥା ଡାକ୍ତରଖାନା ପରିସରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଥିଲା। ଡାକ୍ତରଙ୍କ ଅଭିଯୋଗ ଆଧାରରେ ଧର୍ମଗଡ଼ ପୁଲିସ ମାମଲା ରୁଜୁ କରି ପୂର୍ବରୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଭୁବନେଶ୍ୱରୀ ହରିଜନ (୧୯) ଓ କୁମାରୀ ହରିଜନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କାସିବାହାଲ ଗ୍ରାମର ସୁଧୀର ତାଣ୍ଡି ଓରଫ ମୋଟୁଙ୍କ ଏହି ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ସୂଚନା ପୁଲିସ ପାଇବା ପରେ ତାଙ୍କୁ ଗିରଫ କରି ପଚରାଉଚରା କରିଥିଲା। ତଦନ୍ତ ସମୟରେ ଡକାୟତିରେ ବ୍ୟବହୃତ ଏକ ସ୍କୁଟି ଜବତ କରିଥିବା ବେଳେ ଲୁଟ ହୋଇଥିବା ସୁନାମୁଦି ମଧ୍ୟ ଉଦ୍ଧାର କରାଯାଇଛି ବୋଲି ତଦନ୍ତକାରି ପୁଲିସ ଅଧିକାରୀ ଲୋରିସ ପ୍ରଧାନ ସୂଚନା ଦେଇଛନ୍ତି।

ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି। ଲୁଟ ହୋଇଥିବା ଅନ୍ୟ ସାମଗ୍ରୀ ଓ ଟଙ୍କା ସମ୍ପର୍କରେ ମଧ୍ୟ ପୁଲିସ ଖୋଳତାଡ଼ କରୁଥିବା ଜଣାପଡ଼ିଛି। ଅନ୍ୟପଟେ, ଧର୍ମଗଡ଼ ଥାନା ପକ୍ଷରୁ ସହରରେ ଚୋରି, ଡକାୟତି ଓ ଅନ୍ୟ ଅପରାଧ ରୋକିବା ପାଇଁ ରାତ୍ରିକାଳୀନ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଉଛି ବୋଲି ଧର୍ମଗଡ଼ ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସୂଚନା ଦେଇଛନ୍ତି।

# ଯବାନଙ୍କୁ ରାକ୍ଷୀ ପଠାଇଲେ ଛାତ୍ରଛାତ୍ରୀ

**ଭବାନୀପାଟଣା, ୨୨।୮ (ସମିସ)**

ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ଦେଶର ସୀମା ଜଗିଥିବା ବୀର ଯବାନମାନଙ୍କ ପାଇଁ ପ୍ରତିବର୍ଷ ପରି ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ରାଖୀ ପଠାଇଛନ୍ତି। ପରିବାରଠାରୁ ଦୂରରେ ରହି ଦେଶ ରକ୍ଷା କରୁଥିବା ଭାରତୀୟ ସେନା (ଆର୍ମି)ର ଭାଇମାନଙ୍କ ପାଇଁ କୋମଳମତି ଶିଶୁମାନେ ରାଖୀ ପଠାଇଛନ୍ତି। ରାଖୀ ସହ ଯବାନମାନଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରିଛନ୍ତି। ଦିଲ୍ଲୀ ସ୍ଥିତ ସେନା ମୁଖ୍ୟାଳୟକୁ ଡାକ ଯୋଗେ ଏହା ପ୍ରେରିତ କରାଯାଇଛି। ଯେଉଁ ଯବାନମାନେ ପର୍ବପର୍ବାଣୀରେ ନିଜ ଭଉଣୀ ପାଖକୁ ଆସିପାରନ୍ତି ନାହିଁ, ସେମାନେ ଏହି ରାଖୀ ପାଇ ନିଶ୍ଚିତ ଭାବେ ଖୁସି ହେବେ ଓ ମନୋବଳ ସୁଦୃଢ଼ ହେବ ବୋଲି ସ୍କୁଲର ଅଧକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ କହିଛନ୍ତି। ସମାଜସେବୀ ଇଂ. ଲକ୍ଷ୍ମୀନାରାୟଣ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।



# ଶିଶୁ ସେବିକା ନିଯୁକ୍ତି ଅନିୟମିତତାର ତଦନ୍ତ

**କଲମପୁର, ୨୨।୮ (ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ତ କୋଟାଗାଁ, କସାବାହି ଓ ପାତ୍ରବସା ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା, ପ୍ରଥମେ ବିଇଓ କାର୍ଯ୍ୟାଳୟରେ ଅଭିଯୋଗ ହେବା ପରେ ବିଭାଗୀୟ ତଦନ୍ତ ହୋଇଥିଲା। ଏଥିରେ ଫଳାଫଳ ଶୁନ୍ୟ ରହିବାରୁ ୩ଟି ବିଦ୍ୟାଳୟର ଆବେଦନ କରିଥିବା ପ୍ରାର୍ଥିନୀମାନେ ଗତ ମାର୍ଚ୍ଚ ୨୩ରେ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ମୁତାବକ ୩ ଟି ବିଦ୍ୟାଳୟରେ ତଦନ୍ତ ହୋଇଥିଲା।

କୋଟାଗାଁ ବିଦ୍ୟାଳୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲିପ କୁମାର ବେହେରା ତଦନ୍ତ କରିଥିବା ବେଳେ କସାବାହି ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୂଳମଣୀ ମାଝୀ ଓ ପାତ୍ରବସା ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ତଦନ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ କୋଟାଗାଁ ବିଦ୍ୟାଳୟରେ ଶିଶୁ ସେବିକା ଆବେଦନକାରିଣୀ ତାଙ୍କ ଆବେଦନକୁ ବିଚାରକୁ ନିଆଯାଇ ନ ଥିବା ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ସମ୍ପୃକ୍ତ ଆବେଦନକାରିଣୀ ଧାର୍ଯ୍ୟ ସମୟ ପରେ ଆବେଦନ କରିଥିବା ଜଣା ପଡ଼ିଥିଲା। କସାବାହି ବିଦ୍ୟାଳୟରେ ୩ଜଣ ପ୍ରାର୍ଥିନୀ ଆବେଦନ କରିଥିଲେ। ନିୟମ ଅନୁସାରେ ପ୍ରଥମେ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥିନୀଙ୍କ ଆବେଦନକୁ ବିଚାରକୁ ନିଆଯାଇଥିଲା। ସମ୍ପୃକ୍ତ ପ୍ରାର୍ଥିନୀଙ୍କ ସମ୍ପର୍କୀୟ ବିଦ୍ୟାଳୟ କମିଟି ସଦସ୍ୟ ଥିବାରୁ ପରବର୍ତ୍ତୀ ପ୍ରାର୍ଥିନୀଙ୍କ ଆବେଦନକୁ ବିଚାରକୁ ନିଆଯାଇ ଥିଲା। ଉକ୍ତ ପ୍ରାର୍ଥିନୀ ପଛୁଆ ବର୍ଗର ହୋଇଥିବା ବେଳେ ସ୍ୱାମୀ ପରିତ୍ୟକ୍ତା ବୋଲି ଦାବି କରିଥିଲେ। କିନ୍ତୁ ସ୍ୱାମୀ ପରିତ୍ୟକ୍ତା ଯାଞ୍ଚିତ ପ୍ରମାଣପତ୍ର ଦାଖଲ କରିପାରି ନ ଥିଲେ। ଶେଷରେ ଅନୁସୂଚିତ ଜାତିର ଯୁବତୀ ରହିଥିଲେ। ଏହି ଯୁବତୀର ଆବେଦନକୁ ବିଚାରକୁ ନିଆଗଲା ନାହିଁ। ଫଳରେ ଯୁବତୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଏବେ ଏଠାରେ ଭିନ୍ନ ମୋଡ ଆସିଛି, ତଦନ୍ତରେ ଯାଇଥିବା ଅଧିକାରୀମାନେ ବର୍ତ୍ତମାନ ୩୦ ଜଣ ଶିଶୁ ନ ଥିବାରୁ ଶିଶୁ ସେବିକା ନିଯୁକ୍ତିକୁ ସ୍ଥଗିତ କରାଗଲା ବୋଲି ରିପୋର୍ଟ ଦେଇଛନ୍ତି। ପାତ୍ରବସା ବିଦ୍ୟାଳୟରେ କିନ୍ତୁ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ସେଥିରେ ୨ ଜଣ ଆବେଦନ କରିଥିବା ଜଣାପଡ଼ିଛି, ଜଣେ ପଛୁଆବର୍ଗର ପ୍ରାର୍ଥିନୀ ହୋଇଥିବା ବେଳେ ଅନ୍ୟଜଣେ ଅନୁସୂଚିତ ଜାତି ବର୍ଗର। ସେ ଭିତରେ ପଛୁଆ ବର୍ଗର ପ୍ରାର୍ଠଥନୀ ଧାର୍ଯ୍ୟ ସମୟରେ ଆବେଦନ କରିଥିବା ବେଳେ ଅନୁସୂଚିତ ଜାତି ବର୍ଗର ପ୍ରାର୍ଥିନୀ ଧାର୍ଯ୍ୟ ସମୟ ପରେ ଆବେଦନ କରିଥିବା ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ରିପୋର୍ଟ ଦାଖଲ କରିଛନ୍ତି। କିନ୍ତୁ ଧାର୍ଯ୍ୟ ସମୟ ପରେ କାହିଁକି ଆବେଦନ ଗ୍ରହଣ କରାଗଲା ସେ ପ୍ରଶ୍ନର ଉତ୍ତର ସମ୍ପୃକ୍ତ ଶିକ୍ଷକ ପାଖରୁ ମିଳୁନାହିଁ। ସେହିଭଳି ପଛୁଆବର୍ଗର ପ୍ରାର୍ଥିନୀ ସ୍ୱାମୀ ପରିତ୍ୟକ୍ତା ବୋଲି ଦାବି କରିଛନ୍ତି, କିନ୍ତୁ ତାଙ୍କ ପାଖରେ ମଧ ଯାଞ୍ଚିତ ପ୍ରମାଣପତ୍ର ନାହିଁ, କସାବାହି ବିଦ୍ୟାଳୟରେ ଯାଞ୍ଚିତ ପ୍ରମାଣପତ୍ର ଦାଖଲ କରିନପାରିବାରୁ ପ୍ରାର୍ଥିନୀ ଶିଶୁ ସେବିକା ନିଯୁକ୍ତିରୁ ବଞ୍ଚିତ ହେଲେ ତେବେ ପାତ୍ରବସା ବିଦ୍ୟାଳୟରେ ଏହି ନିୟମ ଉଲ୍ଲଂଘନର ଅସଲ କାରଣ ରହସ୍ୟମୟ ହୋଇଛି, ଏ ଦିଗରେ ସମ୍ପୃକ୍ତ ତଦନ୍ତ ଅଧିକାରୀ ମାନେ ତଦନ୍ତ କରୁ ନାହାନ୍ତି କାହିଁକି ତାହାହିଁ ବଡ଼ ପ୍ରଶ୍ନ ପାଲଟିଛି। ଗ୍ରାମବାସୀ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ ନିଯୁକ୍ତି ହାତେଇ ନେଇଥିବା ମହିଳା କୁଆଡ଼େ ସ୍ୱାମୀଙ୍କ ନାମରେ ଭରଣପୋଷଣ ମାମଲା ଦାୟର କରିଛନ୍ତି, ଯାହାକି ଏବେ ବିଚରାଳୟରେ ବିଚାରାଧୀନ ଅଛି। ଏହା ଯଦି ସତ୍ୟ ତେବେ ମିଳିମିଶି ନିଯୁକ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଏ ସମ୍ପର୍କରେ ବିଇଓ ବାଞ୍ଛାନିଧି ପଣ୍ଡା ଓ ସହକାରୀ ଏବିଇଓ ଦିଲିପ ବେହେରା ଆମେ ତଦନ୍ତ ରିପୋର୍ଟ ଜିଲ୍ଲାପାଳ ନିକଟରେ ଦାଖଲ କରିବୁ ଯାହା ନିର୍ଦ୍ଦେଶ ଆସିବ ସେ ଅନୁସାରେ କାମ କରିବୁ, ବର୍ତ୍ତମାନ ଆମ ହାତରେ କିଛି ନାହିଁ ବୋଲି ମତବ୍ୟକ୍ତ କରିଥିଲେ।

## ବଜ୍ରକାପ୍ତା ଉଦ୍ଧାର; ୩ ଗିରଫ



**ଖଡ଼ିଆଳ, ୨୨।୮ (ସମିସ):** ଖଡ଼ିଆଳ ବନଖଣ୍ଡ ପକ୍ଷରୁ ଚୋରା ଚାଲାଣବେଳେ ଏକ ବଜ୍ରକାପ୍ତା ଉଦ୍ଧାର ସହ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଡ଼ିଆଳ ଥାନା ରାଣୀମୁଣ୍ଡାର ଗ୍ରାମର ବାଳକୃଷ୍ଣ ହାତୀ (୩୦), ସୋନୁ ହାତୀ (୪୦) ଏବଂ ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା ପିଠାପଡ଼ାର ରୋଶନ ଠାକୁର (୩୧)। ସୂଚନା ଅନୁସାରେ, ଏହି ତିନି ଜଣ ଓଡ଼ିଶା-ଛତିଶଗଡ଼ ସୀମା ଅଞ୍ଚଳରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତ ଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍‌ଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ରାଣୀମୁଣ୍ଡା ବିଟ ପଲମା-ଝରନାଳା ସରକାରୀ ପମ୍ପ ହାଉସ ନିକଟରୁ ବଜ୍ରକାପ୍ତା ଜବତ କରାଯାଇଥିଲା। ଜବତ ହୋଇଥିବା ବଜ୍ରକାପ୍ତାର ଓଜନ ୭.୦୯୮ କେଜି ହୋଇଥିବା ବେଳେ ଏହାର ଆନ୍ତର୍ଜାତୀୟ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଡିଏଫଓ ଶ୍ରୀ ଖାନ୍ କହିଛନ୍ତି।

## ନୂଆପଡ଼ାରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା

**ସିନାପାଲି, ୨୨।୮ (ସମିସ):** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଖେନ୍ଦୁ ରାୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରାଣୀପାଳନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଗ୍ରଣୀ ପ୍ରାଣୀପାଳକମାନଙ୍କୁ ଜିଲ୍ଲାପାଳ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ୩, ୦୦୦ କୁକୁଡ଼ା ପାଳନ ଯୋଜନାରେ ସିନାପାଲି ବ୍ଲକର ଶାନ୍ତି ବଗର୍ତ୍ତି, ୨, ୦୦୦ କୁକୁଡ଼ା ପାଳନ ଯୋଜନାରେ ବୋଡ଼େନ ବ୍ଲକର ଭ୍ରମର ସିଂହ ମାଝୀ, ୩୦+୨ ମେଣ୍ଢା ପାଳନରେ କୋମନା ବ୍ଲକର ପ୍ରେମଶିଳା ପୁଞ୍ଜି, ୨, ୫୦୦ କୁକୁଡ଼ା ପାଳନରେ ନୂଆପଡ଼ା ବ୍ଲକର ହିରନ୍ତିନି ବାଗ ଏବଂ ୩, ୦୦୦ କୁକୁଡ଼ା ପାଳନ ଯୋଜନାରେ ଖରିଆର ବ୍ଲକର ମାଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଗୃହପାଳିତ ପ୍ରାଣୀମାନଙ୍କର ବୀମାକରଣ ଓ ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ ଘାସ ଚାଷକୁ ଅଧିକ ପ୍ରୋତ୍ସାହନ ଦେଇ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସହ ଜିଲ୍ଲାର ପ୍ରାଣୀପାଳକମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ଦିଗରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସକ ଏବଂ ସମ୍ମାନିତ ପ୍ରାଣୀପାଳକମାନେ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ବୈଠକ ସମାପ୍ତ ହୋଇଥିଲା।



## ସମାଜସେବୀ ଟେକ୍‌ଚାନ୍ଦ ଅଗ୍ରୱାଲଙ୍କ ପରଲୋକ

**ଗୋଲାମୁଣ୍ଡା, ୨୨। ୮ (ସମିସ):** ଗୋଲାମୁଣ୍ଡା ଅଞ୍ଚଳର ବରିଷ୍ଠ ସମାଜସେବୀ ଟେକଚାନ୍ଦ ଅଗ୍ରୱାଲଙ୍କ ପରଲୋକ ଘଟିଛି।



ଭବାନୀପାଟଣା ହସ୍ପିଟାଲରେ ୮୨ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଅଞ୍ଚଳର ଅନେକ ଗୋଶାଳାରେ ତାଙ୍କର ସହଯୋଗ ରହିଥିବାବେଳେ ମାରୱାଡୀ ସମାଜକୁ ଆଗକୁ ନେବାକୁ ସେ ସର୍ବଦା ଚେଷ୍ଟା କରୁଥିଲେ। ସେ ନିଜର ୨ ଏକର ଜମି ନାଏକ ପଡ଼ା ପ୍ରାଥମିକ ବିଦ୍ୟାଳୟ ପାଇଁ ଦାନ କରିଥିଲେ। ନିଜଜମିରେ ବର୍ତ୍ତମାନ ସୋଲାର ପ୍ୟାନେଲ ଲାଗିଥିବାରୁ ଅଞ୍ଚଳର ଲୋକମାନେ ଉପକୃତ ହେଉଛନ୍ତି ଏବଂ ରୋଜଗାର ମଧ ପାଉଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଗୋଲାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**କୋକସରା, ୨୨।୮ (ସମିସ):** କୋକସରା ବ୍ଲକ ସଦର ମହକୁମା ସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଚାଲିଥିବା ଆତ୍ମ ସୁରକ୍ଷା ପ୍ରଶିକ୍ଷକ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଅଧକ୍ଷ ପୁଷ୍ପରାଜ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କୋକସରା ଥାନା ଓଆଇସି ଡମ୍ବରୁଧର ଭରତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଅଧକ୍ଷ ଗୁଣାକାର ପଣ୍ଡା ମୁଖ୍ୟବକ୍ତା, ଏସଆଇ ଡ଼ି ମୋହନ, ଅଧାପକ ସୁବ୍ରତ କୁମାର ବେହେରା ଓ ଅଧାପକ ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଅଧାପିକା କନକ ମଞ୍ଜରୀ ବେହେରା ସଂଯୋଜନା କରିଥିବା ବେଳେ ଅଧାପିକା ସ୍ମୃତିମୟୀ ବାରିକ ସଭା ପରିଚାଳନା କରିଥିଲେ। ଶେଷରେ ଅଧାପକ ଓମ୍‌କାର ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜଳି ପରଭୋଇ ପ୍ରଶିକ୍ଷଣ ପ୍ରଦାନ କରିଥିବା, ଅଧାପିକା ଶୁଭଶ୍ରୀ ସାହୁ, ବେଦମୟୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ସମିତି ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା

**କେସିଙ୍ଗା, ୨୨।୮ (ସମିସ):** କେସିଙ୍ଗା ବ୍ଲକର ୧୧ ତମ ସମିତି ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବର କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ, ଏବିଡିଓ ସିଦ୍ଧେଶ୍ୱର ମେହେର, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଆନନ୍ଦ କୁମାର ମଣ୍ଡଳ, ଜିଡିପିଓ ସମୀର ନାଏକ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ସମିତି ସଭ୍ୟ/ସଭ୍ୟା ସରପଞ୍ଚ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ଜିଲ୍ଲା ପରିଷଦ ଅଧକ୍ଷ କିଛି ଦିନ ପୂର୍ବରୁ କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡି, ସାର୍ଜାପାଲି ଓ ଆଖପାଖ ପଞ୍ଚାୟତରେ ହୋଇଥିବା ବନ୍ୟାରେ କଣ ଅସୁବିଧା ରହିଥିଲା ଓ ରହିଛି ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ପାଇଁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ବ୍ୟତୀତ ଅନ୍ୟ କିଛି ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଉପସ୍ଥିତ ଜନ ପ୍ରତିନିଧିଙ୍କ ସମେତ ଜିଲ୍ଲା ପରିଷଦ ଅଧକ୍ଷ ଓ ବ୍ଲକ ଅଧକ୍ଷ ମଧ ଅସନ୍ତୋଷ ପ୍ରକାଶ କରିଥିଲେ।




## ଗାୟତ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ଉତ୍ସବ

**ଭବାନୀପାଟଣା, ୨୨।୮ (ସମିସ):** ସ୍ଥାନୀୟ ଗାୟତ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭବାନୀପାଟଣା ପକ୍ଷରୁ ନବାଗତ ଯୁକ୍ତଦୁଇ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ଉତ୍ସବ ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସେକ୍ରେଟାରୀ ଡ. ସୁଧାଂଶୁ ଶେଖର ପାଣିଗ୍ରାହୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ଶୃଙ୍ଖଳା, ନୀତି, ଚରିତ୍ର ଗଠନ ଓ ଭବିଷ୍ୟତ ଲକ୍ଷ୍ୟ ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଡାଇରେକ୍ଟର ଦେବପ୍ରିୟା ଦାସ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଗାୟତ୍ରୀ ଅନୁଷ୍ଠାନର ଶିକ୍ଷାମୂଳକ ପରିବେଶର ସୁଯୋଗ ନେଇ ନିଜ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ କରିଥିଲେ। ପ୍ରିନ୍ସିପାଲ ଉତ୍ତମ ସାହୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହା ସହିତ ବିଦ୍ୟାଳୟର ପବ୍ଲିକ ରିଲେସନ ଅଫିସର ଲିଲେଶ କୁମାର ସାହୁ ଉତ୍ସବରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ନବାଗତ ଛାତ୍ରଛାତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା।

## ଉଠାଜଳସେଚନ ପ୍ରକଳ୍ପ ପାଇଁ ପାଣି ପଞ୍ଚାୟତ କ୍ଲଷ୍ଟର ଗଠିତ



**ଖଡ଼ିଆଳ, ୨୨।୮ (ସମିସ):** ଖଡ଼ିଆଳରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଚାନ୍ଦୋପାଲାର ପରିଚାଳନା ନେଇ ପାଣି ପଞ୍ଚାୟତ କ୍ଲଷ୍ଟର ଗଠନ ହୋଇଛି। ଖଡ଼ିଆଳ ଉପଜିଲ୍ଲାପାଳ ସୂର୍ମି ସୋରେନଙ୍କ ତତ୍ତ୍ୱାବଧାନରେ ପାଣି ପଞ୍ଚାୟତ ପଦାଧିକାରୀ ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅମରେଶ ପଟ୍ଟନାୟକ ସଭାପତି, ସିଦ୍ଧାର୍ଥ ଶଙ୍କର ମହାପାତ୍ର ସମ୍ପାଦକ ଏବଂ ପରମାନନ୍ଦ ଭୋଇ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହ ମହିଳା ସଦସ୍ୟା ଭାବେ କମଳା ମାଝୀ, ଉମାପଟେଲ ଓ ପଙ୍କଜିନୀ ଭୋଇ ଏବଂ ସଦସ୍ୟ ଭାବେ ମୋହନ ଭୋଇ, ମେଘନାଦ ନିଆଲ ଓ ଦେବରାଜ ପଟେଲ ମନୋନୀତ ହୋଇଛନ୍ତି। ନିର୍ବାଚନ ସମୟରେ ଖଡ଼ିଆଳ ଅତିରିକ୍ତ ତହସିଲଦାର ସୁଧାଂଶୁ ମାଝୀ, ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ଥାନୀୟ ପୁଲିସ ସହଯୋଗ କରିଥିଲେ। ଚାନ୍ଦୋପାଲା ପାଣି ପଞ୍ଚାୟତ ଅଧୀନରେ ଥିବା ୯ ଟି ଜୋନ୍‌ର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ସମ୍ମିଳନୀ

**ଭବାନୀପାଟଣା, ୨୨।୮ (ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ମାଧ୍ୟମିକ ସ୍କୁଲ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକ/ଶିକ୍ଷୟିତ୍ରୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ- ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଡ.ଶିବପ୍ରସାଦ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ତପିମଣି ଜାନି, ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଓ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ରୁପସିଂ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ନୀଳାଞ୍ଚଳ ପାନ ଓ ତାଙ୍କ ଟିମ୍ ଦ୍ୱାରା ଉଦ୍‌ଘାଟନୀ ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଭାଷଣ ଦେବା ସହିତ ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ପ୍ରଶାନ୍ତ ନନ୍ଦ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟ, ପ୍ରୋଗ୍ରାମର ସୌମେନ୍ଦ୍ରନାଥ ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ସାଧୁ ଶରଣ ପ୍ରସାଦ, ଓସେପା ଆକାଂକ୍ଷୀ ପାଠ୍ୟକ୍ରମ ସଂଯୋଜକ ସନ୍ତୋଷ ବର୍ମା ଓ ଜୟଦେବ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ସିକନ୍ଦରାବାଦରେ ଦାଦନ ଶ୍ରମିକ ନିଖୋଜ

**ଖଡ଼ିଆଳ, ୨୨।୮ (ସମିସ):** ଦାଦନ ଖଟିବାକୁ ସୁଦୂର ସିକିନ୍ଦରାବାଦ ଯାଇଥିବା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ବରୁଣ ମାଝୀ ସେଠାରେ ନିଖୋଜ ହୋଇଥିବାନେଇ ତାଙ୍କ ସ୍ତ୍ରୀ ବିଳାସିନୀ ମାଝୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବରୁଣ ଗତ ଜୁଲାଇ ୨୬ରେ ସିକନ୍ଦରାବାଦ ଯାଇଥିଲେ। ଅଗଷ୍ଟ ୧୭ରେ ସେ ଘରକୁ ଫେରୁଥିବା ସ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାପରେ ସେ ଘରେ ପହଞ୍ଚି ନ ଥିବାବେଳେ ତାଙ୍କ ମୋବାଇଲ ଫୋନ ମଧ ସ୍ୱିଚ୍‌ଅଫ୍ ହୋଇଯାଇଛି। ଦୀର୍ଘ ସମୟ ଧରି ସ୍ୱାମୀଙ୍କ କୌଣସି ଖୋଜଖବର ନ ମିଳିବାରୁ ସ୍ତ୍ରୀ ଚିନ୍ତିତ ହୋଇପଡ଼ିଛନ୍ତି। ଏନେଇ ଖଡ଼ିଆଳ ପୁଲିସ ପ୍ରଶାସନ ତଦନ୍ତ କରି ବରୁଣ ମାଝୀଙ୍କୁ ଖୋଜି ବାହାର କରିବା ସହ ତାଙ୍କୁ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।



### ଭବାନୀପାଟଣା ଟାଉନ ଫୁଟ୍‌ବଲ୍ ଲିଗ୍ ଉଦ୍‌ଘାଟିତ

## ସ୍ପୋର୍ଟସ ହଷ୍ଟେଲ ୧-୦ ଗୋଲ୍‌ରେ ବିଜୟୀ

**ଭବାନୀପାଟଣା, ୨୨।୮ (ସମିସ)**

ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାର ଅପରାହ୍ନରେ ସପ୍ତମ ସ୍ଥାନୀୟ ଟାଉନ ଫୁଟବଲ ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମଦିନ ଖେଳ ସ୍ପୋର୍ଟସ ହଷ୍ଟେଲ ବନାମ ମାରୋଡୋନା କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପୋର୍ଟସ ହଷ୍ଟେଲ ୧/୦ ଗୋଲରେ ବିଜୟୀ ହୋଇଥିଲେ। ନବୀନ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଖେଳକୁ ଛବିଲାଲ ନାଏକ, ଉଦ୍ଧବ ମାଝୀ, ପୁରନ୍ଧର ମାଝୀ ଓ ଚଞ୍ଚଳ ମାଝୀ ପରିଚାଳନା କରିଥିଲେ। କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଆସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିଜୟ କୁମାର ଦିଶାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ସଂସ୍ଥାର ଉପସଭାପତି ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳିପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିର, ସର୍ଦ୍ଦାର ସନ୍ତ ସିଂ, କୋଷାଧକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଧିରେନ୍ଦ୍ର କୁମାର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାସ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧ ତାରିଖରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।



### ଗାଁ ମାଟିରୁ ବାରବାଟୀରେ ଦେଖାଇବେ ଜଲ୍‌ୱା

## କଳାହାଣ୍ଡି ମହିଳା କ୍ରିକେଟ ଦଳରେ ସାନ୍‌ଭିପ୍ରଜ୍ଞା



**କୋକସରା, ୨୨।୮ (ସମିସ):** ଗ୍ରାମାଞ୍ଚଳରୁ ବାହାରି କ୍ରିକେଟ ପିଚ୍‌ରେ ନିଜ ପ୍ରତିଭାର ଛାପ ଛାଡ଼ିଛନ୍ତି କୋକସରା ବ୍ଲକ ଖପରାମାଲ ଗ୍ରାମର ଉଦୀୟମାନ ଖେଳାଳି ସାନଭିପ୍ରଜ୍ଞା ରାଉତ। ଶିକ୍ଷକ ମୋହିତ ରାଉତ ଓ ରଶ୍ମିରେଖା ରାଉତଙ୍କ ସୁପୁତ୍ରୀ ସାନଭିଙ୍କୁ ୧୫ ବର୍ଷରୁ କମ୍ କଳାହାଣ୍ଡି ଜିଲ୍ଲା ମହିଳା କ୍ରିକେଟ ଦଳରେ ଚୟନ କରାଯାଇଛି। ମହିଳା କ୍ରିକେଟ ଚୟନ କମିଟି ପକ୍ଷରୁ ତାଙ୍କର କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଦେଇ ଏହି ବଡ଼ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତା ୨୨ ରୁ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ୧୫ ବର୍ଷରୁ କମ୍ ମହିଳା କ୍ରିକେଟ୍ ମ୍ୟାଚ୍ରେ ସାନଭି କଳାହାଣ୍ଡି ଜିଲ୍ଲା ପକ୍ଷରୁ ମୈଦାନକୁ ଓହ୍ଲାଇବେ। ଏଥିପାଇଁ ତାଙ୍କୁ ୨୧ ଅଗଷ୍ଟରେ ରିପୋର୍ଟ କରିବାକୁ କୁହାଯାଇଥିବା ବେଳେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ତାଙ୍କ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସାନଭିଙ୍କ ଏହି ସଫଳତା ପରେ ଖପରାମାଲ ଗ୍ରାମ ସମେତ ସମଗ୍ର କୋକସରା ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

ସକାଳ THE SAKALA



# ୪ ଦିନ ହେଲା ଅନ୍ଧାରରେ ପାଇକବାହାଲ

କନ୍ଧମାଳ,୨୨।୮ (ସମିସ)



ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଶଗଡ଼ା ପଞ୍ଚାୟତର ପାଇକବାହାଲ ଗ୍ରାମରେ ବିଦ୍ୟୁତ୍ ସେବା ଏବେ ଗୁରୁତର ସମସ୍ୟାରେ ପଡ଼ିଛି। ଗ୍ରାମରେ ଲାଗିଥିବା ୨୫ କେଭି ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ଏଣୁ ଗତ ୩ ଦିନ ଧରି ପ୍ରାୟ ୭୦ଟି ପରିବାର ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛନ୍ତି। ଦିନ ଗଡ଼ି ଚାଲିଥିଲେ ମଧ୍ୟ ବିଦ୍ୟୁତ୍ ସେବା ସ୍ୱାଭାବିକ ନ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେବଳ ଟ୍ରାନ୍ସଫର୍ମର ପୋଡ଼ିଯିବା ନୁହେଁ, ଗ୍ରାମର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ମଧ୍ୟ ପୋଡ଼ି ଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାଫଳରେ ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା ରହିଛି। ବିଦ୍ୟୁତ୍ ତାରଗୁଡ଼ିକ ପୁରୁଣା ଓ ଦୁର୍ବଳ ହୋଇପଡ଼ିଥିବାରୁ ନୂତନ ବିଦ୍ୟୁତ୍ ତାର ଲଗାଇବାକୁ ଗ୍ରାମବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିବା କହିଛନ୍ତି। ଏହି ସମସ୍ୟା ନେଇ ଗ୍ରାମର ସୁଦାମା ସାହୁ, ଦିଲୀପ ମହାକୁଡ଼, ଅଶୋକ ମହାକୁଡ଼, ପ୍ରଭାକର ଖଟୁଆ, ନିମେଇ ଦେହୁରୀ, ଆଲୋକ ମହାକୁଡ଼ଙ୍କ ସମେତ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇ ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଗ୍ରାମରେ ନୂତନ ବିଦ୍ୟୁତ୍ ତାର ସଂଯୋଗ କରିବା ସହିତ ୨୫ କେଭି ପରିବର୍ତ୍ତେ ୬୩ କେଭି କ୍ଷମତାର ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ମଧ୍ୟ ଦାବି ହୋଇଆସୁଛି। ତେବେ

**● ପୋଡ଼ିଗଲା ୨୫ କେଭି ଟ୍ରାନ୍ସଫର୍ମର**
**● ୭୦ ପରିବାରର ଲୋକ ହନ୍ତସନ୍ତ**

ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ବାରମ୍ବାର ଜଣାଇବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଉନାହାନ୍ତି। ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ତିନି ଦିନ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସେବା ପୁନରୁଦ୍ଧାର ନ ହେବାରୁ ଲୋକେ ଅନ୍ଧାରରେ ରାତି କାଟୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଛୋଟ ପିଲାଙ୍କ ପାଠପଢ଼ା, ଘରୋଇ କାର୍ଯ୍ୟ, ପାନୀୟ ଜଳ ଯୋଗାଣ ସମେତ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ରାତି ସମୟରେ ଗ୍ରାମ ଅନ୍ଧାର ହୋଇଯାଉଥିବାରୁ ମହିଳା, ବୃଦ୍ଧ ଓ ଛୋଟ ପିଲାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ପୋଡ଼ିଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକୁ ତୁରନ୍ତ ବଦଳା ନ ଗଲେ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ବିଦ୍ୟୁତ୍ ବିଭାଗ ତୁରନ୍ତ ପଦକ୍ଷେପ ନେଇ ପୋଡ଼ିଯାଇଥିବା ୨୫ କେଭି ଟ୍ରାନ୍ସଫର୍ମରକୁ ଶୀଘ୍ର ବଦଳାଇବା, ଗ୍ରାମର ବିପଦସଙ୍କୁଳ ବିଦ୍ୟୁତ୍ ତାରଗୁଡ଼ିକୁ ହଟାଇ ନୂତନ ତାର ସଂଯୋଗ କରିବା ଏବଂ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ୬୩ କେଭି କ୍ଷମତାର ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ପାଇକବାହାଲ ଗ୍ରାମବାସୀ ଦାବି କରିଛନ୍ତି। ଏଥିପ୍ରତି ବିଦ୍ୟୁତ୍ ବିଭାଗର ଉଚ୍ଚ ଅଧିକାରୀ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ୭୦ ପରିବାରଙ୍କ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବା ସହ ଆଗାମୀ ଦିନରେ ଏଭଳି ସମସ୍ୟା ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଗାଁ ଦାଣ୍ଡରେ ଛୁରାମାଡ଼ ଘଟଣା: ଜେଲ୍ ଗଲେ ଅଭିଯୁକ୍ତ ବାପ-ପୁଅ



ଦେବଗଡ଼,୨୨।୮ (ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଧୀନ ନନେଇଁରେ ଛୁରାମାଡ଼ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବିଜୟ ନାଏକ (୧୯) ଓ ତା ବାପା ଧୁଳିଆ ନାଏକ (୫୨)। ଉଭୟଙ୍କୁ ବାରକୋଟ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ନନେଇଁ ଗ୍ରାମର ଗୌତମ ସାହୁ ଟ୍ରାକ୍ଟରରେ ପାଣି ଟାଙ୍କି ନେଇ ଗାଁକୁ ଯାଉଥଲେ। ଏହି ସମୟରେ ରାସ୍ତା ଉପରେ ଥିବା ଗୋରୁଙ୍କୁ ହଟାଇବାକୁ ସେ ଅଭିଯୁକ୍ତ ବିଜୟଙ୍କୁ କହିଥିଲେ। ଏହାକୁ ନେଇ ବିଜୟ ରାଗି ଯାଇଥିଲା। ଗାଁ ଦାଣ୍ଡରେ ଗୌତମଙ୍କୁ ସେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା। ଏଥିରେ ବିଜୟ ବାପା ଧୁଳିଆ ସହଯୋଗ କରିଥିଲା। ଏହା ଦେଖି ଗୌତମଙ୍କ ପୁଅ ଟିକେଶ୍ୱର ଆସି ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ; ହେଲେ ଅଭିଯୁକ୍ତ ବିଜୟ ଉଭୟ ବାପ ପୁଅଙ୍କୁ ଛୁରା ମାଡ଼ କରିଥିଲା। ଗୁରୁତର ଅବସ୍ଥାରେ ଗୌତମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଟିକେଶ୍ୱରଙ୍କ ଅବସ୍ଥା ଶଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରଯାଇଥିଲା। ଏ ସମ୍ପର୍କରେ ଟିକେଶ୍ୱରଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଉଦ୍ଧାର

ଦେବଗଡ଼,୨୨।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଫରେଷ୍ଟ ରେଞ୍ଜ ଦେବଗଡ଼-ଅନୁଗୁଳ ସୀମାନ୍ତ କୁଣ୍ଢେଇଗୋଳା ସେକ୍ସନ ଅଧୀନ ଝରାବେର୍ଣ୍ଣ ଗ୍ରାମ ନିକଟସ୍ଥ ଖେସଡା ଜଙ୍ଗଲରୁ ଏକ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ହାତୀର ଅସ୍ଥି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଓଏୟୁଟିସ୍ଥିତ ଲ୍ୟାବକୁ ବନ ବିଭାଗ ପଠାଇଛି। ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ। ତେବେ ପ୍ରାଥମିକ ତଦନ୍ତରେ ଏହା ହାତୀର ସ୍ୱାଭାବିକ ମୃତ୍ୟୁ ବୋଲି ଡିଏଫଓ ରଶ୍ମି



ଜି ସୂଚନା ଦେଇଛନ୍ତି। ରାତିରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ସମୟରେ ଏହି ଗଳିତ ମୃତଦେହ ଠାବ କରାଯାଇଥିଲା। ଏହାପରେ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇ ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ, ରିଆମାଳ ବିଡିଓ ସଞ୍ଜୀବ ପାତ୍ର ଓ ବନପାଳ ପୂର୍ଣ୍ଣଚନ୍ଦ୍ର ଧଳ ପ୍ରମୁଖ ବନ କର୍ମଚାରୀଙ୍କ ସହ ପହଞ୍ଚିଥିଲେ।

## ଅନ୍ୱେଷା ହଷ୍ଟେଲ ତୃତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

କଣ୍ଟାବାଞ୍ଜି,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ହିଆଲ ଗାଁରେ ଥିବା ଅନ୍ୱେଷା ହଷ୍ଟେଲରେ ଅଘଟଣ ଘଟିଛି। ଅନୁସୂଚିତ ଜନଜାତି ଓ ଜାତିର ମେଧାବୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ହଷ୍ଟେଲରେ ରହୁଥିବା ଜଣେ ତୃତୀୟ ଶ୍ରେଣୀର ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ମୁରିବାହାଲ ଥାନା ଅଧୀନ ବାବାଜୁରୀ ଗାଁର ଜଗନ୍ନାଥ ଧରୁଆ। ସେ କଣ୍ଟାବାଞ୍ଜି ଜିଏମଜି ଘରୋଇ ସ୍କୁଲରେ ପାଠ ପଢୁଥିଲେ। ଶୁକ୍ରବାର ସ୍କୁଲରେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ପ୍ରଥମେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ପରେ ଅନ୍ୱେଷା ହଷ୍ଟେଲରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଛୋଟ ପିଲାମାନେ ଘରୁ ଦୂରରେ ହଷ୍ଟେଲରେ ରହୁଛନ୍ତି। ସେମାନଙ୍କ ଯତ୍ନ ଠିକ୍ ଭାବେ ନିଆଯାଉଛି ନା ନାହିଁ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ତେବେ ଜଗନ୍ନାଥଙ୍କ ମୃତ୍ୟୁ ଖବର ଶୁଣି ବାବାଜୁରୀ ଗାଁରେ ଶୋକର ଛାୟା ଖେଳିଯାଇଛି। ବାପା, ମା' ପୁଅକୁ ଭଲ ପାଠ ପଢାଇବା ଆଶାରେ ପଠାଇଥିଲେ; କିନ୍ତୁ ଏମିତି ଦୁଃଖଦ ଘଟଣା ଘଟିବ ବୋଲି ଭାବି ନ ଥିଲେ।

## ଅସହାୟ କୁଷ୍ଠ ରୋଗୀଙ୍କ ପାଖେ ପହଞ୍ଚିଲା ପ୍ରଶାସନ

ହରଭଙ୍ଗା,୨୨।୮ (ସମିସ): ହରଭଙ୍ଗା ବ୍ଲକ୍ ପୁରୁଣାକଟକ ସ୍ୱାଦିଷ୍ଟ ଢାବା ନିକଟରେ ବହୁ ଦିନରୁ ଦୟନୀୟ ଭାବେ ଏକ କୁଡ଼ିଆରେ ପୁରୁଣାକଟକର ବିଶିକେଶନ ଦନାୟକ ଆଶ୍ରୟ ନେଇଛନ୍ତି। କୁଷ୍ଠ ରୋଗରେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କୁ ତଡି ଦେଇଛନ୍ତି। ଏହାଫଳରେ ସେ ନିରାଶ୍ରୟ ହୋଇ କୁଡ଼ିଆରେ ପଡିଛନ୍ତି। ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ଏହା ଜାଣିବା ପରେ ପୁରୁଣାକଟକ ରାଜସ୍ୱ ନିରୀକ୍ଷକ ଶରତ ବେହେରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି ଓ ରାଜସ୍ୱ ନିରୀକ୍ଷକ ବିଶିକେଶନ ନିକଟରେ ପହଞ୍ଚି ତାଙ୍କ ଭଲମନ୍ଦ ବୁଝିଛନ୍ତି। ବହୁ ଶୀଘ୍ର ବିଶିକେଶନଙ୍କୁ



ବୌଦ୍ଧ କୁଷ୍ଠାଶ୍ରମରେ ଭର୍ତ୍ତି କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ଛାତ୍ରଛାତ୍ରୀ ଉପଭୋଗ କଲେ ବସ୍ତାନି ଶୂନ୍ୟ ଦିବସ

ମନମୁଣ୍ଡା,୨୨।୮ (ସମିସ): କନ୍ଧମାଳ ବ୍ଲକ୍ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀ ବସ୍ତାନି ଶୂନ୍ୟ ଦିବସ ଉପଭୋଗ କରିଛନ୍ତି। ଏହି ଅବସରରେ ଶିକ୍ଷକ ଟଂକୁ ଅମାତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀ ପ୍ରାଣାୟାମ, ଯୋଗ, ଗୀତ, ନାଚ କରିବା ସହ କୁଇଜରେ ଭାଗ ନେଇଥିଲେ। ମୂର୍ତ୍ତିକଳା ଶିଖିବା ସହ ତାଳ ପତ୍ରରେ ଚଟେଇ, ଝୁଲଣ, ଚଷମା, ଘଣ୍ଟା, ଭୁଗୁଲି, ଟୁପୁଲି ଇତ୍ୟାଦି ତିଆରି କରିବା ସହ ବିଭିନ୍ନ ଚିତ୍ର ଆଙ୍କି ଥିଲେ।। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅରୁଣ ବସ୍ତିଆ, ସଦସ୍ୟ ସୁବାଷ ତ୍ରିପାଠୀ, ଶିକ୍ଷକ ସୁରେନ୍ଦ୍ର କମ୍ପ, ବନୀତା ମେହେର, ଦୀପ୍ତିମୟୀ ବୈଠାରୁ, ନୃପମଣି ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଉପମୁଖ୍ୟମନ୍ତ୍ରୀ ଶୁଭଲକ୍ଷ୍ମୀ ବଣ୍ଡକି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଦୀକୁ ଡେଇଁ ପଡ଼ିଲେ ୨ ନାବାଳିକା

ତରଭା,୨୨।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ରିଜ୍ ଉପରୁ ମହାନଦୀକୁ ଡେଇଁ ପଡିଥିବା ଦୁଇ ଜଣ ନାବାଳିକା ଉଦ୍ଧାର ହୋଇଛନ୍ତି। ସେଠାରେ ମାଛ ମାରୁଥିବା ମାଛ ଧରାଳିମାନେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ବିନିକା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଇ ନାବାଳିକାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନାବାଳିକା ଦ୍ୱୟଙ୍କ ମଧ୍ୟରୁ ଜଣେ ବିନିକା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ବୌଦ୍ଧ ଅଞ୍ଚଳର। ଉଭୟ ବୌଦ୍ଧ ଜିଲ୍ଲାର ଏକ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ତେବେ ଉଭୟ କାହିଁକି ମହାନଦୀକୁ ଡେଇଁ ପଡିଥିଲେ ତାହା ଜଣାପଡ଼ିନି। ପୁଲିସ ଘଟଣାର ତଦନ୍ତ କରୁଛି।

## କନ୍ଧମାଳ ହାଇସ୍କୁଲରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୨୨।୮ (ସମିସ): କନ୍ଧମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡ଼କ୍ରସ୍ ତରଫରୁ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବନମାଳୀ ମେହେର ଯୋଗ ଦେଇ ବଜ୍ରପାତ ସମୟରେ ଲୋକେ କିପରି ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନ କରିଥିଲେ। ବଜ୍ରପାତ ସମୟରେ ଘର କିମ୍ବା ପକ୍କା ଅଟ୍ଟାଳିକା ଭିତରେ ରହିବା, ଗଛ ତଳେ ଆଶ୍ରୟ ନ ନେବା, ବିଦ୍ୟୁତ୍ ତାର ଓ ଧାତବ ବସ୍ତୁଠାରୁ ଦୂରେଇ ରହିବା, ଜଳାଶୟରୁ ଦୂରେଇ ରହିବା ଏବଂ ପାଣିପାଗ ସମ୍ପର୍କିତ ସତର୍କ ସୂଚନା ପ୍ରତି ଧ୍ୟାନ ଦେବା ଆଦି ସୁରକ୍ଷା ନିୟମ ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସଚେତନତା ବାର୍ତ୍ତାକୁ ନିଜ ପରିବାର ଓ ସମାଜରେ ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ। ଜୁନିଅର ରେଡ଼କ୍ରସ୍‌ର ଏପରି ଜନସଚେତନତାମୂଳକ କାର୍ଯ୍ୟକ୍ରମ ବଜ୍ରପାତଜନିତ ଦୁର୍ଘଟଣା ଓ ଜୀବନହାନି ହ୍ରାସ କରିବାରେ ସହାୟକ ହେବ ବୋଲି ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଏମ୍ ମାଧୁରୀ ଦୋରା, ଶିକ୍ଷକ ସତ୍ୟଜିତ ପଣ୍ଡା, ସୁଜିତ୍ ତରିଆ, ସରୋଜ ସାହୁ, ଶ୍ରୀକାନ୍ତ ବୁଦ୍ଧିଆ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଶିକ୍ଷକ ସୌରଭ ସାହୁ, ସୁଦାମ ଚରଣ ମିଶ୍ର, ବୀରଭଦ୍ର ମିଶ୍ର ଓ ଦେବସ୍ମିତ ପ୍ରଧାନ ସହଯୋଗ କରିଥିଲେ। ଶିକ୍ଷକ ଆଲୋକ ପରଡ଼ିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୌତୁକ ନିରୋଧ ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବୌଦ୍ଧ, ୨୨।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି ସମ୍ମିଳନୀ କକ୍ଷରେ ଯୌତୁକ ନିରୋଧ ଆଇନ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାଗରିକା ଦତ୍ତ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଯୋଗଦେଇ ଯୌତୁକ ନିରୋଧ ଆଇନର ବିଭିନ୍ନ ଜଟିଳ ଦିଗ, ଆଇନଗତ ପ୍ରାବଧାନ, ଦଣ୍ଡବିଧାନ ଏବଂ ସମାଜରେ ଏହାର ଠିକ୍ ପ୍ରୟୋଗ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## ହରଭଙ୍ଗା ଥାନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ହରଭଙ୍ଗା,୨୨।୮ (ସମିସ): ହରଭଙ୍ଗା ଥାନା ପକ୍ଷରୁ ଧଳପୁରସ୍ଥିତ ରାଜେନ୍ଦ୍ର ନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା, ସାଇବର ସୁରକ୍ଷା ଏବଂ ଟ୍ରାଫିକ ନିୟମ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ଥାନାର ଭାରପ୍ରାପ୍ତ ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଆଇନର ମୌଳିକ ଧାରଣା, ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ, ଅନଲାଇନ୍ ଠକେଇରୁ ସୁରକ୍ଷା ଏବଂ ସାଇବର ଜଗତରେ ସତର୍କତା ଅବଲମ୍ବନ ସମ୍ପର୍କରେ ସଚେତନ କରାଯାଇଥିଲା। ସାଇବର ଅପରାଧ ବୃଦ୍ଧି ପରିପ୍ରେକ୍ଷୀରେ ଅଜଣା ଲିଙ୍କ୍, ଓଟିପି, ପାସୱାର୍ଡ ଓ ବ୍ୟକ୍ତିଗତ ତଥ୍ୟ କାହା ସହିତ ଅସାବଧାନତାରେ ଆଦାନପ୍ରଦାନ ନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଏଥିସହ ରାସ୍ତାରେ ଯାତାୟାତ ସମୟରେ ଟ୍ରାଫିକ ନିୟମର ଅନୁପାଳନ, ହେଲମେଟ୍ ବ୍ୟବହାର, ରାସ୍ତା ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ଯାତାୟାତର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବାବୁଲାଲ ଭୋକ୍ତାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ସାଂସଦଙ୍କ ବାଉଁଶୁଣୀ ଗସ୍ତ

କନ୍ଧମାଳ,୨୨।୮ (ସମିସ): କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ ପାଣିଗ୍ରାହୀ ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ, କୃଷି ସେବା କେନ୍ଦ୍ର ଓ ସାମାଜିକ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାନ ବଜାୟ ରଖି ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦଙ୍କ ଏହି ଗସ୍ତ ସମୟରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥଙ୍କ ସମେତ ବିଭିନ୍ନ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗସ୍ତର ପ୍ରାରମ୍ଭରେ ସାଂସଦ ବାଉଁଶୁଣୀଠାରେ ନିର୍ମାଣାଧୀନ ବାଉଁଶୁଣୀବୀରମହାରାଜପୁର ସେତୁ ନିର୍ମାଣସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେତୁ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ମୁଖ୍ୟ ରାସ୍ତା ସହ ଏହାର ସଂଯୋଗୀକରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସାଂସଦ ବାଉଁଶୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ଛାତ୍ରବୃତ୍ତି ଉପରେ ଆଲୋଚନା

ବୌଦ୍ଧ,୨୨।୮ (ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ପ୍ରାକ୍ ମାଟ୍ରିକ ଛାତ୍ର ବୃତ୍ତି ଉପରେ ଆଲୋଚନା କରାଯାଇଛି। ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ରଶ୍ମିରେଖା ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାଏ ଓ ଶ୍ରୀମତୀ ଚନ୍ଦ୍ରକାନ୍ତି ବେଉରା ସହଯୋଗ କରିଥିଲେ। ବୌଦ୍ଧ ଜିଲ୍ଲାର ୮୧ ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ନବମ ଓ ଦଶମ ଶ୍ରେଣୀରେ ପାଠ ପଢୁଥିବା ସମସ୍ତବର୍ଗର ଯୋଗ୍ୟ ଛାତ୍ରଛାତ୍ରୀ ଯେଭଳି ଶତପ୍ରତିଶତ ବୃତ୍ତି ପାଇବେ ସେ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗତବର୍ଷର ଆବେଦନ ସଂଖ୍ୟା କମ୍‌ଥିବା ଦେଖି ସେ ଦୁଃଖ ପ୍ରକାଶ କରିଥିଲେ। ଏଥିରେ ଜିଲ୍ଲା ମଙ୍ଗଳ ବିଭାଗର ସଂଯୋଜକ ନିରଞ୍ଜନ ବାଘ, ଛାତ୍ର ବୃତ୍ତି ପାଇବା ପାଇଁ କ'ଣ ସବୁ ମାପଦଣ୍ଡ ବା ଯୋଗ୍ୟତା ଦରକାର ସେ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ରାଜ୍ୟ ଛାତ୍ର ବୃତ୍ତି ପୋର୍ଟାଲରେ କେମିତି ଆବେଦନ କରିହେବ ସେ ଉପରେ ବୁଝାଇଥିଲେ। ଆସନ୍ତା ୨୯ ତାରିଖ ସୁଦ୍ଧା ଛାତ୍ର ବୃତ୍ତି ଆବେଦନ ଶେଷ କରିବାକୁ ପରାମର୍ଶ ଦିଆଯାଇଛି।

## ଗଡ଼ିଆ ଯୋରରୁ ବନ୍ଧପାଲି ରାସ୍ତାରେ ବିରାଟ ଖାଲ

କନ୍ଧମାଳ,୨୨।୮ (ସମିସ): ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ବ୍ଲକ୍ ସଦର ମହକୁମାସ୍ଥିତ ବନ୍ଧପାଲି ଗ୍ରାମଠାରୁ ଗଡିଆଜୋର ଯାଇଥିବା ରାସ୍ତାର ଗଡିଆଜୋର ଗାଁ ମୁଣ୍ଡରେ ରାସ୍ତାରୁ ମାଟି ଧୋଇ ହୋଇ ବିରାଟ ଖାଲ ସୃଷ୍ଟି ହେବା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏହା ଲୋକଙ୍କ ପାଇଁ ମରଣଯନ୍ତା ହୋଇପଡିଛି। ରାସ୍ତାର ଦୁରବସ୍ଥା ନେଇ ସ୍ଥାନୀୟ ଗଡିଆଜୋର ଗ୍ରାମବାସୀ କନ୍ଧମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।



ବିଭିନ୍ନ ସମୟରେ ପଞ୍ଚାୟତଠାରୁ ବ୍ଲକ୍ ପ୍ରଶାସନ ଓ ନିର୍ବାଚିତ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଲଗାଣ ବର୍ଷା ହେଲେ ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ପାଣି କାଦୁଅରେ ପରିପୂର୍ଣ୍ଣ ରାସ୍ତାରେ ଯାନବାହାନ ତଥା ଜନସାଧାରଣ ଯିବା ଆସିବାରେ ଘୋର ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ଖାଲ ଓ ପାଣିକାଦୁଅ ଯୋଗୁଁ ଚାରିଚକିଆ ଯାନ, ମୋଟରସାଇକେଲ, ସାଇକେଲ ତ ଦୂରର କଥା ଖାଲିପାଦରେ ଯିବା କଷ୍ଟକର ହୋଇପଡୁଛି। ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତା ଭଳି ଅନେକ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜକୁ ଯାଉଥିବା ପିଲାମାନେ ରାସ୍ତା ବିଚ୍ଛିନ୍ନ ହୋଇଯିବାରୁ ସ୍କୁଲ କଲେଜକୁ ଯାଇ ନ ପାରି ପାଠ ପଢା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ମରାମତି କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

# ସିଆଇଆଇ ଫିନ୍‌ଫେଷ୍ଟ ଏବଂ ବିକ୍ରେତା ବିକାଶ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୨।୮ (ସମିସ)




ଭାରତୀୟ ଉଦ୍ୟୋଗ ପରିସଂଘ ତରଫରୁ ଝାରସୁଗୁଡ଼ାରେ ଫିନଫେଷ୍ଟ ଏବଂ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉଦ୍ୟୋଗ ଜଗତର ପ୍ରତିନିଧି, ବିତ୍ତୀୟ ଅନୁଷ୍ଠାନ, ସରକାରୀ ଅଧିକାରୀ ଏବଂ ଉଦ୍ୟୋଗୀମାନେ ଭାଗ ନେଇଥିଲେ। ଏହି ସମୟରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଆର୍ଥିକ ଏବଂ ବ୍ୟାଙ୍କିଙ୍ଗ୍ ସମାଧାନ ତଥା ବ୍ୟବସାୟିକ ସୁଯୋଗ ଉପଲବ୍ଧତା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ସ୍ଥାନୀୟ ଅର୍ଥନୀତିକୁ ମଜଭୁତ୍ କରିବା, ନିଯୁକ୍ତି ସୁଯୋଗ ବଢାଇବା ଏବଂ ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅର୍ଥ, ପ୍ରଯୁକ୍ତି, ବଜାର ଏବଂ ବ୍ୟବସାୟିକ ସୁଯୋଗ ଉପଲବ୍ଧତା ବଢାଇବା ପାଇଁ ସରକାର, ଶିଳ୍ପ ଜଗତ ଏବଂ ଆର୍ଥିକ ଅନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ। ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସେ ଝାରସୁଗୁଡ଼ାର ଦ୍ରୁତ ଗତିରେ ବିକଶିତ ହେଉଥିବା ଶିଳ୍ପ ପରିବେଶର ଲାଭ ଉଠାଇବା ଏବଂ ବଡ ଶିଳ୍ପ ଓ ଅନୁଷ୍ଠାନିକ ଭାଗିଦାରୀଙ୍କ ସହିତ ମଜଭୁତ୍ ସମ୍ପର୍କ ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ସିଆଇଆଇ ପଶ୍ଚିମ ଓଡ଼ିଶା ଜୋନାଲ କାଉନସିଲର ଅଧ୍ୟକ୍ଷ ତଥା ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡର ସିଇଓ ସି. ଚନ୍ଦ୍ରୁ ସ୍ୱାଗତ ଭାଷଣରେ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ମଜଭୁତ୍ କରିବା ଏବଂ ଅଞ୍ଚଳରେ ଉଦ୍ୟୋଗିତାର ବିକାଶ ପାଇଁ ଶିଳ୍ପ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଜୋନାଲ ମ୍ୟାନେଜର ଭୂଷଣ ଶର୍ମା ଏମ୍‌ଏସ୍‌ଏମ୍‌ଇ ପାଇଁ ଆର୍ଥିକ ସମ୍ପର୍କ ମଜଭୁତ୍ କରିବାର ଆବଶ୍ୟକତା ଦର୍ଶାଇଥିଲେ। ସେ ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ବିସ୍ତାର ଏବଂ ପ୍ରତିଯୋଗିତା କ୍ଷମତା ବଢାଇବା ପାଇଁ ଉପଲବ୍ଧ ବ୍ୟାଙ୍କିଙ୍ଗ୍ ସୁବିଧା ଏବଂ ଆର୍ଥିକ ସମାଧାନର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ସେ ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ ଏବଂ ଆର୍ଥିକ ଅନୁଷ୍ଠାନ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବା ପାଁ ସିଆଇଆଇର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ଅଧ୍ୟକ୍ଷ ବିକାଶ ସୁଲତାନିଆ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ସମର୍ଥନ ଦେବା ଏବଂ ଛୋଟ ଶିଳ୍ପ ପାଇଁ ନୂଆ ସୁଯୋଗ ବିକଶିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡର ବାଣିଜ୍ୟିକ ମୁଖ୍ୟ ଭାରିନ୍ଦର ବର୍ମା ସ୍ଥାନୀୟ ଉଦ୍ୟୋଗକୁ ଶିଳ୍ପ ମୂଲ୍ୟ ଶୃଙ୍ଖଳା ସହ ଯୋଡିବା ପାଇଁ ଶିଳ୍ପ-ଏମଏସଏମ୍‌ଇ ସମ୍ପର୍କକୁ ମଜଭୁତ୍ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ସିଆଇଆଇ ଓଡ଼ିଶା ଫାଇନାନ୍ସ ଏବଂ ବ୍ୟାଙ୍କିଙ୍ଗ୍ ପ୍ୟାନେଲର ସଂଯୋଜକ ତଥା ଏନ ମାନେକ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ନିତିନ ମାନେକ ନିଜର ସମାପନ ଭାଷଣରେ ଏମଏସଏମଇ, ଶିଳ୍ପ ଏବଂ ବିତ୍ତୀୟ ଅନୁଷ୍ଠାନ ମଧ୍ୟରେ ମଜଭୁତ୍ ସହଯୋଗକୁ ଆର୍ଥିକ ଉପଲବ୍ଧତା ବଢାଇବା ଏବଂ ନୂଆ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ପାଇଁ ବ୍ୟାଙ୍କିଙ୍ଗ୍: ଯୋଜନା, ସମାଧାନ ଏବଂ ସୁଯୋଗ ବିଷୟରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯାଇଥିଲା। ପ୍ରମୁଖ ଆର୍ଥିକ ଅନୁଷ୍ଠାନ ଏବଂ ସରକାରୀ ଏଜେନ୍ସିର ପ୍ରତିନିଧିମାନେ ଭାଗ ନେଇ ଏମ୍‌ଏସ୍‌ଏମ୍‌ଇ ପାଇଁ ଉପଲବ୍ଧ ବ୍ୟାଙ୍କିଙ୍ଗ୍ ଯୋଜନା, ଆର୍ଥିକ ସମାଧାନ ଏବଂ ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଆର୍ଥିକ ଅନୁଷ୍ଠାନ ସହ ଯୋଡିହେବା ଏବଂ ଅନୁଷ୍ଠାନିକ ଅର୍ଥ ପାଇବାର ବିଭିନ୍ନ ଉପାୟ ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ଏହି ବୈଠକ ମାଧ୍ୟମରେ ଆର୍ଥିକ ଉପଲବ୍ଧତା ବଢାଇବା, ଶିଳ୍ପ ସହିତ ସମ୍ପର୍କ ମଜଭୁତ୍ କରିବା ଏବଂ ପ୍ରତ୍ୟକ୍ଷ ବ୍ୟବସାୟିକ ଆଲୋଚନା ମାଧ୍ୟମରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଇକୋସିଷ୍ଟମକୁ ଆହୁରି ମଜଭୁତ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଟେଲିଭିଜନ ପ୍ରିମିୟର

# 'ଜଗା ପରି ଭାଇ ଜଗତେ ନାହିଁ'



ରାଖୀ ପୂର୍ଣ୍ଣିମା ପୂର୍ବରୁ ଦର୍ଶକଙ୍କ ପାଇଁ ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ଏକ ହୃଦୟସ୍ପର୍ଶୀ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଜଗା ପରି ଭାଇ ଜଗତେ ନାହିଁ'। ପ୍ରଭୁ ଶ୍ରୀକୃଷ୍ଣ ଏବଂ ଦେବୀ ଦ୍ରୌପଦୀଙ୍କ ଅମର ସମ୍ପର୍କରୁ ଅନୁପ୍ରାଣିତ ଏହି ଚଳଚ୍ଚିତ୍ରଟି ଏମିତି ଏକ ବିଶ୍ୱାସକୁ ଆଧାର କରି ନିର୍ମାଣ କରାଯାଇଛି। ଯାହା ପ୍ରମାଣିତ କରେ ଯେ, ପ୍ରକୃତ ଭାଇ-ଭଉଣୀ ସମ୍ପର୍କ କେବଳ ରକ୍ତରେ ନୁହେଁ, ବରଂ ନିଛକ ପ୍ରେମ, ବିଶ୍ୱାସ ଏବଂ ତ୍ୟାଗ ଉପରେ ଗଢ଼ି ଉଠିଥାଏ। କାହାଣୀ ଏକ ନିର୍ଭୀକ ଡେଲିଭରୀ ବୟ 'ଜଗା' ଏବଂ 'ବର୍ଣ୍ଣାଳୀ'ଙ୍କୁ କେନ୍ଦ୍ର କରି ଗତିଶୀଳ। ଯେତେବେଳେ ଜଗା ନିଜ ଜୀବନକୁ ବାଜି ଲଗାଇ ବର୍ଣ୍ଣାଳୀକୁ ଏକ ବିପଦରୁ ରକ୍ଷା କରେ, ସେତେବେଳେ କୃତଜ୍ଞତା ସ୍ୱରୂପ ବର୍ଣ୍ଣାଳୀ ତାଙ୍କ ହାତରେ ରାଖୀ ବାନ୍ଧେ ଏବଂ ସେଠାରୁ ଏକ ଅତୁଟ ସମ୍ପର୍କର ଜନ୍ମ ହୁଏ। ପରିବାର ପକ୍ଷରୁ ତିରସ୍କାର, କଠିନ ସମୟ ଏବଂ ସ୍ୱାମୀଙ୍କ ଅସୁବିଧା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜଗା ହିଁ ବର୍ଣ୍ଣାଳୀର ସବୁଠାରୁ ବଡ଼ ଶକ୍ତି ଏବଂ ରକ୍ଷା କବଚ ସାଜି ଠିଆ ହୁଏ। ବିଶ୍ୱାସଘାତକତା ଓ ଲୋଭ ବିରୋଧରେ ଉଭୟେ କିପରି ସଂଗ୍ରାମ କରିଛନ୍ତି ଏବଂ ଅଦମ୍ୟ ସାହସ ଓ ଦୟାଭାବ ସହ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଛନ୍ତି, ତାହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ଚଳଚ୍ଚିତ୍ରଟିରେ ମୁଖ୍ୟ ଭୂମିକାରେ ଆର. ରଞ୍ଜନ ପଣ୍ଡା, ଭକ୍ତି ପଟ୍ଟନାୟକ, ଉଦିତ ଗୁରୁ ଏବଂ ସୋନାଲିସା ନାୟକ ନଜର ଆସିବେ। ପାରିବାରିକ ଡ୍ରାମା, ଥ୍ରିଲ୍, ଆବେଗ ଏବଂ ରକ୍ଷାବନ୍ଧନର ପବିତ୍ର ବାର୍ତ୍ତା ବହନ କରୁଥିବା ଏହି ସିନେମା ପ୍ରତିଟି ଓଡ଼ିଆ ପରିବାରର ହୃଦୟ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ■

## ଗଣେଶ ପୂଜାରେ

# 'ଦାହାନ୍- ଦି ଇଭିଲ୍ ୱିଦିନ୍'




ଗଣେଶ ପୂଜାରେ ଆସୁଛି ଓଡ଼ିଆ ହରର୍ ଚଳଚ୍ଚିତ୍ର 'ଦାହାନ୍- ଦି ଇଭିଲ୍ ୱିଦିନ୍'। ଓଡ଼ିଆ ଦର୍ଶକଙ୍କ ଭଲ ପାଇବାକୁ ଦୃଷ୍ଟିରେ ରଖି ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ ପଛକୁ ପଛ ଗୋଟିଏ ପରେ ଗୋଟିଏ ନୂଆ ନୂଆ ଚଳଚ୍ଚିତ୍ର ଉପହାର ଦେଇ ଚାଲିଛି। ତେବେ ଦୁଇ ଭଉଣୀଙ୍କ କାହାଣୀକୁ ନେଇ ଦାହାନର କାହାଣୀ ଗତିଶୀଳ ହୋଇଥିବା ବେଳେ ଟିଜର୍ ଦେଖି ଦର୍ଶକ ବହୁତ ଉତ୍ସାହିତ ଅଛନ୍ତି ଏବଂ ଶୁଭମୁକ୍ତିକୁ ଉତ୍କଣ୍ଠାରେ ଅପେକ୍ଷା କରିଛନ୍ତି। ଏଥିରେ ବହୁ ଉଚ୍ଚକୋଟୀର ଅତ୍ୟାଧୁନିକ ଭିଏଫ୍ଏକ୍ସ କାମ ଦେଖିବାକୁ ମିଳିବ। ଏହି ଓଡ଼ିଆ ହରର୍ ସିନେମାର କାହାଣୀ, ଚିତ୍ରନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନାଭାର ନେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁପମ ପଟ୍ଟନାୟକ। ଏହାକୁ ବର୍ଷା ପଟ୍ଟନାୟକ ଏବଂ ଅନୁପମ ପଟ୍ଟନାୟକ ପ୍ରଯୋଜନା କରିଛନ୍ତି। ଏହି ସିନେମା ଦର୍ଶକଙ୍କୁ ଡରାଇବ ନାହିଁ ବରଂ ଏହି କାହାଣୀ ସିନେମା ହଲ୍‌ରୁ ବାହାରିବା ପରେ ବି ଦର୍ଶକଙ୍କ ମନରେ ଛାପ ଛାଡ଼ିଯିବ ବୋଲି ନିର୍ଦ୍ଦେଶକ ଅନୁପମ କହିଛନ୍ତି। 'ଦାହାନ୍' ମାଧ୍ୟମରେ ଓଡ଼ିଆ ସିନେମାର କାହାଣୀ ବର୍ଣ୍ଣନା ଶୈଳୀ ଏବଂ ବୈଷୟିକ ମାନଦଣ୍ଡରେ ଏକ ନୂଆ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହି ସିନେମାରେ ବର୍ଷା ପଟ୍ଟନାୟକ, ଅରୋଶିଖା ମିଶ୍ର, ସମ୍ରାଟ ମହାପାତ୍ର, ପାର୍ଥସାରଥୀ ରାୟ, ନିଶାନ୍ତ ମାଜିଠିଆ, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଥିବା ବେଳେ କ୍ୟାମେରା ପରିଚାଳନା ଦୀପକ କୁମାର ଓ ସମ୍ପାଦନା ରଶ୍ମିରଞ୍ଜନ ଦାଶ କରିଛନ୍ତି। ଟ୍ରେଣ୍ଡରେ ଥିବା ଯୁବ ସଙ୍ଗୀତ ନିର୍ଦ୍ଦେଶକ ଇଂ. ଆଶିଷ ପ୍ରଧାନ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୋପାଳ ଚନ୍ଦ୍ର ଘଡ଼ାଇ କାର୍ଯ୍ୟକାରୀ ପ୍ରଯୋଜକ ଦାୟିତ୍ୱ ବହନ କରିଛନ୍ତି। ■


## ସେପ୍ଟେମ୍ବରରେ 'ଅଭିସାର'

# ପ୍ରଥମଥର ମୁଖ୍ୟ ନାୟିକାରେ ତୃତୀୟ ଲିଙ୍ଗୀ



'ପୂଜନ ଏଣ୍ଟରଟେନମେଣ୍ଟ' ଦ୍ୱାରା ନିର୍ମାଣ ହୋଇଥିବା ଏକ ମୌଳିକ କାହାଣୀର ଚଳଚ୍ଚିତ୍ର 'ଅଭିସାର: ଏକ ପ୍ରେମ କାହାଣୀ' ସେପ୍ଟେମ୍ବରରେ ମୁକ୍ତିଲାଭ କରିବ। ପୂର୍ବରୁ ରିଲିଜ୍ ହୋଇଥିବା ଏହାର ପୋଷ୍ଟର ଏବଂ ଗୀତକୁ ଦର୍ଶକଙ୍କ ଅହେତୁକ ଭଲପାଇବା ମିଳିଛି। ଚଳଚ୍ଚିତ୍ରର କାହାଣୀ ସଂଘମିତ୍ରା ଭଞ୍ଜ ଲେଖିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ରଞ୍ଜିତ ମହାନ୍ତି। ଏହାକୁ ବିଜୟ କେତନ ମିଶ୍ର ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରଯୋଜନା କରିଛନ୍ତି। ଚିତ୍ରଗ୍ରହଣରେ ପ୍ରସନ୍ନ କୁମାର ଏବଂ ସମ୍ପାଦନା ଦାୟିତ୍ୱରେ ରହିଛନ୍ତି ଚନ୍ଦ୍ରଶେଖର ମିଶ୍ର। ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ ଅଛନ୍ତି। ସିନେମାର ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା, ନବାଗତ ଅଭିନେତା ରୁଦ୍ର ପ୍ରତାପ ମହାନ୍ତି ଏବଂ ଅଭିନେତ୍ରୀ ଭୂମି ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖ ଅଭିନୟ କରିଛନ୍ତି। ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଥିବା ଭୂମି ଜଣେ କିନ୍ନର। ଜଣେ କିନ୍ନରଙ୍କୁ ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ ନେଇ ସିନେମା ନିର୍ମାଣ କରିବା ଏହା ପ୍ରଥମ। ଚଳଚ୍ଚିତ୍ରର କାହାଣୀ ଚିରାଚରିତ କାହାଣୀଠୁ ଅଲଗା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଥମ ବୋଲି ନିର୍ଦ୍ଦେଶକ ରଞ୍ଜିତ ମହାନ୍ତି କହିଛନ୍ତି। 'ଅଭିସାର, ଏକ ପ୍ରେମ କାହାଣୀ'କୁ ଓଡ଼ିଶାବାସୀ ଢେର ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ■

# 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ପୋଷ୍ଟର ରିଲିଜ୍




ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାରେ 'ରିତୁପ୍ରିୟା ପ୍ରଡକ୍ସନ୍ସ' ଏବଂ ପ୍ରସିଦ୍ଧ ଚଳଚ୍ଚିତ୍ର ପ୍ରଯୋଜକ ଅତିଶ କୁମାର ରାଉତ ସଦାସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ଏହି କ୍ରମରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ନେଇ ନିର୍ମିତ ହେଉଥିବା ବହୁ ପ୍ରତୀକ୍ଷିତ ଓଡ଼ିଆ ବୃତ୍ତଚିତ୍ର 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ସ୍ୱତନ୍ତ୍ର ପୋଷ୍ଟର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରିଲିଜ ହୋଇଛି। 'ହବାସପୁରୀ ୱିଭିଂ' କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ତଥା ଲୁପ୍ତପ୍ରାୟ ହବାସପୁରୀ ହସ୍ତତନ୍ତ ପରମ୍ପରା, ଏହାର ଇତିହାସ, ବର୍ତ୍ତମାନର ସଂଘର୍ଷ ଏବଂ ଏହାର ପୁନରୁଦ୍ଧାର ସମ୍ଭାବନାକୁ ନେଇ ନିର୍ମିତ ହୋଇଛି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ପ୍ରଯୋଜକ ଅତିଶ କୁମାର ରାଉତ ଏହାର ପ୍ରଯୋଜନା ଭାର ସମ୍ଭାଳିଥିବା ବେଳେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏବଂ ମୟୂର ମହାପାତ୍ର ଏହାର ଯୁଗ୍ମ ନିର୍ଦ୍ଦେଶନା ଦେଉଛନ୍ତି। ଏହି ବୃତ୍ତଚିତ୍ରଟି ବିଶ୍ୱନାଥ ରଥଙ୍କ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'କୋଟପାଡ଼ ୱିଭିଂ: ଦ ଷ୍ଟୋରୀ ଅଫ୍ ଆ ରେସ୍ ଏଗେନ୍ଷ୍ଟ ଟାଇମ୍'ର ଅନ୍ୟ ଏକ ପରିକଳ୍ପନା। ଏହି ଡକ୍ୟୁମେଣ୍ଟାରୀ ଭାରତର ସାଂସ୍କୃତିକ ସିନେମା ଜଗତରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବାର ପ୍ରତିଶ୍ରୁତି ଦିଏ। ■

## ସାକ୍ଷାତକାର

'କପାଳ ଲିଖନ କେ କରିବ ଆନ' ଅର୍ଥାତ୍ ଭାଗ୍ୟରେ ଯାହା ଲେଖା ଥାଏ ତାହା ଅବଶ୍ୟ ଘଟିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭୁବନେଶ୍ୱରର ତୃଷ୍ଣା ମହାକୁଳ। ପିଲାଦିନେ ସେ ଓଡ଼ିଶୀ ଏବଂ ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲେ। ହେଲେ ସୌଭାଗ୍ୟବଶତଃ ତାଙ୍କୁ 'ମହାବାତ୍ୟା' ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି। ଏକାଧିକ ଧାରାବାହିକରେ ସେ ଶିଶୁ କଳାକାର ଭାବେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। 'ଆଶାର ଆକାଶ' ଧାରାବାହିକରେ ଡେବ୍ୟୁ କରିବା ପରେ ଏକାଧିକ ଧାରାବାହିକ ଓ ସିନେମାରେ ସେ ଅଭିନୟ କରିଛନ୍ତି। ଏବେ ତୃଷ୍ଣା ଲୋକପ୍ରିୟ ଧାରାବାହିକ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଘରେ ଘରେ ପରିଚିତ। ତେବେ ଏହି ଲାଇନ୍‌କୁ ଆସିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# "ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ"

**ତୃଷ୍ଣା ମହାକୁଳ, ଅଭିନେତ୍ରୀ**



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ପିଲାଦିନୁ ମୁଁ ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି। ଚେସ୍ ଖେଳୁଥିଲି। ଅଭିନୟ ବିଷୟରେ କିଛି ଜାଣିନଥିଲି କି ଭବିଷ୍ୟତରେ ଅଭିନେତ୍ରୀଟିଏ ହେବି ବୋଲି ଧାରଣା ନଥିଲା। ହେଲେ ଭଗବାନଙ୍କ ଆଶୀର୍ବାଦରୁ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଲି। ଏଥିରେ ମୋର ସ୍କୁଲ ଶିକ୍ଷକ ତଥା ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ 'ମହାବାତ୍ୟା' ନାମକ ଏକ ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରିବାକୁ ମୋତେ ସୁଯୋଗ ଦେଇଥିଲେ। ଏହାପରେ 'ଗାୟତ୍ରୀ', 'ଜୀବନ ଯମୁନାରେ ଜୁଆର ଉଠେରେ', 'ବୋହୂ' ଆଦି ଧାରାବାହିକରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲି। ପରେ 'ଆଶାର ଆକାଶ'ରେ ସେକେଣ୍ଡ ଲିଡ୍‌ରେ ଶାଶ୍ୱତୀ ଭୂମିକାରେ ଅଭିନୟ କଲି। ଏହା ପରେ 'ରାନୀ', 'ତୋ ଅଗଣାର ତୁଳସୀ ମୁଁ', 'ତୋ ପାଇଁ ମୁଁ', 'ମା' ଯାହାର ସାହା' ଅଭିନୟ କରିବାର ସୁଯୋଗ ପାଇଲି। ଏବେ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଅଭିନୟ କରୁଛି।

**ଅଭିନୟ ପାଇଁ ବିଧିବଦ୍ଧ ତାଲିମ ନେଇଥିଲେ କି?**

● ଅଭିନୟ କରିବାକୁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଇ ନାହିଁ। ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ। ତେଣୁ ସକାରାତ୍ମକ ଚରିତ୍ର କରୁ କରୁ ନକାରାତ୍ମକ ଚରିତ୍ର ମିଳିଲେ ମଧ୍ୟ ତାହାକୁ କରିବା ପାଇଁ ବାଧ୍ୟ। ସେଥିପାଇଁ ପ୍ରତ୍ୟେକ ଚରିତ୍ରକୁ ମୁଁ କେମିତି ଜୀବନ୍ତ କରିପାରିବି, ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଏ।

**ସିନେମାରେ ବି ତୃଷ୍ଣା ଜଲୱା ଦେଖାଇଛନ୍ତି?**

● ମୁଁ ବହୁତ ଭାଗ୍ୟଶାଳୀ ଯେ ଧାରାବାହିକ ପରି ସିନେମାରେ କାମ କରିବାକୁ ସୁଯୋଗ ମିଳିଛି। 'ଭାବେ ସିନା କହିପାରେନା' ହଲ୍‌ରେ ରିଲିଜ୍ ହୋଇଥିଲା। ଏହାପରେ ତରଙ୍ଗର 'ପ୍ରେମ୍ ଫର୍ ସେଲ୍', ଜୀ ସାର୍ଥକର 'କୁଳାଙ୍ଗାର' ଆଦି ସିନେମାରେ ମୁଁ ଅଭିନୟ କରିସାରିଛି।

**ପ୍ରଥମ ପାରିଶ୍ରମିକ କେତେ ମିଳିଥିଲା?**

● ବୋଧହୁଏ ପ୍ରଥମ ପାରିଶ୍ରମିକ ୫୦୦ ଟଙ୍କା ମିଳିଥିଲା।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟତା ଦେଇଛି?**

● 'ତୋ ଅଗଣାର ତୁଳସୀ ମୁଁ'ର ଶୁଭି ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି। ସେହିପରି 'ତୋ ପାଇଁ' ଧାରାବାହିକର ନକାରାତ୍ମକ ଚରିତ୍ରକୁ ମଧ୍ୟ ଦର୍ଶକ ଭଲପାଇବା ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ ମୁଁ ଘରେ ରୁହେ। ଭଉଣୀର ଛୋଟ ଝୁଅ ସହିତ ସମୟ ବିତାଏ। ଘର ବାହାର କାମ କରେ।

**ଫିଟ୍ ରହିବାର ଫର୍ମୁଲା?**

● ଫିଟ୍ ରହିବାକୁ ନିୟମିତ ବ୍ୟାୟାମ କରେ। ଆଗରୁ ଜିମ୍ ଯାଉଥିଲି ହେଲେ ଏବେ ସୁଟିଂ ବ୍ୟସ୍ତତା ଯୋଗୁଁ ସମୟ ମିଳୁ ନାହିଁ। ତେଣୁ ସନ୍ତୁଳିତ ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଭବିଷ୍ୟତରେ କେଉଁ ଚରିତ୍ରରେ କାମ କରିବାକୁ ଇଚ୍ଛା ରହିଛି?**

● ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି। ଭବିଷ୍ୟତରେ ମୁଖ୍ୟ ଚରିତ୍ର ଯାହା ଦର୍ଶକଙ୍କ ହୃଦୟକୁ ଛୁଇଁଥିବ ସେମିତି ଚରିତ୍ରରେ କାମ କରିବାକୁ ଆଗ୍ରହ ରହିଛି।

**ଦର୍ଶକଙ୍କ ପ୍ରଶଂସାକୁ କେମିତି ଗ୍ରହଣ କରନ୍ତି?**

● ଦର୍ଶକ ଆମ ପାଇଁ ଭଗବାନ। ସେମାନଙ୍କ ପ୍ରଶଂସା ହିଁ ଜଣେ କଳାକାରଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ।

**ବର୍ତ୍ତମାନ ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସିନିୟର କଳାକାରଙ୍କଠାରୁ ସବୁବେଳେ ଶିଖିବା ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଅଭିନୟ ନିଶ୍ଚିତ ଭାବେ ଭଲ ହେବ। ■

# ସତସତିକା ବାଘ ସହ ସୁଟିଂ

**ପରଦା ପଛର କାହାଣୀ**



ବଲିଉଡ୍ ଫିଲ୍ମରେ କେତେକ କଳାକାର ନିଜେ ଷ୍ଟଣ୍ଟ୍ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ତେବେ କିଛି ଦୃଶ୍ୟ ବଡ଼ିବିଲଡ୍‌ର ଏବଂ ଷ୍ଟଣ୍ଟମ୍ୟାନ୍‌ଙ୍କ ଦ୍ୱାରା ସୁଟିଂ କରାଯାଏ। ହେଲେ ବଲିଉଡ୍‌ରେ ଏଭଳି ଏକ ଫିଲ୍ମ ଥିଲା ଯେଉଁଥିରେ ଅମିତାଭ ବଚ୍ଚନ ଅପ୍ରଶିକ୍ଷିତ ବାଘ ସହ ଷ୍ଟଣ୍ଟ ସୁଟିଂ କରିଥିଲେ। ନିକଟରେ ପ୍ରତିଷ୍ଠିତ ଆକ୍ସନ ମାଷ୍ଟର୍ ମୋହନ ବଗ୍‌ଗଡ୍ ଏକ ସାକ୍ଷାତକାରରେ ଫିଲ୍ମ 'ଖୁନ୍ ପସିନା'ରେ ଅମିତାଭ ବଚ୍ଚନଙ୍କ ଫାଇଟ୍ ଦୃଶ୍ୟ ପଛର ଏକ ରୋଚକ କାହାଣୀ ପ୍ରକାଶ କରିଥିଲେ। ତାଙ୍କ କହିବାନୁଯାୟୀ, ସେ ଏହି ଫିଲ୍ମରେ ଅମିତାଭଙ୍କ ପାଇଁ ଷ୍ଟଣ୍ଟ କରିଥିଲେ। ଏଥିରେ ଏକ ବାଘ ଦୃଶ୍ୟ ଥିଲା। ଅମିତାଭଙ୍କ ପାଇଁ ଯେଉଁ ଷ୍ଟଣ୍ଟମ୍ୟାନ୍‌ଙ୍କୁ ପ୍ରଥମେ ବଛାଯାଇଥିଲା ତାଙ୍କ ରଙ୍ଗ ଶ୍ୟାମଳ ଥିଲା। ଏଥିପାଇଁ ମେକର୍ସଙ୍କୁ ଲାଗିଲା ସେ ଏଥିପାଇଁ ଫିଟ୍ ହେବେନି। ତେଣୁ ନିର୍ଦ୍ଦେଶକ ଏ ନେଇ ବୀରୁ ଦେବ୍‌ଗନ୍‌ଙ୍କୁ ପଚାରିଥିଲେ ତାଙ୍କ ଟିମ୍‌ର କେହି ସଦସ୍ୟ ଏହି ଷ୍ଟଣ୍ଟ କରିପାରିବେ କି ? ଏହାପରେ ମୋହନଙ୍କୁ ପଚାରିବାରୁ ସେ ଏହି ଷ୍ଟଣ୍ଟ କରିବା ପାଇଁ ରାଜି ହୋଇଥିଲେ। ବାଘ ସହ ଷ୍ଟଣ୍ଟ ଥିବାରୁ ତାଙ୍କୁ ପ୍ରଥମେ ଭୟ ଲାଗିଥିଲା। ଯେଉଁ ଦିନ ଏହି ଦୃଶ୍ୟ ସୁଟ୍ ଥିଲା ସେଦିନ ଅଭିଷେକ୍ ବଚ୍ଚନ ଜନ୍ମ ହୋଇଥିଲେ। ପୁଅ ଜନ୍ମ ହେବା ଖୁସିରେ ଅଭିନେତା ମଧ୍ୟ ବିପଜ୍ଜନକ ଷ୍ଟଣ୍ଟ ସୁଟ୍ କରିବାକୁ ରାଜି ହୋଇଥିଲେ। ସେ ଖୁସି ହୋଇ ମୁଁ ସିଂହ, ମୋ ପୁଅ ସିଂହ, ମୋ ଘରେ ଏକ ସିଂହ ଜନ୍ମ ହୋଇଥିବା କହି କିଛି ଭଲ ସଟ୍ ଦେଇଥିଲେ। ଷ୍ଟଣ୍ଟମ୍ୟାନ୍‌ଙ୍କ କହିବାନୁଯାୟୀ, ଏହି ଷ୍ଟଣ୍ଟ ସମୟରେ ଆଘାତ ମଧ୍ୟ ପାଇଥିଲେ। ବାଘଟି ପ୍ରଶିକ୍ଷଣ ନେଇ ନଥିବାରୁ ସେ ଷ୍ଟଣ୍ଟ ସୁଟ୍ ସମୟରେ କ୍ଷତି ପହଞ୍ଚାଉଥିଲା। ଅବଶ୍ୟ ତା'ର ମୁହଁକୁ ବନ୍ଧା ଯାଇଥିଲା। ■

■ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

# ଭାରତର ଗାୟତ୍ରୀ-ତ୍ରିଶାଙ୍କୁ କାଂସ୍ୟ




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜଲି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ପଦକ ସହ ଭାରତର ଅଭିଯାନ ଶେଷ ହୋଇଛି ଏବଂ ୨୦୧୧ ପରଠାରୁ ଭାରତ ସମସ୍ତ ଚାମ୍ପିଅନସିପ୍‌ରେ ଗୋଟିଏ ହେଲେ ପଦକ ଜିତିବରେ ସମର୍ଥ ହୋଇଛି। ମହିଳା ଯୁଗଳରେ ଭାରତ ଶେଷଥର ୨୦୧୧ରେ ପଦକ ବିଜୟୀ ହୋଇଥିଲା। ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନ୍ନାପ୍ପା ଏହି ପଦକ ଜିତିଥିଲେ।

ଆଜି ଖେଳାଯାଇଥିବା ସେମିରେ ଚତୁର୍ଥ ସିଡ ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଲିଉ ଶେଙ୍ଗ ଶୁ ଓ ତାନ ନିଙ୍ଗଙ୍କ ଯୋଡି ୧୮-୨୧, ୨୧-୧୩, ୨୧-୮ ସେଟ୍‌ରେ ଭାରତର ଗାୟତ୍ରୀ-ତ୍ରିଶାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ନିୟମଅନୁଯାୟୀ ସେମିଫାଇନାଲରେ ପରାଜିତ ହୋଇଥିବା ଏହି ଭାରତୀୟ ଯୋଡି କାଂସ୍ୟ ପଦକ ବିଜୟୀ ହେବେ। ସେମିରେ ଭାରତୀୟ ଯୋଡି ପ୍ରଥମ ସେଟ୍‌ରେ ଦମ୍ ଦେଖାଇ ୨୧-୧୮ରେ ଜିତିଥିଲେ। କିନ୍ତୁ ଦୁଇଜଣ ଯୁବ ଖେଳାଳି ସେହି ଜୋଶ ନେଇ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ଖେଳିପାରି ନ ଥିଲେ।

ପୁରୁଷ ବିଭାଗ ଏକକରେ ୫ଜଣ ଯାକ ଶୀର୍ଷ ଖେଳାଳି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏହା ଫଳରେ ଏଥର ଜଣେ ନୂଆ ଖେଳାଳି ଚାମ୍ପିଅନ ହେବା ନିଶ୍ଚିତ ହୋଇଛି। ମହିଳା ଏକକରେ ଟମ୍ ସିଡ୍ ଆନ୍ ସେ ୟଙ୍ଗ, ତୃତୀୟ ସିଡ୍ ୱାଙ୍ଗ ଝି ୟି ଓ ଦ୍ୱିତୀୟ ସିଡ୍ ଆକାନେ ୟାମାଗୁଚି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ୫ଟି ବିଭାଗର ଫାଇନାଲ ସମେତ ପ୍ରତିଯୋଗିତା ଶେଷ ହେବ।

■ ଲାଉସେନ ଡାଇମଣ୍ଡ ଲିଗ୍

# ସିଜନର ଶ୍ରେଷ୍ଠ ସତ୍ତ୍ୱେ ନୀରଜ ଦ୍ୱିତୀୟ

ଲାଉସାନେ, ୨୨।୮ (ଏଜେନ୍ସି): ସୁଇଜରଲାଣ୍ଡର ଲାଉସେନରେ ଗତକାଲି ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ଭାରତର ଷ୍ଟାର୍ ଆଥ୍‌ଲେଟ ନୀରଜ ଚୋପ୍ରା ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ନୀରଜ ୮୮.୦୫ ମିଟରକୁ ଜାଭେଲିନ ଫିଙ୍ଗିଥିଲେ। ତେବେ ନୀରଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଶ୍ରୀଲଙ୍କାର ରୁମେଶ ପଥିରାଗେ ୮୮.୧୪ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହି ବାଜିମାତ୍ କରିନେଇଥିଲେ। ଗ୍ରେନେଡାର ସୁପରଷ୍ଟାର୍ ତଥା ପୂର୍ବତନ ବିଶ୍ୱ ଚାମ୍ପିଅନ ଆଣ୍ଡରସନ ପିଟର୍ସ ତୃତୀୟ ସ୍ଥାନରେ ରହିଥିଲେ। ସେ ୮୬.୬୯ ମିଟର ଜାଭେଲିନ ଫିଙ୍ଗିଥିଲେ। ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟପଦକ ଜିତିଥିବା ନୀରଜ ଏଠାରେ ତାଙ୍କ ପ୍ରଥମ ପ୍ରୟାସରେ ୮୩.୫୪ ମିଟର ଦୂରତା ହାସଲ କରିଥିଲେ। ଏହାପରେ ଦ୍ୱିତୀୟ ପ୍ରୟାସରେ ନୀରଜ ସିଜନ ଶ୍ରେଷ୍ଠ ୮୮.୦୫ ମିଟର ଫିଙ୍ଗି ଶୀର୍ଷକୁ ଉଠିଥିଲେ। କିନ୍ତୁ ଶ୍ରୀଲଙ୍କାର ରୁମେଶ ୮୮.୧୪ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ନୀରଜଙ୍କୁ ପଛରେ ପକାଇଦେଇଥିଲେ। ଫଳରେ ଗ୍ଲାସଗୋ ପରେ ରୁମେଶ କ୍ରମାଗତ ଦ୍ୱିତୀୟ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଚଳିତ ଡାଇମଣ୍ଡ ଲିଗ୍ ସିରିଜରେ ରୁମେଶଙ୍କ ଏହା ତୃତୀୟ ବିଜୟ। ଏଥିପୂର୍ବରୁ ସେ ରୋମ ଓ ଦୋହାରେ ମଧ୍ୟ ଚାମ୍ପିଅନ ହୋଇଥିଲେ।

# ମହିଳା ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୨।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତାରୋହୀ ଦଳ ଅଗଷ୍ଟ ୧୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଆରୋହଣ କରିବା ପରେ ଗତକାଲି ଓଡ଼ିଶା ଫେରିଆସିଛନ୍ତି। ଏହି ପର୍ବତାରୋହୀ ଦଳକୁ ଆଜି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସମ୍ବର୍ଦ୍ଧିତ କରିଛନ୍ତି। ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ୫ଜଣ ଓଡ଼ିଆ ମହିଳା ଅଗଷ୍ଟ ୧୫ରେ ୟୁନମ ଆରୋହଣ କରିବା ସହ ୮୦ ମିଟର ତିରଙ୍ଗା ଉତ୍ତୋଳନ କରିଥିଲେ। ଓଡ଼ିଶା ପର୍ବତାରୋହଣ ଇତିହାସରେ ଏହା ଏକ ମାଇଲଖୁଣ୍ଟ ହୋଇ ରହିବ।

# ଉତ୍କଳ ସ୍ପୋର୍ଟସ ମିଟ୍ ଆରମ୍ଭ

ଭୁବନେଶ୍ୱର,୨୨।୮ (ସମିସ): ଉତ୍କଳ କରାଟେ ସ୍କୁଲ୍‌ର ୪୬ତମ ପ୍ରତିଷ୍ଠା ଦିବସ ଅବସରରେ ଆଜିଠାରୁ ଆରମ୍ଭ ହୋଇଛି ଉତ୍କଳ ସ୍ପୋର୍ଟ୍ସ ମିଟ୍। ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା ଓ କଟକ ଜିଲ୍ଲାରୁ ୨୨୦ ଜଣ କରାଟେକା ଅଂଶଗ୍ରହଣ କରିଛନ୍ତି। ୧୧ ବର୍ଷରୁ ଊର୍ଦ୍ଧ୍ୱରୁ ଆରମ୍ଭ କରି କ୍ୟାଡେଟ, ସବ୍‌ଜୁନିଅର, ଜୁନିଅର, ଓ ସିନିଅର ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରଥମ ଦିନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସିନିଅର ଆଡଭୋକେଟ କାଳିପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ସେମିଫାଇନାଲ ଖେଳିବା ଲାଗି ଭାରତକୁ ସୁଯୋଗ

ଆମଷ୍ଟଲଭିନ୍,୨୨।୮ (ଏଜେନ୍ସି)




ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କ୍ରସ୍ ଓଭର ମୁକାବିଲାରୁ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ପୁଲ-ଇ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସଠାରୁ ୨-୦ ଗୋଲରେ ପରାଜିତ ହୋଇଛି। ସେହିପରି ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚ୍ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଚୀନ୍‌ର ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି। କିନ୍ତୁ ପୁଲ୍ ମୁକାବିଲାରେ ଚୀନ୍ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତର ପଏଣ୍ଟ ୧ ରହିଛି। କ୍ରସ୍ ଓଭରର ପ୍ରଥମ ରାଉଣ୍ଡ ପରେ ନେଦରଲ୍ୟାଣ୍ଡସ ୬ ପଏଣ୍ଟ ପାଇଛି ଓ ଶେଷ ରାଉଣ୍ଡରେ ଆସନ୍ତାକାଲି ଚୀନ୍ ସହ ଖେଳିବ। ହଟ୍ ଫର୍ମରେ ଥିବା ନେଦରଲ୍ୟାଣ୍ଡସ ଏହି ମୁକାବିଲାରେ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ପୁଲ୍ ମୁକାବିଲାରେ ଅଷ୍ଟ୍ରେଲିଆ ସହ ଭାରତର ମୁକାବିଲା ହେବ। ଅଷ୍ଟ୍ରେଲିଆ ମଧ୍ୟ ୧ ପଏଣ୍ଟ ପାଇଛି ଓ ଗୋଲ ବ୍ୟବଧାନରେ ଭାରତ ଉପରକୁ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲିର ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ନେଦରଲ୍ୟାଣ୍ଡସ ବିଜୟୀ ହେଲେ ଭାରତକୁ ସେମିଫାଇନାଲ ଖେଳିବା ଲାଗି ସୁବର୍ଣ୍ଣ ସୁଯୋଗ ମିଳିବ। କିନ୍ତୁ ଭାରତ ତାହାର ଦ୍ୱିତୀୟ କ୍ରସ୍ ଓଭର ମୁକାବିଲାରେ ଅଷ୍ଟ୍ରେଲିଆକୁ ହରାଇବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ମହିଳା ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରି ଦୀର୍ଘ ୫୨ ବର୍ଷ ପରେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଭାରତ ଏହି ସୁଯୋଗକୁ କିପରି ବ୍ୟବହାର କରିବ, ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ହରାଇବା ଲାଗି କି ରଣନୀତି ନେବ ଏସବୁ ଆସନ୍ତାକାଲି ମୁକାବିଲା ପରେ ଜଣାପଡ଼ିବ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ରାତି ୧୦ଟା ୩୦ରୁ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହା ପ୍ରସାରିତ ହେବ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ବେଶ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଛି। ପୁଲ-ଡି'ର ପ୍ରଥମ ମୁକାବିଲାରେ ଚୀନ୍ ଓ ଶେଷ ମୁକାବିଲାରେ ଇଂଲଣ୍ଡ ସହ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକମାତ୍ର ମ୍ୟାଚ୍ ୬-୧ ଗୋଲ ବ୍ୟବଧାନରେ ଜିତିଛି। ଦଳ ଯେ ଖରାପ ଖେଳୁଛି ତାହା କହିହେବ ନାହିଁ, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଓ ଦ୍ରୁତ ଗେମ୍ ଖେଳୁଥିବା ଦଳ ବିପକ୍ଷରେ ଭାରତକୁ ମ୍ୟାଚ୍ ଜିତିବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ଇତିହାସ ସୃଷ୍ଟି କରିବା ସହ ସେମିଫାଇନାଲରେ ପ୍ରବେଶ କରିବ।

### ନେଦରଲ୍ୟାଣ୍ଡସଠାରୁ ହାରିଲା ଭାରତ

ପୁରୁଷ ବିଭାଗ କ୍ରସ୍ ଓଭରରେ ଆଜି ଭାରତ ୧-୩ ଗୋଲରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଭାରତର ସେମିଫାଇନାଲକୁ ଉନ୍ନୀତ ହେବା ଆଶାରେ ବଡ ବ୍ରେକ୍ ଲାଗିଛି। ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ସୋମବାର ପରାସ୍ତ କଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା କମ୍ ବୋଲି ଆଜିର ମ୍ୟାଚ୍ ପରେ ଜଣାଯାଇଛି। ଭାରତର ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ତାହାର ଦୁଇଟି ମୁକାବିଲା ଆଜି ଆର୍ଜେଣ୍ଟିନା ଓ ପରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହେଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା ଖୁବ୍ କମ୍ ବୋଲି ଜଣାଯାଇଛି।

#### ଚାମ୍ପିଅନ ଜର୍ମାନୀକୁ ହରାଇଲା ସ୍ପେନ୍

ପୁଲ୍-ଏଫ୍ କ୍ରସ୍ ଓଭରରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରିଛି ସ୍ପେନ୍। ଏହି ବିଜୟ ଫଳରେ ସ୍ପେନ୍ ପୁଲ୍‌ରେ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ଖେଳାଯାଇଥିବା ମୁକାବିଲା ୧-୧ ଗୋଲରେ ଡ୍ର ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜର୍ମାନୀ ସହ ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ସେମିଫାଇନାଲରେ କେଉଁ ଦୁଇ ଦଳ ପ୍ରବେଶ କରିବେ ତାହା କହିବା ମୁସ୍କିଲ ହୋଇଛି।

ଆଜିଠୁ ଦୁଲୀପ ଟ୍ରଫି

## ଉତ୍ତରପୂର୍ବକୁ ଭେଟିବ ପୂର୍ବାଞ୍ଚଳ

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର ୬୩ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଏହି ପ୍ରଥମଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ସହ ବିସିସିଆଇର ୨୦୨୬-୨୭ ସିଜନ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଏହି ଚାରିଦିବସୀୟ ପ୍ରତିଯୋଗିତାରେ ପ୍ରଥମେ କ୍ୱାର୍ଟର ଫାଇନାଲ ସଦୃଶ ଦୁଇଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ଉତ୍ତର-ପୂର୍ବାଞ୍ଚଳ ଦଳର ମୁକାବିଲା ହେବ। ସେହିଭଳି ଅନ୍ୟ ଏକ ମ୍ୟାଚରେ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ। କହ୍ନେୟା ୱାଧୱାନ ଉତ୍ତରାଞ୍ଚଳ ଦଳର ଏବଂ ରୁତୁରାଜ ଗାଏକୱାଡ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ନେଉଛନ୍ତି। ଏହି ଦୁଇ ମ୍ୟାଚର ବିଜେତା ସେମିଫାଇନାଲକୁ ଉନ୍ନିତ ହେବେ। ଯେଉଁଥିରେ ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସହ ମୁକାବିଲା ହେବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭାଂଶୁ ସେନାପତି ସ୍ଥାନ ପାଇଛନ୍ତି।

ଆଜିଠାରୁ ଦ୍ୱିତୀୟ ଟେଷ୍ଟ

# ଭାରତର ଲକ୍ଷ୍ୟ କ୍ଲିନ୍ ସୁଇପ୍



ଖେଳ ଆରମ୍ଭ- ପୂର୍ବାହ୍ନ ୧୦ଟା
ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ
ଲାଇଭ୍ ଷ୍ଟ୍ରିମିଂ- ସୋନି ଲିଭ୍

କଲମ୍ବୋ,୨୨।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୬୫ ରନ୍‌ରେ ବିଜୟୀ ହୋଇଛି। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଜିତି ଭାରତ ସିରିଜ୍ ସୁଇପ ଲକ୍ଷ୍ୟରେ ରହିଛି। ଏହି ବିଜୟ ହାସଲ କଲେ ଭାରତ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲର ପ୍ରଥମ ୩ଟି ଟେଷ୍ଟ ସ୍ଥାନ ଅଧିକାର କରିବ। ଏଣୁ ଏହି ବିଜୟ ଲାଗି ଭାରତ ସମସ୍ତ ପ୍ରକାର ଚେଷ୍ଟା କରିବ।

ଗଲ୍ ଟେଷ୍ଟ ଖେଳିଥିବା ଭାରତୀୟ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। କେବଳ କୁଲଦୀପ ଯାଦବ ଗଲ୍‌ରେ ଫେଲ ମାରିଥିଲେ। ତାଙ୍କ ସ୍ଥାନରେ ଜଣେ ଅଫ୍ ସ୍ପିନର ବା ସାରାଂଶ ଜୈନଙ୍କୁ ସାମିଲ କରାଯିବାର ସାମାନ୍ୟ ସମ୍ଭାବନା ରହିଛି। ବ୍ୟାଟିଂ ଲାଇନ୍ ପୂର୍ବପରି ଅପରିବର୍ତ୍ତିତ ରହିବ। ସେହିପରି ଶ୍ରୀଲଙ୍କା ଦଳର ବୋଲିଂରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କିନ୍ତୁ ଦଳର ବ୍ୟାଟିଂରେ ପରିବର୍ତ୍ତନ ହେବ ବୋଲି ଅଧିନାୟକ ଧନଞ୍ଜୟ ଡି ସିଲଭା ସୂଚନା ଦେଇଛନ୍ତି। ଗଲ୍ ଟେଷ୍ଟ ଖେଳିଥିବା ନିଶାନ ମଦୁସ୍କା ବାଦ୍ ପଡ଼ିଥିବାରୁ କାମିଲ ମିଶରା ଡେବ୍ୟୁ ସହ ଇନିଂସ ଓପନ କରିବେ। ଗତ ମ୍ୟାଚ୍‌ରେ କନକସନ ଖେଳାଳିଭାବେ ଡେବ୍ୟୁ କରିଥିବା ପାସିନ୍ଦୁ ସୁରିଆବାନ୍ଦରା କିମ୍ବା ସାହାନ ଆରାଚିଚିଗେଙ୍କ ମଧ୍ୟରୁ ଜଣେ ଖେଳିବେ।

ପ୍ରଥମ ଦିନରେ ୧୮ ୱିକେଟ୍; ଷ୍ଟାର୍କଙ୍କୁ ୬, ଶୋରିଫୁଲଙ୍କୁ ମଧ୍ୟ ୬

# ବାଂଲାଦେଶ ୭୪, ଅଷ୍ଟ୍ରେଲିଆ ୧୬୫/୮

ମାକୟ, ୨୨।୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଏଠାରେ ଶନିବାରଠାରୁ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଏହି ନବାଗତ ଟେଷ୍ଟ ଭେନ୍ୟୁରେ ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିଲା। ପ୍ରଥମ ଦିବସରେ ମୋଟ୍ ୧୮ଟି ୱିକେଟ୍‌ର ପତନ ଘଟିଥିଲା। ପ୍ରଥମ ଟେଷ୍ଟରେ ଐତିହାସିକ ବିଜୟ ହାସଲ କରିଥିବା ବାଂଲାଦେଶ ଏଠାରେ ଆଜି ମାତ୍ର ୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଦଳ ଶନିବାର ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଦୁଇ ୱିକେଟ୍ ବଳକା ଥାଇ ଅଷ୍ଟ୍ରେଲିଆ ୧୦୧ ରନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ଭାବରେ ୯ ୱିକେଟରେ ହାରିଥିବା ଅଷ୍ଟ୍ରେଲିଆ ଦଳ ଏଠାରେ ବିଜୟୀ ହୋଇ ସିରିଜକୁ ୧-୧'ରେ ଡ୍ର ରଖିବାକୁ ଲକ୍ଷ୍ୟ ରଖିଛି।

ଏହି ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ବାଂଲାଦେଶ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନିଂସର ପ୍ରଥମ ବଲରେ ଓପନର୍ ସାଦମନ ଇସଲାମ ଦୁର୍ଦ୍ଧର୍ଷ ମିଚେଲ ଷ୍ଟାର୍କଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ଫେରିଥିଲେ। ଏହାପରେ ଆହୁରି ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବାଂଲାଦେଶ ୧୨ ରନରେ ଅଧା ଓ ୩୯ ରନରେ ୯ଜଣ ବ୍ୟାଟରଙ୍କୁ ହରାଇଥିଲା। ଏପରିକି ବାଂଲାଦେଶ ଏହାର ସର୍ବନିମ୍ନ ଟେଷ୍ଟ ସ୍କୋର (୪୩ ରନ ବନାମ ୱେଷ୍ଟଇଣ୍ଡିଜ, ୨୦୧୮)କୁ ଟପିପାରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ୧୦ମ ୱିକେଟରେ ତାଇଜୁଲ ଇସଲାମ (ଅପରାଜିତ ୧୧ ରନ) ଓ ଶୋରିଫୁଲ ଇସଲାମ (୧୪ ରନ) ୨୫ ରନର ଭାଗୀଦାରି ଗଢ଼ିବାରୁ ବାଂଲାଦେଶ ଅଲୋଡ଼ା କୀର୍ତ୍ତିମାନରୁ ବର୍ତ୍ତିଯାଇଥିଲା। ବାଂଲାଦେଶର ଏହା ଚତୁର୍ଥ ସର୍ବନିମ୍ନ ଟେଷ୍ଟ ସ୍କୋର ହୋଇଛି। ଶୋରିଫୁଲଙ୍କ ପରେ ତାଇଜୁଲ ଓ ମେହେଦୀ ହାସନ ମିରାଜ ଦ୍ୱିତୀୟ ସର୍ବାଧିକ ୧୧ ରନ ଲେଖାଏ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ୧୦ ଓଭରରେ ୬ ମେଡେନ ସହ ୧୨ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ୩ ଓ ଜୋଶ ହାଜଲେଉଡ୍‌ଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଶୋରିଫୁଲ (୧୧-୨-୩୫-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନରେ ସଂଘର୍ଷ କରୁଛି। କାମେରନ ଗ୍ରୀନ ୫୧ ଓ ନାଥନ ଲିୟନ ୧୦ ରନରେ ଅପରାଜିତ ରହିଛନ୍ତି। ଷ୍ଟିଭ ସ୍ମିଥ (୪୨) ଓ ଟ୍ରାଭିସ ହେଡ୍ (୨୨) କେବଳ ଦୁଇଅଙ୍କ ଛୁଇଁପାରିଥିଲେ।

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# କଳିଙ୍ଗରେ ଜାସନ, ରାଜରାଜନ୍ ଦ୍ରୁତତ୍ତମ

ଭୁବନେଶ୍ୱର, ୨୨।୮ (ତୁଷାର ସେନାପତି)




ଫଟୋ: ଅଭିମନ୍ୟୁ

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଦୌଡ଼କୁଦ ମହାସଂଘ ଓ ଭାରତୀୟ ଦୌଡ଼କୁଦ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୫ଟି ଦେଶର ପାଖାପାଖି ୧୯୦ ଆଥଲେଟ୍ ଭାଗନେଇଥିଲେ। ଏଥିରେ ମୋଟ୍ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଥିରେ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟ ରହିଥିଲା। କଳିଙ୍ଗରେ ଅନୁଷ୍ଠିତ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକାର ସେପୋ ଜାସନ ୟାଣ୍ଟିନି ଓ ଭାରତର ଅବିନୟା ରାଜରାଜନ ଯଥାକ୍ରମେ ଦ୍ରୁତତ୍ତମ ଧାବକ ଓ ଧାବିକା ହୋଇଛନ୍ତି। ଏହି ଦୁଇ କ୍ରୀଡ଼ାବିତ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ଓ ମହିଳା ୧୦୦ ମିଟର ରେସରେ ଯଥାକ୍ରମେ ଚାମ୍ପିଅନ ହୋଇଥିଲେ।

ବିଶ୍ୱଆଥଲେଟିକ୍ସର ଏହି ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୁଷ ସଟପୁଟ୍ ଇଭେଣ୍ଟର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଅପରାହ୍ନରେ ରାଜ୍ୟକ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ବାହାଦୁର ସିଂହ ସାଗୋ, କ୍ରୀଡ଼ା ସଚିବ ଭୂପେନ୍ଦର ସିଂହ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ।

### ଅନିମେଶଙ୍କୁ ୬ଷ୍ଠ ସ୍ଥାନ

ଆଜିର ଏହି ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ମିଟର ରେସ୍ ରହିଥିଲା। ଘରୋଇ ତାରକା ଅନିମେଶ କୁଜୁର ଓ ଜାତୀୟ ରେକର୍ଡ ଅଧିକାରୀ ଗୁରିନ୍ଦରବୀର ସିଂହଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକାର ସେପୋ ଜାସନ ୧୦.୧୧ ସେକେଣ୍ଡରେ ରେସ ଫିନିଶ କରି ଚାମ୍ପିଅନ ହୋଇଥିଲେ। ସେହିଭଳି ଓମାନର ଅଲି ବାଲୁସି (୧୦.୧୬) ଓ ଦୀନେଥ ୱିରାରତନା (୧୦.୨୭) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୧୦.୩୨ ସେକେଣ୍ଡରେ ରେସ ଫିନିଶ କରି ଅନିମେଶ ୬ଷ୍ଠ ଓ ଗୁରିନ୍ଦର ୧୦.୩୯ ସେକେଣ୍ଡରେ ରେସ ଶେଷ କରି ନିରାଶ କରିଥିଲେ। ଏହି ଇଭେଣ୍ଟରେ ମୋଟ୍ ୧୮ ଜଣ ଧାବକ ଭାଗନେଇଥିଲେ। ଫାଇନାଲ-୧ ଓ ଫାଇନାଲ-୨ରେ ଶ୍ରେଷ୍ଠ ଟାଇମିଂକୁ ବିଚାର କରି ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା।

### ନିରାଶ କଲେ ଶ୍ରାବଣୀ, ୟାରାଜୀ

ଅନ୍ୟତମ ଆକର୍ଷଣୀୟ ଇଭେଣ୍ଟ ମହିଳା ୧୦୦ ମିଟରରେ ଭାରତ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହି ପଦକ କ୍ଲିନସୁଇପ କରିଥିଲା। ତାମିଲନାଡୁର ଅବିନୟା ରାଜରାଜନ ୧୧.୩୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାମଧ୍ୟ ୨୦ ବର୍ଷରୁ ବୟସବର୍ଗରେ ନୂଆ ଜାତୀୟ ରେକର୍ଡ ହୋଇଛି। ସେହିଭଳି ମହାରାଷ୍ଟ୍ରର ହରିତା ଭଦ୍ରା (୧୧.୪୬ ସେକେଣ୍ଡ) ଓ କର୍ଣ୍ଣାଟକର ସ୍ନେହା ସାନୁ (୧୧.୫୬) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ତେବେ ଦୁଇ ତାରକା ଧାବିକା ଜ୍ୟୋତି ୟାରାଜୀ ଓ ଘରୋଇ ଝିଅ ଶ୍ରାବଣୀ ନନ୍ଦ ନିରାଶ କରିଥିଲେ। ଶ୍ରାବଣୀ ୧୧.୮୫ ସେକେଣ୍ଡ ସମୟ ନେଇ ଓଭରଅଲ ୬ଷ୍ଠ ସ୍ଥାନରେ ରହିଥିଲେ।

# ଆମନ୍ତ୍ରଣୀୟ କ୍ରିକେଟରୁ ଓଡ଼ିଶାର ପ୍ରସ୍ତୁତି

ଭୁବନେଶ୍ୱର,୨୨।୮ (ସମିସ): ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳି ଓଡ଼ିଶା ଦଳ ଆସନ୍ତା କ୍ରିକେଟ ଋତୁ ଲାଗି ପ୍ରସ୍ତୁତି କରିବାକୁ ଅଣ୍ଟା ଭିଡିଛି। ଓଡ଼ିଶାର ଉଭୟ ସିନିଅର ଓ ୨୩ ବର୍ଷରୁ କମ୍ ଦଳ ପୁଡୁଚେରୀରେ ଆମନ୍ତ୍ରଣୀୟ କ୍ରିକେଟ ଖେଳିବାକୁ ଯାଇଛି। ସେଠାରେ ଏହି ପ୍ରତିଯୋଗିତା ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୪ରେ ଶେଷ ହେବ। ଓଡ଼ିଶା ବ୍ୟତୀତ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ ବରୋଦା, ପୁଡୁଚେରୀ, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ସହ ଖେଳିବ। ସେହିପରି ସିନିଅର ଦଳ ସିପି ସେକ୍ରେଟାରୀ ଏକାଦଶ, ମୁମ୍ବଇ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ଟିମ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥର ଓଡ଼ିଶା କ୍ରିକେଟ ଦଳର ସମସ୍ତ ପ୍ରଶିକ୍ଷକ ରାଜ୍ୟର ପୂର୍ବତନ ଖେଳାଳିଙ୍କୁ ନିଯୁକ୍ତ କରାଯାଇଛି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରୁ ଓଡ଼ିଶା ତାହାର ସିଜନ ଲାଗି କିଭଳି ପ୍ରସ୍ତୁତି କରୁଛି ତାହା ଜଣାପଡ଼ିବ। ଉଭୟ ଦଳରେ ରାଜ୍ୟର ସମସ୍ତ ଶୀର୍ଷ ଖେଳାଳିଙ୍କୁ ସାମିଲ କରାଯାଇଛି।

# ଜାତୀୟ ଜଳକ୍ରୀଡ଼ାରେ କର୍ଣ୍ଣାଟକ ପଦକ ସଂଖ୍ୟା ୬୬

ଭୁବନେଶ୍ୱର,୨୨।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫ମ ଦିନରେ ମଧ୍ୟ ଓଡ଼ିଶା ପଦକ ଜିତିବାରେ ସମର୍ଥ ହୋଇପାରି ନାହିଁ। ପୂର୍ବପରି କର୍ଣ୍ଣାଟକ ଓ ମହାରାଷ୍ଟ୍ର ପଦକ ବିଜୟ ଅଭିଯାନ ଅବ୍ୟାହତ ରଖିଛନ୍ତି। ୫ମ ଦିନ ଶେଷ ସୁଦ୍ଧା କର୍ଣ୍ଣାଟକ ୬୬ଟି ପଦକ ଜିତି ତାଲିକାର ପ୍ରଥମ ସ୍ଥାନ ବଜାୟ ରଖିଛି। ଏଥିରେ ୩୩ ସ୍ୱର୍ଣ୍ଣ, ୨୦ ରୌପ୍ୟ, ୧୩ କାଂସ୍ୟ ରହିଛି। ମହାରାଷ୍ଟ୍ର ୧୪ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ କାଂସ୍ୟ ସହ ୫୨ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ତାମିଲନାଡୁ ୪ ସ୍ୱର୍ଣ୍ଣ ସହ ୨୯ ପଦକ ଜିତି ତୃତୀୟ ଓ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ୪ ସ୍ୱର୍ଣ୍ଣ ସହ ୧୦ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଛି। ୫ମ ଦିନରେ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ମଧ୍ୟରୁ କର୍ଣ୍ଣାଟକ ୮ଟି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS